# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୬/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, March 6/2021 | ★★★★

୪୭ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



VANIK
A Leading Institute for Banking, Railway & SSC

# ADMISSION OPEN
# BANKING, SSC, RAILWAY

National Helpline: 8338050077

LIVE | ONLINE
Classroom Course
Available @ vaniksmart.com

**NEW OFFLINE BATCH** Starts from 11th March 2021

**CRP** Timing : Banking (6.30pm-8.30pm), Banking+SSC+Rly (4.15pm-8.30pm)
**Saheed Nagar** Timing : Banking (7am-9am), Banking+SSC+Rly (7am-11.30am)
**Acharya Vihar** Timing : SSC (7am-11.30pm)
**Cuttack** Timing : Banking (11.45am-1.45pm), Banking+SSC+Rly (9.30am-1.45pm)
**Berhampur** Timing : Banking (7am-9am), Banking+SSC+Rly (7am-11.30am)
**Sambalpur** Timing : Banking (7am-9am), Banking+SSC+Rly (7am-11.30am)
**Kolkata** Timing : Banking (11.45am-1.45pm), Banking+SSC+Rly (9.30am-1.45pm)
**Balasore** Timing : Banking (11.45am-1.45pm), Banking+SSC+Rly (9.30am-1.45pm)
**Rourkela** Timing : Banking (11.45am-1.45pm), Banking+SSC+Rly (9.30am-1.45pm)

We offer :
- Classroom Course
- Live/Online Classes
- SSC Technical Course
- Postal Study Package
- Online/Offline Test & Discussion
- Interview Guidance
- Skill Test

## TOP RANKERS ONLY FROM VANIK

ASHIS KUMAR PANDA (RANK 1) OPSC-AEE | SANDIP MOHANTY (RANK 1) IBPS-SO | UMAKANTA SAHOO (RANK 1) OPTCL | PRIYARANJAN ROUT (RANK 1) NIACL | ASUTOSH SAHU (RANK 1) OSSSC (SUB-INSP.) | PRAGNYA (RANK 1) OPTCL | ARPITA K. BISWASROY (RANK 1) ASO | ANJALI THAKUR (RANK 1) OPSC-AAE | SUBHAKANTA SAHOO (RANK 1) OJEE | MANI PRASAD PANDA (RANK 1) SI-DOG SQUARD | BISWAPRAKASH DAS (RANK 2) OPSC-AEE | DIBYASMITA MAJHI (RANK 2) ASO | DEBASISH BISWAL (RANK 2) FCI-ASST. GRADE-III | MILAN KU. MAHAPATRA (RANK 2) FCI-ASST. GRADE-II | PREMANJAN ROUT (RANK 3) FCI-ASST. GRADE-III | SATYAM PANDA (RANK 4) OPSC-AEE | ADARSHA KUMAR BARIK (RANK 4) FCI-ASST. GRADE-III | DEBABRATA KAR (RANK 4) ASO | JIGNYASU NAYAK (RANK 5) FCI-ASST. GRADE-III



*Opening of New Centre*

Special Inauguration DISCOUNT **Upto 70%** For 1st 100 Students

# BALASORE & ROURKELA

Gadagadia Chowk, Near Sanjay Heights
Ph : 8093136677, 8093146677 | E-mail : vanikbalasore@gmail.com

Near NM +2 Science College, Koel Nagar
Ph : 8093083549, 8093083550 | E-mail : vanikrourkela@gmail.com

Admission Open for **Banking, SSC, Railway, ASO, OAS**
**New Batch Starts from 25th March 2021**

For Admission, Office Open from 8th March 2021

# ADMISSION OPEN
## Advance Batch for
# A.S.O
ASSISTANT SECTION OFFICER

# HIGH COURT & SECRETARIAT




6-8 Months Course | Daily 4 Hours

New Batch Starts from 11th March 2021

- 450+hr Comprehensive Class
- Special Doubt Clearing Class
- Exclusive ASO Study Material (10 Books)
- Offline/Online Test Series with Discussion
- Daily & Weekly Study Material in Class
- Exclusively ASO Current Affairs
- Separate Weekly Current Affairs Class & Test

CRP : Time : 7am to 11.30am | Time : 4.15pm to 8.30pm
SAHEED NAGAR : Time : 7.00am to 11.30am
ACHARYA VIHAR : Time : 4.15pm to 8.30pm
CUTTACK : Time : 9.45am to 2.00pm
BERHAMPUR : Time : 4.15pm to 8.30pm
SAMBALPUR : Time : 7.00am to 11.30am
BALASORE : Time : 7.00am to 11.30am
ROURKELA : Time : 7.00am to 11.30am

COURSES OFFERED FOR ASO
1. Regular Classroom Course
2. Weekend Classroom Course
3. Special Evening Batch for Job Holders
4. Online Live Class
5. Online Recorded Class
6. Online Test and Live Discussion
7. Offline Test and Discussion
8. Exclusive Online Test Package
9. Postal Study Course Package
10. ASO Subjectwise Books
11. ASO Mock Practice Books
12. Individual Subject Coaching

ONLINE TEST & DISCUSSION
Starts from 11th March 2021
TEST : 2pm-4pm (TTS) | Discussion : 2pm-6pm (MWF)
Online Payment Facility Available

5 IN TOP 10 | 191 OUT OF 500 | 38% SELECTION FROM VANIK | 1 SELECTION IN EVERY 3 SELECTION ARE FROM VANIK

## ASSISTANT SECTION OFFICER SELECTIONS OF 2019

1 ARPITA KUMARI BISWASROY | 2 DIBYASMITA MAJHI | 4 DEBABRATA KAR | 6 MUNA PATRA | 8 UMA SHANKAR SAHOO

12 JAGABANDHU SAHOO | 20 INDRA SWARUP SAHOO | 21 SAMBIT PRASAD KARNA | 22 DEBASIS SAHU | 23 SUBHASHREE ROUT | 24 RATNAKAR MAHARATHA

25 DEBA SHANKAR SAHU | 26 GURUCHARAN MOHAPATRA | 31 ANIL KUMAR PATRA | 34 TAPAN KUMAR PATI | 37 AMRUTA BISHI | 41 ABHIJIT JAYAPRAKASH PRADHAN

46 HIMANSHU SHEKHAR MANDAL | 47 SITIKANTHA CHAKRA | 48 YAMINEEKANTA ROUT | 50 SOUMYAKANT BISWAL | 51 SIDDHARTHA S. KHAMARI | 52 SWAGAT PRADHAN | 58 PRITIBALA RANA | 62 SUCHITRA SAHU | 63 SUSMITA SATAPATHY | 64 ANIL KUMAR PRADHAN | 66 RAGHUNATH PARIDA | 67 MAHESWAR SAHOO | 68 SUDHIR KUMAR NAYAK | 71 SHARADA PRASAD DAS | 75 SUBESH MANI

And Many More Selections

**Saheed Nagar** B-61, A & B, Saheed Nagar Bhubaneswar 7205556677, 9040091102
**CRP** Plot-1441, Opp. IOCL Petrol Pump, CRP Square, Bhubaneswar 8093556677, 9040456677
**Acharya Vihar** Near Pani Tanki, Acharya Vihar, Bhubaneswar 8093083565, 9937436677
**Cuttack** Near Yamaha Showroom, Link Road, Cuttack 8984556677, 9040656677
**Berhampur** OSRTC Depo, Infont of SBR Women's College, Near Khalikot College 7992556677, 8018036677
**Sambalpur** Plot-266, Unit-7, Modipada Sambalpur-768001 7377556677
**Kolkata** Sealdah Big Bazar Complex, 6th Floor, Beliaghata Main Road, Kolkata 7449556677, 6293556677

www.vanik.org
vanikbbsr@gmail.com
www.facebook.com/vanikbbsr

# VANIK-IAS
Exclusive Coaching for UPSC/OPSC/WBCS

# ADMISSION OPEN FOR IAS & OAS-2021
**Starts from 11th March 2021**
(REGULAR BATCH FOR PRELIM & MAIN)
Morning Batch : 6.30am-9.30am | Evening Batch : 6pm-9pm

## UPSC CIVIL SERVICE EXAM 2019


Om Prasad Mohanty | Sameer Vijay Mahajan

## OCS CRASH COURSE
For (PRELIM) 2020
Starts from 11th March 2021
Time : 7am-9am & 9.30am-11.30am


## OPTIONAL SUBJECTS OFFERED
Political Science | Public Administration | Sociology | Odia | Geography | Home Science | Psychology
Batch Timing : 10am-1pm & 2pm-5pm

## CORRESPONDENCE COURSE FOR OCS (PRELIMINARY) 2020
15 Volumes of Materials | 35 TESTs | 5 VSTs with Discussion

## CIVIL SERVICE FOUNDATION COURSE
Starts from 11th March 2021 for Under Graduates
Classes only Sat, Sun & Holidays

## UNPARALLEL RESULT IN JUST 4 YEARS WITH TOPPERS & RANKERS

- IAS 2019 (AIR-715 & AIR-810)
- OCS 2018 (Rank-1 to 5, 9, 10 & Total 100 rank holders)
- OCS-2017 (3rd Ranker along with 25 other rank holders)
- OCS-2016 (2nd Topper along with 15 other rank holders)
- OCS-2015 (Topper along with 32 rankers)
- OFoS-2015 (Topper with 10 other rank holders)

VANIK-IAS STUDENTS SELECTION DATA



## OCS SELECTIONS OF 2018

7 IN TOP 10 | 11 IN TOP 20 | 24 IN TOP 50 | 47 IN TOP 100 | 48% SELECTION FROM VANIK

1 DEBASIS PANDA, 2 RITUPARNA MOHAPATRA, 3 AKASH KUMAR PANDA, 4 SANTOSHINI DAS, 5 NARAYANI P. PANDA, 9 SHAKTI MOHAPATRA, 10 SMARANIKA TULO

EVERY SECOND SELECTION IS FROM VANIK

11 Sampat Ku. Dash, 15 Sarada P. Panda, 18 Sidhant Narayan, 19 Akash Pattnaik, 22 Priti R. Rath, 26 Rajiv Das, 28 Abhishek Sahu, 29 Annanya Tripathy, 30 Prasenjit Mishra, 34 Debajyoti Panda, 35 Avipsa Mohanty, 39 Dillip Satapathy, 42 Nibedita Parida, 43 Rashmiprava Das, 46 Asima Padhi, 48 Om Prasad, 50 Jyotibikash Dash, 51 Narayan Behera, 52 Suvasnnigdha, 54 Subrat Ku. Swain, 56 Biswa Tripathy, 57 Upasana Padhi, 58 Bibhuti Satapathy, 63 Avilash Purohit, 67 Birendra Tripathy, 70 Himanshu B. Pale, 73 Sambit Ku. Majhi, 74 Subhadra, 75 Byomakesh, 76 Bishnu Govind, 77 Tanmaya Nayak, 79 Ashutosh Matari, 81 Anshuman Sarangi, 85 Krishna Padhi, 87 Madhusmita Nanda, 88 Adarsh A. Tripathy

And Many More Selections

vaniksias@gmail.com | www.vanikias.com | CRP | CUTTACK | BERHAMPUR | SAMBALPUR | CONTACT : 8093083555, 8984111101

*Special Discount for SC/ST & Ex-Vanik Students

## ADMISSION OPEN
for Session : 2020-22
# B.Ed., B.P.Ed., M.ED.
Full time regular certificate course under
- Acharya Nagarjuna University

Admission Open
## CT/B.Ed.
Entrance Coaching
Batch Starts from 11th March 2021
## OTET/OSSTET/CTET
Duration : 8 Months | Daily : 4hr Class | Total : 650hrs
Timing : 9.30am-11.30am & 11.45am-1.45pm

## ENGINEERING TECHNICAL CLASS
SSC, Railway, OPSC & PSUs
Technical - 450 hrs | Non-Technical - 250 hrs
WEEKLY 2-7 DAYS CLASS (Duration : 7-8 Months)
Branch : EE | EC | ME | CE
Classes by faculty from New Delhi & Hyderabad

# VANIK DEFENCE ACADEMY

## CDS, AFCAT, SSB, CAPF
NEW BATCH ADMISSION OPEN
Starts from 11th March 2021 | Time : 11.45am - 2.00pm
6-8 Months | 600hrs Class | Daily 4hr
CRP | ACHARYA VIHAR | BERHAMPUR

## NDA
NATIONAL DEFENCE ACADEMY
ONLINE
1 Year Course
Starts from 11th March 2021
TIME : 5PM-7PM

## AIRFORCE
GROUP 'X' AND 'Y'
NEW BATCH STARTS FROM 11th March 2021
2 Months | 250 Hrs Class | Daily 4 Hrs
At : Acharya Vihar

50% OFF
- For First 50 students
- Defence Personals Children
- Free Courses for Children of Martyrs

## VANIK SMART
A Digital Platform for all Courses


Exclusive for Online/Live Classes
RECORDED CLASS & LIVE CLASS
@ vaniksmart.com

### Features & Facilities
- Best way to prepare online
- Join Live/Online classes
- Lectures by India's best faculties
- Exam oriented teaching
- Systematic syllabus
- Read & practice handouts in PDF
- Compare & improve through test
- Online Discuss with expert faculties
- Learn anytime
- All things in single platform

## OSSC
BLOCK SOCIAL SECURITY OFFICER
4 Months | 350 Hrs Class | Daily 4 Hrs
Starts from 11th March 2021
TIME : 4.15PM-8.30PM

3 WEEKS INTERVIEW PROGRAMME for RRB-PO, SBI-PO, IBPS-PO, OAVS
11th March 2021 | At : CRP | Time : 10am-12pm
by expert panel consisting of Retired Finance Officers, Ex-Pannelist and HR Experts

COMPUTER SKILL TEST FOR SSC-CGL, OSSC, SSB, OSSSC, OMC
Offline Class & Offline Practice - 40 hrs | Time : 11am-1pm
Free Study Materials

SELECTION DATA OF VANIK STUDENTS


VANIK WAS ESTABLISHED ON 13.11.2013

FOR ONLINE TEST & DISCUSSION
Visit : vanikonline.com

STUDENTS INFORMATION vanik.org | ONLINE TEST (ONGOING) vanikonline.com | ONLINE TEST (PRE-LOAD) vanikonline.in

# VANIK PUBLICATION BOOKS



Publication Books Available at vanikpublications.com, Amazon, Flipkart & Leading Book Stores of India

ଧରିତ୍ରୀ
DHARITRI
ଶନିବାର, ମାର୍ଚ୍ଚ ୬/୨୦୨୧ | Saturday, March 6/2021 | ପୃଷ୍ଠା-୧



### ରିଷଭ ପନ୍ତଙ୍କ ଶତକ

ଅହମଦାବାଦରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ।

୧୧ ୧୨

### ଡବଲ ରୋଲରେ ଐଶ୍ୱର୍ଯ୍ୟା

ବଲିଉଡ୍ ବିୟୁଟି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ତାଙ୍କ ଆଗାମୀ ଫିଲ୍ମ 'ପୋନ୍ନିୟିନ ସେଲଭନ'ରେ ଡବଲ ରୋଲରେ ନଜର ଆସିବେ ।



# 'ଲୋକ ହେଉଛନ୍ତି ମାଲିକ'




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ମୋ ସେବା କେନ୍ଦ୍ର ଏବଂ ଓଡ଼ିଶା ୱାନ୍ ପୋର୍ଟାଲକୁ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର, ୫।୩(ବ୍ୟୁରୋ)**

ଗଣତନ୍ତ୍ରରେ ଲୋକ ହେଉଛନ୍ତି ମାଲିକ। ଲୋକଙ୍କୁ ସଶକ୍ତ କରିବା ଏବଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ସେମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ସେବା ଓ ସମ୍ମାନ ହେଉଛି ସରକାରଙ୍କର ମୂଳମନ୍ତ୍ର। ଏହି ଲକ୍ଷ୍ୟ ନେଇ ଆମର ୫-ଟି ପଦକ୍ଷେପ ଏବଂ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସାଧାରଣ ଲୋକେ ଯେପରି ସୁବିଧା ଓ ସହଜରେ ବିଭିନ୍ନ ସରକାରୀ ସେବା ପାଇପାରିବେ ଏହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ଦିବସ ପାଳନ ଅବସରରେ ମୋ ସେବା କେନ୍ଦ୍ର ଏବଂ


- **୩ ହଜାର 'ମୋ ସେବାକେନ୍ଦ୍ର, ଓଡ଼ିଶା ୱାନ୍ ପୋର୍ଟାଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**
- **ପ୍ରତ୍ୟେକ ଗାଁରେ ଖୋଲିବ ମୋ ସେବା କେନ୍ଦ୍ର**
- **୮ ହଜାର ଯୁବତୀଯୁବକଙ୍କ ପାଇଁ ସୃଷ୍ଟି ହେବ ଆତ୍ମନିଯୁକ୍ତି**

ଓଡ଼ିଶା ୱାନ୍ ପୋର୍ଟାଲ ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ୩୦୦୦ରୁ ଊର୍ଦ୍ଧ୍ୱ ମୋ ସେବା କେନ୍ଦ୍ର ଏବଂ ଓଡ଼ିଶା ୱାନ୍ ପୋର୍ଟାଲ ଲୋକାର୍ପଣ କରିଛନ୍ତି। ୫-ଟି ଉପକ୍ରମ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ଭାବେ ପାଳନ କରୁଛନ୍ତି। ପ୍ରଯୁକ୍ତିବିଦ୍ୟାର ଉପଯୋଗ ନେଇ ବିଜୁବାବୁଙ୍କ ଚିନ୍ତାଧାରା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରି କହିଛନ୍ତି, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସବୁ ବଦଳିଗଲା**





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ।

# '୫ବର୍ଷରେ ଓଡ଼ିଶା ଦ୍ରୁତ ଅଭିବୃଦ୍ଧି କରିଛି'

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଗତ ୫ବର୍ଷ ଭିତରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ଆମ ଯୁବଗୋଷ୍ଠୀଙ୍କ ଆକାଂକ୍ଷା ପୂରଣ କରିବା ଓ ସେମାନଙ୍କୁ ସର୍ବଭାରତୀୟ ସ୍ତରରେ ନିଯୁକ୍ତି ଦେବା ହେଉଛି ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ

**ବିଶ୍ୱ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ**

'ବିଶ୍ୱ ଦକ୍ଷତା କେନ୍ଦ୍ର' ବା 'ୱାର୍ଲ୍ଡ ସ୍କିଲ ସେଣ୍ଟର'କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ଏହା କହିଛନ୍ତି। 'ୱାର୍ଲ୍ଡ ସ୍କିଲ ସେଣ୍ଟର' ଆମର ଯୁବପିଢ଼ିଙ୍କୁ ଦକ୍ଷତା ତାଲିମ ଦେଇ ସେମାନଙ୍କୁ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ବିଶ୍ୱ ଦକ୍ଷତା କେନ୍ଦ୍ରକୁ ସିଙ୍ଗାପୁରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ, ରୁଷିଆର ୱାର୍ଲ୍ଡ ସ୍କିଲ୍ସ ଏବଂ ଦକ୍ଷିଣ କୋରିଆର ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର ସ୍କିଲ୍ ମଡେଲ ଅନୁଯାୟୀ ପ୍ରତିଷ୍ଠା କରାଯାଇଛି। ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ପ୍ରୋଜେକ୍ଟ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ଜଳବାୟୁ ଲକ୍ଷ୍ୟ ହାସଲ ଦିଗରେ ଭାରତ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଗ୍ରସର ହେଉଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................



ଜୀବନଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିବିଏସ୍ଇ ଦଶମ, ଦ୍ୱାଦଶ ପରୀକ୍ଷା ସୂଚୀରେ ପରିବର୍ତ୍ତନ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ମେ' ୪ରୁ ଆରମ୍ଭ ହେବ। ଜୁନ୍ ୭ରେ ଦଶମ ପରୀକ୍ଷା ଓ ଜୁନ୍ ୧୪ରେ ଦ୍ୱାଦଶ ପରୀକ୍ଷା ସରିବ। କିନ୍ତୁ କେତେକ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଦଶମ ଶ୍ରେଣୀର ବିଜ୍ଞାନ ପରୀକ୍ଷା ମେ'୧୫ ପରିବର୍ତ୍ତେ ମେ ୨୧ ତାରିଖରେ ହେବ। ସେହିପରି ଗଣିତ ପରୀକ୍ଷା ମେ' ୨୧ରୁ ଜୁନ୍ ୨କୁ ଘୁଞ୍ଚାଯାଇଥିବାବେଳେ ଦ୍ୱାଦଶ ଶ୍ରେଣୀର ଫିଜିକ୍ସ ପରୀକ୍ଷା ମେ' ୧୩ ପରିବର୍ତ୍ତେ ଜୁନ୍ ୮ରେ ହେବ। ନୂଆ ସୂଚୀ ଅନୁସାରେ ମେ' ୧୩ରୁ ୧୬ ମଧ୍ୟରେ କୌଣସି ପରୀକ୍ଷା ନାହିଁ। ଛାତ୍ରଛାତ୍ରୀମାନେ ସିବିଏସ୍ଇର ୱେବ୍‌ସାଇଟ୍ www.cbse.nic.inକୁ ଯାଇ ଅଧିକ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା ମାଳୀ ମାଇଲା ତାଳି
ଧରି ପକେଇଲା ଖେଚୁଡ଼ି ଥାଳି।**

କେତେକ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଆଖିରେ ଆଙ୍ଗୁଠି ଗେଞ୍ଜି ସବୁକିଛି ଏପରି ଆତ୍ମସାତ କରିନିଅନ୍ତି ଯେ ତା'ର ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅନ୍ୟକୁ ବୋକା ବା ଭକୁଆ ବନେଇ ସାର ପଦାର୍ଥ ଧରି ଚମ୍ପଟ ମାରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ ଘଟା
ମଲ୍ଲୀ ଫୁଲଠେଇଁ ଉଠିଛି କଣ୍ଟା।**

ଗୋଲାପ ଗଛରେ କଣ୍ଟା ଥାଏ ପରନ୍ତୁ ମଲ୍ଲୀ ଗଛରେ କଣ୍ଟା ନ ଥାଏ। ବେଳେବେଳେ କିଛି ଆଚମ୍ବିତ କଲା ଭଳି ଘଟଣା ଘଟିଥାଏ। ଯାହାକି ଆଖିକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅଘଟଣ ଘଟଣା ଘଟିବା ବା ଉପୁଜିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଏସ୍ଏଫ୍‌ଡିଆର୍‌ର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ,୫।୩**



ବାଲେଶ୍ୱର ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ସଲିଡ୍ ଫୁଏଲ୍ ଡକ୍ଟେଡ୍ ରାମଜେଟ୍ (ଏସ୍ଏଫ୍‌ଡିଆର୍)ର ଶୁକ୍ରବାର ସଫଳ ପରୀକ୍ଷଣ କରାଯାଇଛି। ଏଥିରେ ସବସିଷ୍ଟମ୍, ବୁଷ୍ଟର ମୋଟର, ନୋଜଲ-ଲେସ୍ ମୋଟର କାର୍ଯ୍ୟ କରିଛି। ପୂର୍ବରୁ ୨୦୧୯ରେ ଏହାର ପରୀକ୍ଷଣ ହୋଇଥିଲା। କଠିନ ଇନ୍ଧନ ଆଧାରିତ ଡକ୍ଟେଡ୍ ରାମଜେଟ୍‌ର ସଫଳ ପ୍ରଦର୍ଶନ ଡିଆର୍‌ଡିଓକୁ ଟେକ୍ନୋଲୋଜି କ୍ଷେତ୍ରରେ ଆଗକୁ ନେଇଛି। ଦୂରଗାମୀ ଏୟାର-ଟୁ-ଏୟାର ମିଶାଇଲ୍ ବିକଶିତ କରିବା କ୍ଷେତ୍ରରେ ଏହା ସାହାଯ୍ୟ କରିବ। ପରୀକ୍ଷଣ ସମୟରେ ମିଶାଇଲରେ ବୁଷ୍ଟର ମୋଟର ବ୍ୟବହାର କରାଯାଇଥିଲା। ସେହିଭଳି ନୋଜଲ-ଲେସ୍ ବୁଷ୍ଟର୍‌ରେ ରାମଜେଟ୍ ପରୀକ୍ଷଣ ନମ୍ବର ମ୍ୟାଚ୍ କରାଯାଇଥିଲା। ଏହାର କାର୍ଯ୍ୟଦକ୍ଷତା ତଥ୍ୟ ଆଇଟିଆର୍‌ର ଇଲେକ୍ଟ୍ରୋ ଅପଟିକାଲ, ରାଡାର ଏବଂ ଟେଲିମେଟ୍ରି ଦ୍ୱାରା ମନିଟର କରାଯାଇଥିଲା। ପରୀକ୍ଷଣକୁ ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକ, ଡିଆର୍‌ଡିଏଲ୍, ଆର୍‌ସିଆଇ ଏବଂ ଏଚ୍‌ଇଏମ୍‌ଆର୍‌ଏଲ୍‌ଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଡିଆର୍‌ଡିଓ ଅଧକ୍ଷ ଡ. ଜି. ସତୀଶ ରେଡ୍ଡୀ ଡିଆର୍‌ଡିଓର ବୈଜ୍ଞାନିକ ଏବଂ ବାୟୁସେନାକୁ ଶୁଭେଚ୍ଛା ଜଣାଇଛନ୍ତି।

**ଶୁଭେଚ୍ଛା ଜଣାଇଲେ ପ୍ରତିରକ୍ଷା ମନ୍ତ୍ରୀ**

## ପ୍ରଥମ ପୃଷ୍ଠାରୁ...

### '୫ବର୍ଷରେ ଓଡ଼ିଶା ...

ଅଧୀନରେ ନିର୍ମିତ ଏହି କେନ୍ଦ୍ରକୁ ଏସୀୟ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ସହଯୋଗ କରିଥିବାବେଳେ ନଲେଜ ପାର୍ଟନର ରହିଛି ସିଙ୍ଗାପୁରର ଆଇଟିଇ ଏଜୁକେଶନ ସର୍ଭିସେସ୍। ୧୩୪୨.୨କୋଟି ଟଙ୍କାର ବଜେଟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ର ଆଇଟିଆଇ ଏବଂ ପଲିଟେକ୍ନିକ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ ଭାବେ ପରିଗଣିତ ହେବା ସହ ସେବା କାର୍ଯ୍ୟକ୍ରମ ଚଳାଇବ। ଆଇଟିଆଇ ଓ ପଲିଟେକ୍ନିକ୍ ଶିକ୍ଷକମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ନିମନ୍ତେ ଏହା ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ରେଫ୍ରିଜରେଶନ ଆଣ୍ଡ୍ ଏୟାର୍ କଣ୍ଡିସନର, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ସର୍ଭିସେସ୍, ଭର୍ଟିକାଲ ଟ୍ରାନ୍ସପୋର୍ଟ, ପ୍ରେସିସନ୍ ଇଞ୍ଜିନିୟରିଂ, ମେକାଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ ଟେକ୍ନୋଲୋଜି ସମେତ ଫ୍ୟାଶନ ଏବଂ ଡିଜାଇନ ଓ ସୌନ୍ଦର୍ଯ୍ୟ ଏବଂ ସୁସ୍ଥତା ଭଳି ପାଠ୍ୟକ୍ରମ ପ୍ରଥମ ଥର ଆରମ୍ଭ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରସ୍ତୁତ ହୋଇଛି। ଆଇଟିଆଇ/ପଲିଟେକ୍ନିକ ଛାତ୍ରୀଛାତ୍ରଙ୍କୁ ଏହି କେନ୍ଦ୍ର ମଡ୍ୟୁଲାର ପାଠ୍ୟକ୍ରମ ମଧ୍ୟ ପ୍ରଦାନ କରିବ। ଏହାବ୍ୟତୀତ ଓଡ଼ିଶାର ଶିଳ୍ପ ଅନୁଷ୍ଠାନ ପାଇଁ ସେଣ୍ଟର ଫର୍ ଇଣ୍ଡଷ୍ଟ୍ରି ପାର୍ଟନରଶିପ୍ ଭାବେ କାର୍ଯ୍ୟ କରିବ।

ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ 'କୁଶଳୀ ଓଡ଼ିଶା'ର ୫ବର୍ଷର ସଫଳତା ଉପରେ ଆଲୋକପାତ କରିଥିଲେ। ଆମର ଯୁବକମାନଙ୍କୁ ବିଶ୍ୱବ୍ୟାପୀ ନିଯୁକ୍ତି ଦେବା ନିମନ୍ତେ ଦକ୍ଷତା ବିକାଶ ପାଇଁ ଉତ୍ତମ ସୁଯୋଗ ଯୋଗାଇବା ଏବଂ ସାମଗ୍ରିକ ବିକାଶର ଆବଶ୍ୟକତା ପାଇଁ ରାଜ୍ୟ ସ୍କିଲ ଭିଜନ ୨୦୩୦ ସୃଷ୍ଟି କରିବ ବୋଲି ବାଗ୍‌ଚୀ କହିଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୀବ କୁମାର ସିଂ ଯୋଗଦେଇ ଓଡ଼ିଶାର ସ୍କିଲ ଇକୋସିଷ୍ଟମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଏସୀୟ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଡିଜି କେନିଚି ୟୋକୋୟାମା, ଆଇଟିଇଇଏସ୍ ସିଇଓ ବ୍ରୁସ୍ ପୋହ ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ଦକ୍ଷତା କେନ୍ଦ୍ରର ଉଦ୍‌ଘାଟନ ଅବସରରେ ସେମାନଙ୍କର ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### 'ଲୋକ ହେଉଛନ୍ତି ...

ବିଜୁବାବୁ ଚାହୁଁଥିଲେ ପ୍ରଯୁକ୍ତିବିଦ୍ୟାର ସୁବିଧା ପ୍ରତ୍ୟେକ ଗାଁରେ ପହଞ୍ଚୁ। ଏହାର ସୁଫଳ ସାଧାରଣ ଲୋକଙ୍କ ସେବାରେ ଉପଯୋଗ ହେଉ। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସୁ। ମୋ ସେବାକେନ୍ଦ୍ର ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ଏହି କେନ୍ଦ୍ର ଦ୍ୱାରା ସାଧାରଣ ଲୋକ ନିଜ ଘର ପାଖରେ ବିଭିନ୍ନ ପ୍ରକାର ସରକାରୀ ସୁବିଧା ପାଇପାରିବେ। ଏଥିପାଇଁ ସେମାନଙ୍କୁ ଆଉ ବାରମ୍ବାର ଅଫିସ ଯିବାକୁ ପଡ଼ିବ ନାହିଁ। ଆଗାମୀ ଦିନରେ ରାଜ୍ୟର ସବୁ ପଞ୍ଚାୟତରେ ଗୋଟିଏ ଲେଖା ମୋ ସେବାକେନ୍ଦ୍ର ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ୮୦୦୦ ଯୁବତୀଯୁବକ ଆତ୍ମନିଯୁକ୍ତିର ସୁଯୋଗ ପାଇବେ। ସେହିପରି ସହରବାସୀ ତଥା ଯେଉଁମାନେ କମ୍ପ୍ୟୁଟର ଜାଣିଛନ୍ତି ସେହି ଲୋକଙ୍କ ପାଇଁ ଓଡ଼ିଶା ୱାନ୍ ପୋର୍ଟାଲ ସେବା ଯୋଗାଇବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଦୁଇ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ତଥା ସେବାର ଗୁଣାତ୍ମକ ମାନ ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟରେ ୫-ଟି ଉପକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ, ସରକାରୀ ଅଫିସକୁ ବିଭିନ୍ନ ସେବା ପାଇବା ପାଇଁ ଲୋକଙ୍କୁ ବାରମ୍ବାର ଯିବାରୁ ମୁକ୍ତି ଦେବାରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ ଭାବେ ବର୍ଣ୍ଣନା କରିଛନ୍ତି। ଏହାଦ୍ୱାରା ସବୁ ବର୍ଗର ଲୋକ ଉପକାର ପାଇବେ ବୋଲି ସେ ମତ ଦେଇଛନ୍ତି। ମୋ ସେବାକେନ୍ଦ୍ରର ସୁବିଧା ନେଇଥିବା କୋଣାର୍କ, ହିଞ୍ଜିଳି, ଅତାବିରା, ନବରଙ୍ଗପୁର, ଭଦ୍ରକ ଓ ଗଜପତିର ହିତାଧିକାରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମତ ବିନିମୟ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗ ସଚିବ ମନୋଜ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ଏମ୍‌ପି ଓ ବିଧାୟକଙ୍କ ସମେତ ବିଭାଗୀୟ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ହେବ ଏନ୍‌ସିସି ଏୟାର୍ ୱିଙ୍ଗ୍ କେନ୍ଦ୍ର



ଅତିଥିମାନଙ୍କ ଗହଣରେ ସ୍ଥଳ ଓ ନୌସେନା ବାହିନୀର ଛାତ୍ରୀଛାତ୍ର।

**ଝାରସୁଗୁଡ଼ା ଅଫିସ୍,୫।୩**

ଝାରସୁଗୁଡ଼ାରେ ରାଜ୍ୟର ଦ୍ୱିତୀୟ ଏନ୍‌ସିସି ଏୟାର୍ ୱିଙ୍ଗ କେନ୍ଦ୍ର ସ୍ଥାପନ ହେବାକୁ ଯାଉଛି। ଏଥିପାଇଁ ଝାରସୁଗୁଡ଼ା ମାଳିମୁଣ୍ଡା ନିକଟରେ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ାର ଦ୍ୱିତୀୟ ବାଟାଲିଅନ୍ କମାଣ୍ଡିଂ ଅଫିସର ମନୋଜ କୁମାର ପୁରୋହିତ ମୁଖ୍ୟଅତିଥି ଓ ସ୍ଥାନୀୟ ଲକ୍ଷ୍ମୀନାରାୟଣ କଲେଜ୍ ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ମାନସ କୁମାର ଆଚାର୍ଯ୍ୟ, କର୍ଣ୍ଣେଲ୍ ଗ୍ରୁପ୍ କମାଣ୍ଡର୍ ଏନ୍‌ସିସି ସମ୍ବଲପୁର ଏ ଏସ୍ ଏନ୍ ରାଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କେନ୍ଦ୍ରରେ ଭାରତୀୟ ଆକାଶ ବାହିନୀର ଉଇଙ୍ଗ୍ କମାଣ୍ଡର୍ ଦେବାଶିଷ ମଙ୍ଗରାଜ ନିଯୁକ୍ତି ପାଇଥିବା ଜଣାପଡିଛି। କେନ୍ଦ୍ରରେ ପଶ୍ଚିମ ଓଡିଶାର ସମୁଦାୟ ୧୨ଜିଲାର ୨୩ଶହ ଛାତ୍ରୀଛାତ୍ର ଉଠାଣ, ଡ୍ରିଲ୍, ଆକାଶ ଉପରେ ବିଭିନ୍ନ ସମସ୍ୟା ଓ ତା'ର ସାମାଧନ, ଆକାଶ ଛତା, ଛୋଟ ଉଡାଜାହାଜ ଉଡାଣ ଆଦି ସମ୍ପର୍କରେ ଶିକ୍ଷା ଅର୍ଜନ କରିବେ। ଫଳରେ ଦେଶସେବା, ଜାଗୃତ ନାଗରିକ ଗଠନ ଆଦି ସୁବିଧାସୁଯୋଗ ମିଳିପାରିବ ବୋଲି କର୍ଣ୍ଣେଲ ତଥା ଗ୍ରୁପ୍ କମାଣ୍ଡର ରାଓ ତାଙ୍କ ବକ୍ତବ୍ୟରେ କହିଛନ୍ତି। କାର୍ଯ୍ୟକ୍ରମରେ ଏଲ୍ ଏନ୍ କଲେଜର ସ୍ଥଳ ଓ ନୌସେନା ବାହିନୀର ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଶ୍ରୀମନ୍ଦିର ପରିକ୍ରମା ଯୋଜନା ସଫଳ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୫।୩(ବ୍ୟୁରୋ): ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ମିଳିତ ଭାବେ ସଫଳ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ଆଇନମନ୍ତ୍ରୀ ପ୍ରତାପ ଜେନା। ଏକ ପ୍ରେସ୍ ବିଜ୍ଞପ୍ତିରେ ସେ କହିଛନ୍ତି, ବିଧାନସଭାରେ ଆଗତ ପ୍ରସ୍ତାବରେ ଏକ ବିନ୍ଦୁ ଥିଲା ମହାପ୍ରଭୁଙ୍କ ଏଭଳି ସେବାକାର୍ଯ୍ୟରେ ସମସ୍ତେ ସାମିଲ ହେବା। ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଛି। କାଳିଆ ଠାକୁରଙ୍କ ଶ୍ରୀକ୍ଷେତ୍ରଧାମର ବିକାଶରେ ସାମାନ୍ୟ ଅବଦାନ ରହିଲେ ଏହା ଆମର ଶ୍ରେଷ୍ଠ ସୌଭାଗ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ମତ ରଖିଥିଲେ। ଆମେ ସମସ୍ତେ ମିଳିମିଶି ଏହି ମହତ୍ କାର୍ଯ୍ୟରେ ସାମିଲ ହେବା ବୋଲି ମନ୍ତ୍ରୀ କହିଛନ୍ତି।

# ଏପ୍ରିଲ ୧୬ ଯାଏ କୋର୍ଟରେ ହାଜର ହେବେନି ଅର୍ଣ୍ଣବ

**ମୁମ୍ବାଇ, ୫।୩**

ଆତ୍ମହତ୍ୟା ପାଇଁ ବାଧ କରିବା ମାମଲାରେ ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅନ୍ତରୀଣ ସୁରକ୍ଷାକୁ ବମ୍ବେ ହାଇକୋର୍ଟ ଏପ୍ରିଲ ୧୬ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ସେ ଏହି ସମୟ ପର୍ଯ୍ୟନ୍ତ ଆଲିବାଗ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର ହେବେନାହିଁ। ଅର୍ଣ୍ଣବଙ୍କ କମ୍ପାନୀରେ କାର୍ଯ୍ୟ କରିଥିବା ଇଣ୍ଟେରିୟର ଡିଜାଇନର ଅନ୍ୱୟ ନାଏକ ପାରିଶ୍ରମିକ ନ ପାଇବା କାରଣରୁ ୨୦୧୮ରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ତାଙ୍କୁ ବାଧ କରାଯାଇଥିବା ଅଭିଯୋଗରେ ଅର୍ଣ୍ଣବ ଏବଂ ଅନ୍ୟ ଦୁଇଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ୍ୟ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୁଧଙ୍କ ନକ୍ଷତ୍ରରେ ଚନ୍ଦ୍ର ଯୋଗୁ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। ଅବଶ୍ୟ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆଜିର ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ଉପକୃତ ହେବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ରବି ଦେବଗୁରୁଙ୍କ ନକ୍ଷତ୍ରସ୍ଥ ଯୋଗୁ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡ଼ି ଦେଇପାରେ। ତଥାପି ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ଭାଗ୍ୟସ୍ଥାନରେ ଶୁକ୍ର ଓ ରବିଙ୍କ ଉପସ୍ଥିତି ହେତୁ ନୂତନ କର୍ମାରମ୍ଭ ଫଳପ୍ରଦ ହେବ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** ଧନାଧିପଙ୍କ ଶୁଭ ସଂସ୍ଥାନ ହେତୁ ଆଜି ଆର୍ଥିକ ସ୍ଥିତି ଭଲ ରହିବ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରି ଯିବ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆକସ୍ମିକ ଭାବେ ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ** ବଳବାନ ରାହୁ ଓ ମଙ୍ଗଳ କର୍ମସ୍ଥ ହେତୁ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଯୋଗୁ କାର୍ଯ୍ୟ ସାଧନରେ ସମର୍ଥ ହେବେ। ବହୁତ ଅନୁସନ୍ଧାନ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାର ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ନିଜ ଭାବକୁ ମଙ୍ଗଳଙ୍କ ଦୃଷ୍ଟିଥିବାରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡିଲେ ପଶ୍ଚାତ୍ତାପ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା** ମୁଖଭାବସ୍ଥ ଚନ୍ଦ୍ର ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ସାମୟିକ ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଚତୁର୍ଥାଧିପ ବୃହସ୍ପତିଙ୍କ ସଂଯୋଗ ଯୋଗୁ ପରିବାର ସମସ୍ୟା ଚିନ୍ତାକରି ଭାରାକ୍ରାନ୍ତ ହେବେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା, କ୍ଷେତ୍ରରେ ସଫଳତା ପାଇବେ। ସାହିତ୍ୟ ଓ ସାମ୍ବାଦିକତା, ରାଜନୀତି, ସଂଗଠନ କ୍ଷେତ୍ରରେ ପ୍ରତିଷ୍ଠାବନ୍ତ ହେବେ।

**ଧନୁ** ବୁଧ ନିଜ ସ୍ଥାନରୁ ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରରେ ଆଲୋଚନା ଫଳପ୍ରଦ ନ ହୋଇପାରେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ସାମୟିକ କଳହ ଦେଖାଦେଇପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଆଜି ଏକାଧିକ ପାପଗ୍ରହ ରାଶିସ୍ଥ ହେତୁ ସାଧାରଣ କଥାକୁ କେନ୍ଦ୍ର କରି କଳହର ସମ୍ମୁଖୀନ ହୋଇପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ହଠାତ୍ ସମସ୍ୟା ଦେଖାଦେବାରୁ ମନ ବିଚଳିତ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** କେନ୍ଦ୍ରକୋଣାଧିପ ରାଶିରେ ଥିବାରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିର ଆଶଙ୍କା ରହିଛି।

**ମୀନ** ଦ୍ୱାଦଶରେ ଶୁକ୍ରଥିବାରୁ ଗତକାଲିଠାରୁ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବେ। ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀ ଶନିବାର, ମାର୍ଚ୍ଚ ୬ ତାରିଖ। ଅଦ୍ୟ ହୋଲି ଉତ୍ସବ। ଫଗୁଖେଳ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୦୦ମି. ଗତେ ଘ.୦୧.୦୮ମି. ମଧ୍ୟେ, ରାତ୍ରି ଘ.୦୮.୧୭ମି. ଗତେ ଘ.୧୦.୪୪ମି. ମଧ୍ୟେ, ଘ.୧୨.୨୨ମି. ଗତେ ଘ.୦୨.୦୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୯.୦୨ମି. ଗତେ ଘ.୧୦.୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**Bhubaneswar Satyabihar NH side gharabari plot sale sqft. 2300/-, 9438299931.** D-70805

**Developed demarcated gharabari plot ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ, 7008492511.** D-69379

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

**Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465.** D-20069

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

**Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383.** D-20026

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

2BHK flat for resale at Balianta Canal road, Bhubaneswar. 8249533663. D-70227

**Flats for sale (2BHK- 1200sqft.)/(3BHK- 1500sqft.) at Patia, Big-Bazar, Bhubaneswar. Contact: 7008346486.** D-70550

Sum Hospitalରୁ ୪କି.ମି. ଘଙ୍ଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

**ସ୍ଥିତିବାନ୍ ପ୍ଲଟ୍ ଧଉଳି ଶାନ୍ତିସ୍ତୁପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। 8249776268, 8327774136.** D-69381

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Readymade 3BHK flat 67,50,000/-, Sum Hospital readymade 3BHK duplex 47,50,000/-, Gudiapokhari. 6371090682. D-68274

**Residential land/ plot immediately sale at 3000sft. Jharpada, (near Puri bypass) Bhubaneswar. Please Contact DEEPAK- 9937329999.** D-69975

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

Duplex sale ଘଙ୍ଘାପାଟଣା 1500sqft. land 2000sqft. construction 55,00,000/-, 4K.M. from Sum Hospital. 9437306208. D-69378

to-let

ପିପିଲି ଥାନା ନିକଟ ପୁରୁଣା ଷ୍ଟେଟ୍ ବ୍ୟାଙ୍କସ୍ଥିତ Anima Complexରେ ଘରଭଡ଼ା ଦିଆଯିବ। ଯୋଗାଯୋଗ- 9668502525. D-69976

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

**Satyabihar NH side 2BHK 10,500/- Bhubaneswar. 9861419256.** D-70804

healthcare

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546

Refreshing your mind & body with best therapy at Lotus SPA. 8018234866. D-59981

Swarna SPA newly open positively health benefits with expert therapist. 9556978408. D-70545

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Ayurvedic full body massage by experienced (M/F) therapist. 7008773793, 8018656899. D-59982


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୬୪,୪୨,୩୦୯ | ୨୫,୮୪,୯୧୦ | ୯,୨୦,୩୯,୮୯୦ |
| ଭାରତ | ୧,୧୧,୯୦,୬୫୧ | ୧,୫୭,୬୮୯ | ୧,୦୮,୫୧,୦୯୪ |
| ଓଡ଼ିଶା | ୩,୩୭,୬୨୦ | ୧୯୧୭(+୫୩) | ୩,୩୪,୯୦୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ବିଧାନସଭାରେ ବିଜୁ ଜୟନ୍ତୀ



ଭୁବନେଶ୍ୱର, ୫।୩(ବ୍ୟୁରୋ): ଓଡ଼ିଶା ବିଧାନସଭା ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରମୁଖ ଯୋଗ ଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାୟକ ଅରବିନ୍ଦ ଢାଲି, ବିଧାନସଭା ସଚିବ ଦାଶରଥୀ ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଉତ୍କଳ ସମ୍ମିଳନୀ ସଭାପତି ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ଅନୁଷ୍ଠାନ 'ଶାଶ୍ୱତ'ର କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ।

# ରାଜ୍ୟ ସ୍ୱାଭିମାନ ପାଇଁ ଲଢ଼େଇ ଜାରି ରଖ

## ବିଜେଡି କାର୍ଯ୍ୟାଳୟରେ ୧୦୫ତମ ବିଜୁ ଜୟନ୍ତୀ ପାଳିତ

**କର୍ମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

ଭୁବନେଶ୍ୱର, ୫।୩(ବ୍ୟୁରୋ)

ବିଜୁବାବୁଙ୍କ ନୀତି, ଆଦର୍ଶ ଓ ଚିନ୍ତାଧାରା ଆଜି ଆମର ପ୍ରତିଟି ପଦକ୍ଷେପରେ ପ୍ରତିଫଳିତ ହେଉଛି। ତଥାପି ଆହୁରି ଅନେକ ପଥ ଅତିକ୍ରମ କରିବାକୁ ଅଛି। ବିଜୁବାବୁଙ୍କ ଜୟନ୍ତୀରେ ରାଜ୍ୟର ସାଢ଼େ ୪କୋଟି ଲୋକଙ୍କ ସେବା ପାଇଁ ପୁଣି ଥରେ ଶପଥ ନେବା ଓ ରାଜ୍ୟର ସ୍ୱାଭିମାନ ପାଇଁ ଲଢ଼େଇ ଜାରି ରଖିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି।

ଶୁକ୍ରବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ଅବସରରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଅତୀତ ଗୌରବକୁ ଫେରାଇ ଆଣିବା ଏବଂ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବା ଥିଲା ବିଜୁବାବୁଙ୍କ ଜୀବନର ଲକ୍ଷ୍ୟ। ସେବା ଓ ସ୍ୱାଭିମାନ ଥିଲା ତାଙ୍କ ଆଦର୍ଶ। ଏହି ଆଦର୍ଶରେ ଦଳର ଲକ୍ଷ ଲକ୍ଷ କର୍ମୀ, ଭଉଣୀ ଓ ଭାଇମାନେ କାମକରି ଚାଲିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁର କଚ୍ଚାଘରେ ରହୁଥିବା ପରିବାରର ଘର ପକ୍କା ଘରରେ ପରିଣତ ହୋଇସାରିଛି। ସେହି ଘରକୁ ପିଇବା ପାଣି ଆସୁଛି। ବିଜୁଳି ଆଲୁଅରେ ଘର ଉଜ୍ଜ୍ୱଳ ଦିଶୁଛି। ପରିବାର ଲୋକଙ୍କ ମୁହଁରେ ହସ ଫୁଟିଛି। ଏହା ହେଉଛି ଆମ ପାଇଁ ବଡ଼ ପୁରସ୍କାର। ବର୍ତ୍ତମାନ ମା'ଟିଏ ପଞ୍ଚାୟତ କାର୍ଯ୍ୟାଳୟରେ ବସି ଗାଁର ବିକାଶ କଥା ଚିନ୍ତା କରୁଛି। ମିଶନ ଶକ୍ତିର ମା'ମାନେ ଋଣ ଆଣି ପରିଶ୍ରମ କରି ଯେତେବେଳେ ବେପାର ବୃଦ୍ଧି କରି ସେମାନଙ୍କ ପରିବାର ଲାଗି ସମୃଦ୍ଧି ଆଣିପାରୁଛନ୍ତି ସେତେବେଳେ ବିକାଶର ଚିତ୍ର ଜଳଜଳ ହୋଇ ଦିଶୁଛି। ସରକାରୀ ସ୍କୁଲରେ ପାଠ ପଢ଼ୁଥିବା ପିଲା ପାଇଁ ଯେତେବେଳେ ସୁଯୋଗ ସୃଷ୍ଟି ହେଉଛି ସେତେବେଳେ ଯୁବ ସମାଜର ସ୍ୱପ୍ନ ଦିଗନ୍ତପ୍ରସାରୀ ହେଉଛି। କ୍ରୀଡ଼ା କ୍ଷେତ୍ରରେ ନୂଆ ସୁଯୋଗ ଯୁବପ୍ରତିଭାର ବିକାଶ ପାଇଁ ରାସ୍ତା ଦେଖାଉଛି। ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଆମେ ସମସ୍ତେ ମିଳିମିଶି ତାଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା ପାଇଁ ପୁଣିଥରେ ଶପଥ ନେବା ଏବଂ ଓଡ଼ିଶାର ସ୍ୱାଭିମାନ ଲାଗି ଲଢ଼େଇ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଛନ୍ତି।

ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଣବ କହିଛନ୍ତି, ବିଜୁବାବୁ ଜଣେ ନିର୍ଭୀକ ନେତା ଥିଲେ। ଗୋଟିଏ ଭାଷାଭିତ୍ତିକ ରାଜ୍ୟ ଗଠନରେ ଯୁବକ ଓ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାରାଦୀପରେ ଏକ ବୃହତ୍ ବନ୍ଦର ସ୍ଥାପନ ପାଇଁ ଯେତେବେଳେ ବିଜୁବାବୁ ପଦକ୍ଷେପ ନେଲେ କେନ୍ଦ୍ରର ଟାଳଟୁଳ ନୀତି ଦେଖି ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱାରା ଆଗ ଶୁଭଦେବା କାମ ଶେଷ କରିଦେଲେ। ଏହାପରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଲଢୁଆ ମନୋବୃତ୍ତିର ପରିଚୟ ଦେଇଥିଲେ ବୋଲି ସେ କହିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କହିଛନ୍ତି, ଦୁଃସାହସୀ ବିଜୁବାବୁ କଟକରୁ ପେଶାୱର ସାଇକେଲ ଯାତ୍ରା କରି ଓଡ଼ିଶାବାସୀଙ୍କୁ ସୁଦୃଢ଼ ହେବାର ବାର୍ତ୍ତା ଦେଇଥିଲେ। ଓଡ଼ିଶାକୁ କିପରି ଅର୍ଥନୈତିକ ସ୍ୱାଧୀନତା ମିଳିବ ସେଥିପ୍ରତି ଧ୍ୟାନଦେବା ଜରୁରୀ। ଖଣିଜ ସମ୍ପଦରେ ଭରପୂର ଥିବା ରାଜ୍ୟ କେବେହେଲେ କେନ୍ଦ୍ର ନିକଟରେ ଭିକ୍ଷାଥାଳ ଧରି ଆଣ୍ଠୁମାଡ଼ି ବସିପାରିବ ନାହିଁ ବୋଲି ବିଜୁବାବୁ କହୁଥିଲେ । ଏହି ଅବସରରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଦେବୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ନେତା ପ୍ରସନ୍ନ ପାଟଶାଣି, ରବି ସାମଲ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତ ରଖିଥିଲେ। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ କ୍ୟାପିଟାଲ ହସ୍ପିଟାଲରେ ସୁଦାମ ସାହୁ ଏବଂ ସମରେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ମହିଳା ଓ ଶିଶୁ ବିଭାଗରେ ଫଳ ବଣ୍ଟନ କରିଛନ୍ତି।



ବିଜେଡି କାର୍ଯ୍ୟାଳୟରେ ଉପସ୍ଥିତ ନେତା ଓ କର୍ମୀ।



ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବିଶାଳ ସାଇକେଲ ଶୋଭାଯାତ୍ରା

- ସାମିଲ ହେଲେ ୫ ହଜାରରୁ ଊର୍ଦ୍ଧ୍ୱ ଯୁବ, ଛାତ୍ର
- ବିମାନବନ୍ଦର ବିଜୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



କଟକର ଆନନ୍ଦଭବନରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ସାଇକେଲ ଶୋଭାଯାତ୍ରା।

ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ, ୫।୩

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଶୁକ୍ରବାର ଏକ ବିଶାଳ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ ଆନନ୍ଦ ଭବନଠାରୁ ଏହି ଶୋଭାଯାତ୍ରା ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା।

ଯୁବକମାନଙ୍କର ପ୍ରେରଣାର ଉତ୍ସ ବିଜୁବାବୁ ୧୯୩୨ରେ କଟକ ରେଭେନ୍‌ଶା କଲେଜଠାରୁ ପାକିସ୍ତାନର ପେଶୱାର ପର୍ଯ୍ୟନ୍ତ ଦୀର୍ଘ ୪୫୦୦ ମାଇଲ ସାଇକେଲ ଯାତ୍ରା କରିଥିଲେ। ଏହି ଐତିହାସିକ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଡ. ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ହୋଇ ଯୁବ ଓ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

ସକାଳ ୬ଟାରେ ୫ ହଜାରରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ର ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ୧୬ ନମ୍ବର ଜାତୀୟ ରାଜପଥ ଦେଇ ଗୋପାଳପୁର, ଫୁଲନଖରା, ପାହାଳ, ପଳାଶୁଣୀ, ରସୁଲଗଡ଼, ବାଣୀବିହାର, ରାମମନ୍ଦିର, ଏଜି ଛକ, ଫରେଷ୍ଟ ପାର୍କ ଛକ ହୋଇ ଭୁବନେଶ୍ୱର ବିମାନବନ୍ଦରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାକାରୀଙ୍କୁ ବିଭିନ୍ନ ସ୍ଥାନରେ ସାମାଜିକ ସଂଗଠନ ଏବଂ ଜନସାଧାରଣମାନେ ବାଜା ବଜାଇ, ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ।

ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ବିଧାୟକ ଚନ୍ଦ୍ରସାରଥି ବେହେରା, ଭୁବନେଶ୍ୱର ସାଂଗଠନିକ ଜିଲା ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ପ୍ରୀତିରଞ୍ଜନ ଘଡେଇ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ସିଂ, ଅଭିନେତା ଅରିନ୍ଦମ ରାୟ ପ୍ରମୁଖ ସାମିଲ ହୋଇଥିଲେ। ବିଜେଡି ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ରଞ୍ଜିତ ମହାପାତ୍ର, ରାଜ୍ୟ ସମ୍ପାଦକ (ଛାତ୍ର ବ୍ୟାପାର) ତନ୍ମୟ ସ୍ୱାଇଁ, ବିଜୁ ଯୁବ ଜନତା ଦଳର ରାଜ୍ୟ ମହାସଚିବ ଏଲିନା ଦାଶ, ଉପସଭାପତି ଧୃତିରଞ୍ଜନ ମାର୍ଥା, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଉପସଭାପତି ସୋଫିଆ ଆଲାମଙ୍କ ସମେତ ବିଜୁ ଯୁବ/ଛାତ୍ର ଜନତା ଦଳର ସମସ୍ତ ରାଜ୍ୟ ସମ୍ପାଦକ, ଯୁଗ୍ମ ସମ୍ପାଦକ ଏବଂ ଭୁବନେଶ୍ୱର, କଟକ ଜିଲାର ସମସ୍ତ କର୍ମକର୍ତ୍ତା ଶୋଭାଯାତ୍ରାକୁ ସଫଳ କରିଥିଲେ ବୋଲି ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।



# 'ଓଡ଼ିଶାକୁ ଶ୍ରେଷ୍ଠ କରିବା ବିଜୁବାବୁଙ୍କ ଲକ୍ଷ୍ୟ ଥିଲା'

## ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୫।୩(ବ୍ୟୁରୋ)

ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କେବଳ ଜଣେ ମହାନ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଚିନ୍ତାଧାରା। ତାଙ୍କ ଦେଶଭକ୍ତି, ଜାତିପ୍ରୀତି, ସାହସ ଓ ସେବାର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉଭୟ ମଞ୍ଚ ଓ ଭର୍ଚ୍ଚୁଆଲ୍‌ରେ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଲେ, ଓଡ଼ିଶାକୁ ପ୍ରତି କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ କରିବା ବିଜୁବାବୁଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ସେ କ୍ଷମତାରେ ବେଶି ଦିନ ନ ଥିଲେ ମଧ୍ୟ ଲୋକଙ୍କ ହୃଦୟରେ ସବୁଦିନ ପାଇଁ ରହିଯାଇଛନ୍ତି। ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ଦୃଶ୍ୟମାନ ଉନ୍ନତି ଆଣିପାରିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା ହେଉ ବା ବିପର୍ଯ୍ୟୟ ପରିଚାଳନା, ପୁଞ୍ଜିନିବେଶ ବା ଭିତ୍ତିଭୂମି ବିକାଶ-ସବୁକ୍ଷେତ୍ରରେ ଆଜି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସାମାଜିକ ନିରାପତ୍ତା, କ୍ରୀଡ଼ା ଆଦି ପ୍ରତି କ୍ଷେତ୍ରରେ ଆମ ରାଜ୍ୟ ସ୍ୱତନ୍ତ୍ର ସ୍ଥାନ ପାଇଛି। ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ପାଇଁ ଆମକୁ ବିଶ୍ୱ ମାନଦଣ୍ଡରେ ଚିନ୍ତା କରିବାକୁ ପଡ଼ିବ। ଛୋଟ ଛୋଟ କଥାକୁ ଭୁଲି ବଡ଼ ଲକ୍ଷ୍ୟ, ବଡ଼ ସ୍ୱପ୍ନ ନେଇ କାମ କଲେ ତାହା ହେବ ବିଜୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉତ୍ସବରେ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଜୁ ପଟ୍ଟନାୟକଙ୍କୁ ଜଣେ ବିରଳ ଐତିହାସିକ ବ୍ୟକ୍ତିତ୍ୱ ଭାବେ ଚିତ୍ରଣ କରିବା ସହ ତାଙ୍କ ପରି କ୍ୱଚିତ ସାହସୀ ବ୍ୟକ୍ତି ଦେଖିବାକୁ ମିଳନ୍ତି ବୋଲି କହିଥିଲେ। ଜଳସମ୍ପଦ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଲେ, ବିଜୁ ପଟ୍ଟନାୟକ ଥିଲେ ଓଡ଼ିଶାର ପୁରପଲ୍ଲୀର ଜନନେତା। ସ୍ୱାଧୀନତା ସଂଗ୍ରାମ, ଇଂରେଜଙ୍କ ପ୍ରତି ଲଢୁଆ ମନୋଭାବ, ଗୁପ୍ତରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ଥାନାନ୍ତର କରିବାଠାରୁ ସୀମା ସୁରକ୍ଷା ଆଦି ପ୍ରତିଟି କାର୍ଯ୍ୟ ସାହସିକତାର ସହ କରିପାରିଥିଲେ। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଆନ୍ତର୍ଜାତିକ ସ୍ତରରେ ବିଜୁବାବୁଙ୍କ ପ୍ରଭାବ ସମ୍ପର୍କରେ କହିଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର କହିଲେ, ବିଜୁ ପଟ୍ଟନାୟକ ଜଣେ ଭିନ୍ନ ଦୃଷ୍ଟିଭଙ୍ଗୀର ମଣିଷ ଥିଲେ। ସେ ଜଣେ ରାଜନୀତିଜ୍ଞ ନୁହନ୍ତି, ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ଓଡ଼ିଶାର ରାଜନୀତି, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଦେଶର ସୁରକ୍ଷା ଏବଂ ଭିତ୍ତିଭୂମିର ଉନ୍ନତି ପାଇଁ ଉଦମତ୍ତା ସହ କାର୍ଯ୍ୟ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ମନ୍ତ୍ରୀ ରଘୁନନ୍ଦନ ଦାସ ସୂଚନା ଭବନ ପରିସରରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ସୂଚନା ଭବନଠାରେ ଶୁକ୍ରବାର ବିଜୁ ପଟ୍ଟନାୟକଙ୍କ ଜୀବନ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୫।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କହିଛନ୍ତି ଯେ ବିଜୁବାବୁଙ୍କର ଭବିଷ୍ୟତ ଦେଶ ଗଠନ ଲକ୍ଷ୍ୟ, ମାନବ ସଶକ୍ତୀକରଣ ଏବଂ ସାମାଜିକ ନ୍ୟାୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ଓଡ଼ିଶା ବିକାଶରେ ତାଙ୍କର ଉଦ୍ୟମ ପାଇଁ ଦେଶ ଗର୍ବିତ। ଘରେ ଘରେ ପରିଚିତ ଥିବା ବିଜୁବାବୁଙ୍କ ଜୟନ୍ତୀକୁ ଓଡ଼ିଶା ସରକାର ସାରା ରାଜ୍ୟରେ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ଭାବେ ପାଳନ କରୁଛନ୍ତି। ଉକ୍ତ ଦିବସକୁ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରି ଏହି ମହାନ୍ ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବିଜୁବାବୁ ଜଣେ ସାହସୀ ବିମାନ ଚାଳକ ଥିଲେ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ଏବଂ କଶ୍ମୀର ଯୁଦ୍ଧ ସମୟରେ ସଂଗ୍ରାମୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାରେ ସେ ସାହସିକତାର ପ୍ରମାଣ ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

www.cutm.ac.in
HERE'S ONE TEST YOU CAN'T AFFORD TO MISS.
Take the Centurion University Entrance Exam (CUEE) on 30-04-21, 20-06-21 and 15-07-21 to get additional scholarships.*
B.Tech | M.Tech | B.Sc | M.Sc | MBA | M.Phil | Ph.D Courses in
Civil | Aerospace | Mechanical | Computer Science | Cyber Security
AI/ML | Phytopharmaceuticals | Dairy Technology | ECE | Mining
Biotechnology | EE | Fishery Sciences | Agriculture | RIT
Optometry | Cardiac Technology | Anaesthesia Technology
Forensic Sciences | Emergency Medical Care | Dialysis Technology
MLT | Physics | Chemistry | Mathematics | Botany | Zoology
Bio-Chemistry | Commerce | Business Administration | Media
Digital Arts | Fashion Design | Building Design | HR | Finance
Marketing | Development Management | Hotel Management
Agribusiness Management | Pharmaceutical Management
Data Analytics | Pharmacy | Geo-informatics
Centurion UNIVERSITY
NAAC "A" GRADE, ICAR APPROVED
For Admission Call: 8260077222 Apply for CUEE at WWW.CUTM.AC.IN *conditions apply

> ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ

# ସବୁ ବଦଳିଗଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକ ମେଣ୍ଟ ସରକାର ତାଙ୍କର ନିଜସ୍ୱ ତଥା ସ୍ୱତନ୍ତ୍ର ସଞ୍ଚାଳନ ପଦ୍ଧତି ସୃଷ୍ଟି କରିଥାନ୍ତି, ଯାହା ଅମଲାତନ୍ତ୍ରକୁ ବିଶେଷ ଭାବେ ପ୍ରଭାବିତ କରିଥାଏ। ମହାରାଷ୍ଟ୍ରରେ ଏବେ ତିନିଦଳୀୟ ମେଣ୍ଟ ସରକାରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୧୯୮୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୀତାରାମ କୁଣ୍ଟେଙ୍କ ନାମ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଘୋଷଣା କରାଯାଇଛି। ସୂତ୍ରରୁ ପ୍ରକାଶ ଯେ, ପୂର୍ବରୁ ମହାରାଷ୍ଟ୍ରରେ ଭାଜପା ସରକାର କ୍ଷମତାରେ ଥିବାବେଳେ କୁଣ୍ଟେଙ୍କୁ ଅଣଦେଖା କରାଯାଇଥିଲା। ସେ ସମୟରେ କୁଣ୍ଟେ ବୃହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (ବିଏମସି)ର କମିଶନ ଦାୟିତ୍ୱରେ ରହିଥିଲେ। କିନ୍ତୁ ଶିବସେନା ନେତୃତ୍ୱରେ ଗଠିତ ମେଣ୍ଟ ସରକାରରେ ଉଦ୍ଧବ ଠାକରେଙ୍କ ମୁଖ୍ୟମନ୍ତ୍ରିତ୍ୱରେ ତାଙ୍କ ଭାଗ୍ୟ ବଦଳିଗଲା। ତେବେ ମୁଖ୍ୟମନ୍ତ୍ରୀ ଏବଂ ମେଣ୍ଟରେ ଥିବା କଂଗ୍ରେସ ଦଳ କୁଣ୍ଟେଙ୍କ ନିଯୁକ୍ତି ପାଇଁ ଆଗ୍ରହୀ ଥିବାବେଳେ ନ୍ୟାଶନାଲ କଂଗ୍ରେସ ପାର୍ଟି(ଏନସିପି)ର ପ୍ରମୁଖ ଶରଦ ପାୱାର ପ୍ରଥମରୁ ଇଚ୍ଛୁକ ନ ଥିବା ଜଣାପଡ଼ିଥିଲା। ମୁଖ୍ୟ ଶାସନ ସଚିବ ପଦ ଲାଗି କୁଣ୍ଟେଙ୍କ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରବୀଣ ପ୍ରଦେଶ ଏହି ପଦବୀ ଦୌଡ଼ରେ ମଧ୍ୟ ରହିଥିଲେ। କିନ୍ତୁ କାହାଣୀ ଭିନ୍ନ ମୋଡ଼ ନେଲା, ସବୁ କିଛି ବଦଳିଗଲା ଏବଂ ତାଙ୍କ ପାଇଁ ରହିଥିବା ସୁଯୋଗର ଅନ୍ତ ଘଟାଇ କୁଣ୍ଟେ ଏହି ଶୀର୍ଷ ପଦ ହାସଲ କରିବାକୁ ସକ୍ଷମ ହେଲେ। ମୁଖ୍ୟ ଶାସନ ସଚିବ ସଞ୍ଜୟ କୁମାରଙ୍କ ପରେ ପ୍ରବୀଣ ଏହି ପଦରେ ନିଯୁକ୍ତି ପାଇବେ ବୋଲି ଅଧିକ ଆଶା କରାଯାଉଥିଲା। ଏପରି କି ପ୍ରଦେଶ ନୂତନ ମୁଖ୍ୟ ଶାସନ ସଚିବ ହେବା ଆଶାରେ ଜାତିସଂଘରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାଜ୍ୟ ଗୃହ ବିଭାଗରେ ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱରେ ଥିବା କୁଣ୍ଟେଙ୍କୁ ପଦୋନ୍ନତି ଦେବା ପରେ ତାଙ୍କ ଜାଗାରେ ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଏମ୍.କେ. ଶ୍ରୀବାସ୍ତବଙ୍କୁ ନିଯୁକ୍ତି ଦିଆଯାଇଛି।

### ସୋସିଆଲ ମିଡ଼ିଆ କଟକଣା

ନାଗାଲାଣ୍ଡ ରାଜ୍ୟପାଳ ଆର.ଏନ୍.ରବିଙ୍କ କମିଶନର ତଥା ସଚିବ ଟି.ଏମ୍ ୟଙ୍ଗନ ରାଜ୍ୟ ମୁଖ୍ୟ ଶାସନ ସଚିବ ଜେ.ଆଲାମଙ୍କୁ ଏକ ଚିଠି କରି ଜଣାଇଛନ୍ତି ଏଥିରେ ସେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯଦି ସରକାରୀ ଅଧିକାରୀମାନେ ସୋସିଆଲ ମିଡ଼ିଆରେ ଦେଶଦ୍ରୋହାତ୍ମକ କିମ୍ବା କ୍ଷତିକାରକ ବିଷୟ ପୋଷ୍ଟ କରିବେ, ତେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଣାପଡ଼ିଛି ଯେ, କେତେ ଜଣ ସରକାରୀ ଅଧିକାରୀ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବିରୋଧ କରି କିଛି ଦେଶଦ୍ରୋହାତ୍ମକ ତଥା କ୍ଷତିକାରକ ଲେଖା ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିବା ପରେ ଏହା ରାଜ୍ୟପାଳଙ୍କ ଅଫିସର ନଜରକୁ ଆସିଥିଲା। ୟଙ୍ଗନଙ୍କ ଚିଠିର ଏକ ନକଲ କି କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲାଙ୍କ ନିକଟକୁ ପଠାଯାଇଛି। ଏଥିରୁ ବୁଝାପଡୁଛି କି ଏହି ପଦକ୍ଷେପକୁ ନେଇ ରାଜ୍ୟପାଳ ଓ କେନ୍ଦ୍ର ମଧ୍ୟରେ କଥା ହୋଇଛି। ଏପରିକି ଦେଶଦ୍ରୋହାତ୍ମକ ବିଷୟ ପୋଷ୍ଟ କରୁଥିବା ସରକାରୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ତାଙ୍କୁ ଦିଲ୍ଲୀରୁ ନିର୍ଦ୍ଦେଶ ଦିଆଯାଇଥିବା ବୋଲି ଅନୁମାନ କରାଯାଉଛି। ଏହା ଦ୍ୱିତୀୟ ଚିଠି ଯାହା ରାଜ୍ୟପାଳ ରାଜ୍ୟ ମୁଖ୍ୟ ସଚିବଙ୍କ ନିକଟକୁ ପଠାଇଛନ୍ତି। ସରକାରଙ୍କ ବିରୋଧରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ସହ ଜଡ଼ିତ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବମାନଙ୍କର ଏକ ତଥ୍ୟ ସମ୍ବଳିତ ତାଲିକା ପ୍ରସ୍ତୁତ କରିବା ଲାଗି ଗତ ବର୍ଷ ମଧ୍ୟ ରାଜ୍ୟପାଳ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷଜ୍ଞମାନେ ମନେକରୁଛନ୍ତି, ରବି କେବଳ ସରକାରୀ କର୍ମଚାରୀମାନଙ୍କ ପାଇଁ ରହିଥିବା ଆଚରଣ ନିୟମକୁ ଦୋହରାଇଛନ୍ତି। ଲୋକମାନେ ଏଥିରୁ ଅଧିକ କିଛି ଅର୍ଥ ବାହାର କରିବା ଉଚିତ ନୁହେଁ।

### କାର୍ଯ୍ୟକାଳ ବିବାଦ

ହରିୟାଣାରେ ପୋଲିସ ମହାନିର୍ଦ୍ଦେଶକ ର୍ୟାଙ୍କ୍ ଅଧିକାରୀମାନଙ୍କ ନିଯୁକ୍ତି ଉପରେ କାହାର ଅଧିକାର ରହିଛି? ଏବେ ଏହାକୁ ନେଇ ହରୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏବଂ ତାଙ୍କ ଗୃହମନ୍ତ୍ରୀ ଅନିଲ ଭିଜ୍‌ଙ୍କ ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏମାନଙ୍କ ବିବାଦର କେନ୍ଦ୍ରରେ ରହିଛନ୍ତି ପୋଲିସ ମହାନିର୍ଦ୍ଦେଶକ ମନୋଜ ଯାଦବ। ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଯାଦବ ନିଯୁକ୍ତି ପାଇଁ ଖଟ୍ଟରଙ୍କ ଦ୍ୱାରା ମନୋନୀତ ହୋଇଥିବା ଜଣାପଡ଼ିଛି। ତେବେ ଯାଦବଙ୍କ କାର୍ଯ୍ୟକାଳ ୪ ବର୍ଷରୁ ଅଧିକ ଥିବାରୁ ଭିଜ୍ ଡିଜିପି ପରିବର୍ତ୍ତନ କରିବାକୁ ଚାହିଁଛନ୍ତି। ମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ରାଜୀବ ଆରୋରାଙ୍କୁ ପରବର୍ତ୍ତୀ ଡିଜିପିଙ୍କ ଉପରେ ବିଚାର କରିବା ଲାଗି ଅଧିକାରୀମାନଙ୍କର ଏକ ନିଯୁକ୍ତି ତାଲିକା ୟୁପିଏସ୍‌ସିକୁ ପଠାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସୂତ୍ରରୁ ପ୍ରକାଶ ଯେ, ଡିଜିପିଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ଥରେ ଶେଷ ହୋଇଗଲେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା କିମ୍ବା ତାଙ୍କୁ ପରିବର୍ତ୍ତନ କରିବାର ବିକଳ୍ପ ରାଜ୍ୟ ସରକାରଙ୍କ ପାଖରେ ରହିଛି। ଉକ୍ତ ଘଟଣାରେ ସରକାର ଯାଦବଙ୍କ କାର୍ଯ୍ୟକାଳ ଆଗକୁ ଅର୍ଡର ନ ହେବା ପର୍ଯ୍ୟନ୍ତ ଫେବୃୟାରୀ ଆଗ ଯାଏ ବୃଦ୍ଧି କରିଛନ୍ତି। ଏଥିରୁ ଜଣାପଡୁଛି ଯାଦବଙ୍କୁ ପରିବର୍ତ୍ତନ କରିବାକୁ ଖଟ୍ଟର ଚାହୁଁନାହାନ୍ତି। ଯାଦବ ତାଙ୍କ ସ୍ଥାୟୀ କ୍ୟାଡରକୁ ଫେରିବା ପୂର୍ବରୁ ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ରେ ୧୫ ବର୍ଷ କାର୍ଯ୍ୟ କରିଛନ୍ତି। କିନ୍ତୁ ଭିଜ୍ ତାଙ୍କ ସ୍ଥିତିର ଅଟଳ ରହୁଥିବା ଜଣାପଡ଼ିଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 6 | | | | | | | | 2 | | | 8 |
| | 8 | 0 | | | | A | | | | | 7 | 6 | | |
| | | | | 4 | 9 | | 3 | | | 0 | | | | D |
| A | | 1 | 8 | | | | E | | | | 3 | 0 | | |
| 7 | 9 | | 2 | | E | | | C | | | | | | |
| D | | | | | | 7 | | | | A | | 5 | | 9 |
| | | | | 3 | | 0 | 5 | | 4 | | B | | | |
| 1 | 2 | | | B | | 8 | | 9 | | | D | | 7 | 0 |
| 9 | | | | | | | | | 7 | | 0 | 1 | E | |
| | | | | 8 | | | | | | | 5 | B | 2 | |
| | | | | 9 | | B | | | C | 5 | | | | |
| B | | | A | D | | | 7 | | | 6 | 4 | | | 5 |
| | | | E | | 7 | 5 | D | | | | 9 | 8 | B | |
| 4 | | | B | | | 6 | | | 1 | | E | | 0 | |
| | | 3 | 5 | | | C | | 4 | | D | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 9 | 1 | 5 | 0 | E | C | B | 7 | 3 | 8 | D | 2 | 4 | 6 |
| E | 2 | 8 | 4 | C | 7 | D | 3 | 6 | B | A | 9 | 5 | 0 | 1 |
| B | 3 | 7 | A | 6 | 9 | 0 | 5 | 4 | 1 | E | 2 | 8 | D | C |
| 0 | C | 4 | 8 | D | 1 | E | 2 | 9 | 5 | 7 | 6 | A | B | 3 |
| 5 | D | 6 | 3 | 2 | B | 8 | 1 | A | 4 | 0 | C | 7 | E | 9 |
| 9 | 0 | C | B | 8 | 4 | A | 6 | 2 | E | 3 | 1 | D | 7 | 5 |
| 6 | E | D | 9 | A | C | 1 | 7 | B | 2 | 5 | 8 | 0 | 3 | 4 |
| 4 | 1 | 5 | 6 | 7 | D | 3 | E | 8 | C | B | 0 | 9 | A | 2 |
| 2 | A | B | 1 | 3 | 5 | 9 | 4 | 0 | 6 | D | 7 | C | 8 | E |
| 7 | 8 | 3 | 0 | E | 2 | 5 | D | C | 9 | 4 | A | 6 | 1 | B |
| 3 | 7 | A | 2 | 1 | 0 | B | 9 | E | D | 6 | 5 | 4 | C | 8 |
| C | 5 | 2 | E | 4 | 3 | 7 | 0 | D | 8 | 9 | B | 1 | 6 | A |
| 1 | 6 | 9 | 7 | B | 8 | 2 | A | 3 | 0 | C | 4 | E | 5 | D |
| 8 | B | 0 | D | 9 | 6 | 4 | C | 5 | A | 1 | E | 3 | 2 | 7 |
| D | 4 | E | C | 5 | A | 6 | 8 | 1 | 7 | 2 | 3 | B | 9 | 0 |

ଗତକାଲିର ଉତ୍ତର

# ସୋସିଆଲ୍ ମିଡିଆ ପଲିସି: ଭଲ ଓ ଭେଲ



ସବ୍ୟସାଚୀ ଅମିତାଭ

ସମୟ ବଦଳିଛି, ତା' ସହ ଡିଜିଟାଲ ମିଡ଼ିଆ ଧୀରେ ଧୀରେ ଲୋକଙ୍କ ସ୍ୱର ହେବାରେ ଲାଗିଛି। ସୋସିଆଲ୍ ମିଡ଼ିଆ ଲୋକଙ୍କୁ ସେମାନଙ୍କ ଉତ୍କର୍ଷତା ଦେଖାଇବାର ମଉକା ଦେଇଛି, ସେମାନଙ୍କୁ ପ୍ରଶ୍ନ ପଚାରିବାର ପ୍ଲାଟ୍‌ଫର୍ମ ତିଆରି କରିଛି, ଲୋକଙ୍କ ତଥ୍ୟ ନେଉଛି ଓ ଲୋକଙ୍କୁ ନିଜ କଥା କହିବାର ସୁଯୋଗ ଦେଉଛି। ସରକାରଙ୍କୁ ଆଲୋଚନା ହେଉ ବା ଗମ୍ଭୀର ସମସ୍ୟା ବାବଦରେ ଲୋକଙ୍କ ଅଭିବ୍ୟକ୍ତି, ମୋଟାମୋଟି ଲୋକଙ୍କ ପାଇଁ ଏକପ୍ରକାର ଶକ୍ତିଶାଳୀ ଅସ୍ତ୍ର ପାଲଟିଛି ସୋସିଆଲ୍ ମିଡ଼ିଆ। ତେବେ ସୋସିଆଲ୍ ବା ଡିଜିଟାଲ ମିଡ଼ିଆ ଉପରେ କୌଣସି ସରକାରୀ କଟକଣା ନ ଥିବାରୁ ଅନେକ ସମୟରେ ଫେକ୍ ନ୍ୟୁଜ୍ ବା ଅପରପକ୍ଷରୁ ବଦ୍‌ନାମ କରିବା ପାଇଁ ମଧ୍ୟ ପେଡ୍ ଟ୍ରୋଲିଂ କରାଯାଉଥିବା ଘଟଣାମାନ ମଧ୍ୟ କିଛି ନୂଆ ନୁହେଁ। ଏହାରି ଭିତରେ କେନ୍ଦ୍ର ସରକାର ଡିଜିଟାଲ ମିଡ଼ିଆକୁ ନେଇ ନୂଆ ପଲିସି ଆଣିଛନ୍ତି। ଏହି ନୂଆ ନିୟମ ଜରିଆରେ ସୋସିଆଲ ମିଡ଼ିଆ ଉପରେ ଅଙ୍କୁଶ ଲଗାଯିବା ସହ ନ୍ୟୁଜ ସଂସ୍ଥାଗୁଡ଼ିକର ଡିଜିଟାଲ ପ୍ଲାଟ୍‌ଫର୍ମ ତଥା ମନୋରଞ୍ଜନରେ ସାମିଲ ଥିବା ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ଲାଗି ମଧ୍ୟ ସେଲଫ୍–ରେଗୁଲେଶନ୍ ନିୟମ ଆଣିଛନ୍ତି। ସରକାର ଏଥିପାଇଁ ଯେ କେବଳ ନୂଆ ନିୟମ ଆଣିନାହାନ୍ତି ବରଂ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ଆକ୍ଟ ୨୦୦୦ ଅନୁସାରେ ଏହାକୁ ପ୍ରଣୟନ କରାଯାଇଛି; ଯାହାର ନାଁ ଦିଆଯାଇଛି ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ଇଣ୍ଟରମିଡ଼ିୟରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡ଼ିଆ ଏଥିକ୍ସ କୋଡ୍ ରୁଲ୍ ୨୦୨୧।

ମୋଟାମୋଟି ଦେଖିବାକୁ ଗଲେ, ସୋସିଆଲ୍ ମିଡ଼ିଆର ୟୁଜର୍ସ ଏହାଦ୍ୱାରା କିପରି ପ୍ରଭାବିତ ହେବେ ତାହା ସବୁଠାରୁ ବଡ଼ ପ୍ରଶ୍ନ। କାରଣ ପ୍ରଥମତଃ ଫେସ୍‌ବୁକ୍, ଟୁଇଟର, ହ୍ୱାଟ୍ସଆପ୍ ପରି ଏକାଧିକ ସୋସିଆଲ୍ ମିଡ଼ିଆ, ଦୁଇରେ ବିଭିନ୍ନ ନ୍ୟୁଜ୍ ସଂସ୍ଥାଗୁଡ଼ିକର ପୋର୍ଟାଲ ପ୍ଲାଟ୍‌ଫର୍ମ ତଥା ତିନିରେ ଓଭର–ଦି–ଟପ୍ ଯାହାକୁ ମନୋରଞ୍ଜନ କ୍ଷେତ୍ରରେ ଓଟିଟି ପ୍ଲାଟ୍‌ଫର୍ମ ବୋଲି କୁହାଯାଉଛି, ଏମାନଙ୍କ ୟୁଜର୍ସମାନଙ୍କ ସଂଖ୍ୟା ବେଶ୍ ଅଧିକ। ସାଧାରଣ ଭାବେ ଅଧିକାଂଶ ଲୋକଙ୍କ ହାତରେ ସ୍ମାର୍ଟ ଫୋନ୍ ରହିଛି, ଯାହା ଏକାଧିକ ଏହିପରି ଆପ୍ ସହ ସଂଯୁକ୍ତ। କେନ୍ଦ୍ର ସରକାରଙ୍କ ଏହି ନୂଆ ଗାଇଡ୍‌ଲାଇନ୍ ୟୁଜର୍ସଙ୍କୁ କିପରି ପ୍ରଭାବିତ କରିବ ତାହା ସମସ୍ତେ ଜାଣିବା ଦରକାର।

ସୋସିଆଲ୍ ମିଡ଼ିଆ କ୍ଷେତ୍ରରେ ଏହି ନିୟମଗୁଡ଼ିକ ବାବଦରେ ଯଦି ଆଲୋଚନା କରିବା, ତେବେ ଅଧିକାଂଶ ନିୟମ ପ୍ରଶାସନିକ କ୍ଷେତ୍ରର ବୋଲି ଜଣାଯାଉଛି; ଯାହା ୟୁଜର୍ସଙ୍କୁ କମ୍ ଆଉ ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକୁ ବେଶି ପ୍ରଭାବିତ କରିବ। ୟୁଜର୍ସମାନଙ୍କ ପାଇଁ ଏକ ଭଲ ଖବର ହେଉଛି, ଏହା ଜରିଆରେ ସୋସିଆଲ୍ ମିଡ଼ିଆର ଦୁରୁପଯୋଗ ବନ୍ଦ ହେବ। ଫେକ୍‌ନ୍ୟୁଜ୍, ଗୁଜବ, ଅପପ୍ରଚାର ତଥା ଆପତ୍ତିଜନକ କଣ୍ଟେଣ୍ଟ ରୋକିବାରେ ସରକାରଙ୍କ ଉଦ୍ୟମ ଫଳବତୀ ହେବ। ସରକାରଙ୍କ କହିବା କଥା ହେଲା, ସୋସିଆଲ୍ ମିଡ଼ିଆରେ କୌଣସି ପ୍ରକାର ଟିପ୍ପଣୀ ବା ଆଲୋଚନାକୁ ନେଇ କୌଣସି ଆପତ୍ତି ନାହିଁ, କିନ୍ତୁ ସୋସିଆଲ୍ ମିଡ଼ିଆ କଣ୍ଟେଣ୍ଟ ଜରିଆରେ ଦେଶରେ କୌଣସି ପ୍ରକାରର ଷଡ଼୍‌ଯନ୍ତ୍ର ଉଦ୍ୟମକୁ ନୂଆ ପଲିସି ଜରିଆରେ ଅଙ୍କୁଶ ଲଗାଯାଇପାରିବ। ସେହିପରି ମହିଳାଙ୍କ ସମ୍ମାନ ଜଡ଼ିତ ଥିବା କୌଣସି କଣ୍ଟେଣ୍ଟକୁ ନୂଆ ନିୟମ ଅନୁସାରେ ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକୁ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଯଦି ସୋସିଆଲ୍ ମିଡ଼ିଆରେ କୌଣସି ଆପତ୍ତିଜନକ ଫଟୋ ପୋଷ୍ଟ ହେଉଛି, ତେବେ ଏହା ଦେଖାଯିବାର ଚବିଶ ଘଣ୍ଟା ମଧ୍ୟରେ ଏହାକୁ ହଟାଇବାକୁ ପଡ଼ିବ। ଏଥିପାଇଁ ପୀଡ଼ିତାଙ୍କ ଅଭିଯୋଗର କୌଣସି ଆବଶ୍ୟକତା ରହିବ ନାହିଁ। ଯଦି କୌଣସି ଅଦାଲତ ବା ସରକାରୀ ସଂସ୍ଥା କୌଣସି ଆପତ୍ତିଜନକ ତଥା ବିଶୃଙ୍ଖଳା ସୃଷ୍ଟିକାରୀ ଟୁଇଟ୍ ବା ମେସେଜ୍‌ର ଫାଷ୍ଟ ଅରିଜିନେଟରଙ୍କ ବାବଦରେ ତଥ୍ୟ ମାଗନ୍ତି ତେବେ ସୋସିଆଲ୍ ମିଡ଼ିଆ କମ୍ପାନୀଙ୍କୁ ଏହା ଦେବାକୁ ପଡ଼ିବ। ସାଧାରଣତଃ ଦେଶର ଅଖଣ୍ଡତା, ଏକତା ତଥା ସୁରକ୍ଷାରେ ଜଡ଼ିତ ମାମଲା, ସାମାଜିକ ବ୍ୟବସ୍ଥା ତଥା ପଡ଼ୋଶୀ ଦେଶଗୁଡ଼ିକ ସହ ସମ୍ପର୍କ, ଦୁଷ୍କର୍ମ ବା ଯୌନ ଶୋଷଣ ପରି ମାମଲା କ୍ଷେତ୍ରରେ ଏହି ନିୟମ ଲାଗୁ ହେବ। ଏହି ମାମଲାରେ ଅଭିଯୋଗ ପ୍ରମାଣିତ ହେବା କ୍ଷେତ୍ରରେ ସମ୍ପୃକ୍ତ ୟୁଜରଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିପାରେ। ସେହିପରି ଯଦି ଆପତ୍ତିଜନକ କଣ୍ଟେଣ୍ଟ ବା ପୋଷ୍ଟର ଫାଷ୍ଟ ଅରିଜିନେଟର ବିଦେଶୀ ନାଗରିକ ହୋଇଥିବେ, ତେବେ ଭାରତରେ ଏହାକୁ ପ୍ରଥମେ ପୋଷ୍ଟ କରିଥିବା ୟୁଜରଙ୍କ ତଥ୍ୟ ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକୁ ଦେବାକୁ ହେବ।

ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକୁ ଏହି ସବୁ କାମକୁ ଠିକ୍ ଢଙ୍ଗରେ କରିବା ପାଇଁ ତିନି ମାସ ମଧ୍ୟରେ ଚିଫ୍ କମ୍ପ୍ଲାଏନ୍ସ ଅଫିସର, ନୋଡାଲ୍ କଣ୍ଟାକ୍ଟ ଅଫିସର ଓ ରେସିଡେନ୍ସ ଗ୍ରୀଭାନ୍ସ ଅଫିସରଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ଏମାନେ ସମସ୍ତେ ଭାରତର ନାଗରିକ ହୋଇଥିବା ଦରକାର। ଚିଫ୍ କମ୍ପ୍ଲାଏନ୍ସ ଅଫିସରଙ୍କ କାମ ରହିବ, ସେ ସୋସିଆଲ୍ ମିଡ଼ିଆ କମ୍ପାନୀ ସରକାରଙ୍କ ପ୍ରଦତ୍ତ ନିୟମଗୁଡ଼ିକର ଠିକ୍ ଅନୁପାଳନ କରୁଛନ୍ତି କି ନାହିଁ। ସେହିପରି ନୋଡାଲ୍ ଅଫିସରମାନେ ଆଇନ ଅଦାଲତ ତଥା ସରକାରୀ ସଂସ୍ଥାଗୁଡ଼ିକ ସହ ଚବିଶ ଘଣ୍ଟିଆ ଯୋଗସୂତ୍ରରେ ରହିବେ। ରେସିଡେନ୍ସ ଗ୍ରୀଭାନ୍ସ ଅଫିସର ୟୁଜରମାନଙ୍କର ଆପତ୍ତି ଅଭିଯୋଗ ଉପରେ ମୁଖ୍ୟତଃ ଶୁଣାଣି କରିବେ। ତେବେ ଗ୍ରୀଭାନ୍ସ ଅଫିସରଙ୍କୁ ୨୪ ଘଣ୍ଟା ମଧ୍ୟରେ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ ଓ ୧୫ ଦିନ ମଧ୍ୟରେ ଅଭିଯୋଗର ନିରାକରଣ କରିବାକୁ ପଡ଼ିବ। ସେହିପରି ଯେଉଁ ୟୁଜର ନିଜର ସୋସିଆଲ୍ ମିଡ଼ିଆ ଆକାଉଣ୍ଟ ଭେରିଫିକେଶନ୍ ଚାହିଁବେ, ସେମାନଙ୍କୁ ସମ୍ପୃକ୍ତ ସୋସିଆଲ୍ ମିଡ଼ିଆ କମ୍ପାନୀ ଏହାର ବ୍ୟବସ୍ଥା ଉପଲବ୍ଧ କରାଇବାକୁ ପଡ଼ିବ। ଉଦାହରଣ ସ୍ୱରୂପ– ଟୁଇଟରରେ ଭେରିଫାଏଡ୍ ଆକାଉଣ୍ଟଗୁଡ଼ିକ ବ୍ଲୁ ଟିକ୍‌ରେ ଚିହ୍ନଟ ହୋଇଥାଏ। ନୂଆ ନିୟମରେ ସରକାର ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକୁ ସେମାନଙ୍କ ମୋଟ ୟୁଜରଙ୍କ ଆଧାରରେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ବଡ଼ କମ୍ପାନୀ କିପରି ନିୟମ ମାନିବେ ଓ ଛୋଟ କମ୍ପାନୀ କିପରି ନିୟମ ପାଳନ କରିବେ ଏହାର ଚୂଡ଼ାନ୍ତ ଗାଇଡ୍‌ଲାଇନ୍ ସରକାର ପରେ ଜାରି କରିବେ।

୨୦୧୧ରେ ଆପତ୍ତିଜନକ କଣ୍ଟେଣ୍ଟ ହଟାଇବା ପାଇଁ ସୋସିଆଲ୍ ମିଡ଼ିଆ କମ୍ପାନୀ ଲାଗି ସରକାର ୩୬ ଘଣ୍ଟାର ସମୟସୀମା ଧାର୍ଯ୍ୟ କରିଥିଲେ। ଏବେ ଏହାକୁ କମାଇ ୨୪ ଘଣ୍ଟା କରିଦିଆଯାଇଛି। ନୂଆ ନିୟମ ଲାଗୁ କରି ସରକାର ବିଦେଶୀ ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକୁ 'ମଲେଇ ଖାଇବାର ଅଛି ତ ନିୟମ ମାନିବାକୁ ପଡ଼ିବ' ବୋଲି ଏକପ୍ରକାର ବାର୍ତ୍ତା ଦେଇଛନ୍ତି କହିଲେ ଭୁଲ୍ ହେବନି।

ଏବେ ଦେଖିବା ଦ୍ୱିତୀୟ ଭାଗ ଅର୍ଥାତ୍ ଡିଜିଟାଲ୍ ନ୍ୟୁଜ୍ ପ୍ଲାଟ୍‌ଫର୍ମ ବାବଦରେ ସରକାରଙ୍କ ନୂଆ ଗାଇଡ୍ ଲାଇନ୍ କ'ଣ କହୁଛି। ମୋଟାମୋଟି ଡିଜିଟାଲ ମିଡ଼ିଆକୁ ପ୍ରିଣ୍ଟ ଓ ଟିଭିର ସମକକ୍ଷ କରିବାକୁ ସରକାର ନୂଆ ନିୟମରେ ପ୍ରଚେଷ୍ଟା କରିଛନ୍ତି। ଡିଜିଟାଲ ନ୍ୟୁଜ୍ ମିଡ଼ିଆ ପବ୍ଲିଶରମାନଙ୍କୁ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ନର୍ମ୍ସ ଅଫ୍ ଜର୍ନାଲିଷ୍ଟିକ୍ କଣ୍ଡକ୍ଟ ଆଣ୍ଡ କେବୁଲ୍ ଟେଲିଭିଜନ୍ ରେଗୁଲେଶନ୍ ଆକ୍ଟକୁ ମାନିବାକୁ ପଡ଼ିବ। ଏହାଦ୍ୱାରା ଅଫ୍ ଲାଇନ୍ ମିଡ଼ିଆ ପ୍ରିଣ୍ଟ ଓ ଟିଭି ତଥା ଅନ୍‌ଲାଇନ୍ ମିଡ଼ିଆ ଅର୍ଥାତ୍ ଡିଜିଟାଲ ମିଡ଼ିଆ ପାଇଁ ଏକପ୍ରକାର ରେଗୁଲେଶନ ରହିବ। ଡିଜିଟାଲ୍ ନ୍ୟୁଜ୍ ମିଡ଼ିଆ ପବ୍ଲିଶରମାନେ ପ୍ରେସ୍ କାଉନ୍‌ସିଲ୍ ପରି ଏକ ସେଲ୍ଫ ରେଗୁଲେଶନ୍ ସଂସ୍ଥା ପ୍ରତିଷ୍ଠା ପାଇଁ ପରାମର୍ଶ ଦେଇଛନ୍ତି।

ଓଟିଟି ପ୍ଲାଟ୍‌ଫର୍ମ ପାଇଁ କୋଡ୍ ଅଫ୍ ଏଥିକ୍ସର କଥା କହିଛନ୍ତି ସରକାର; ଯାହାର ପାଳନ ଅନ୍‌ଲାଇନ୍ ନ୍ୟୁଜ୍ ପ୍ଲାଟ୍‌ଫର୍ମ ସହ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ କରିବା ଦରକାର ବୋଲି ଦର୍ଶାଯାଇଛି। ସେହିପରି ଓଟିଟି ପ୍ଲାଟ୍‌ଫର୍ମକୁ ପାଞ୍ଚଟି କାଟାଗୋରିରେ କଣ୍ଟେଣ୍ଟ ବାଣ୍ଟିବାକୁ କୁହାଯାଇଛି। ପ୍ରତି କଣ୍ଟେଣ୍ଟ ବର୍ଗରେ ଦେଖିବାକୁ ପଡ଼ିବ କେଉଁ ବୟସର ୟୁଜର୍ସଙ୍କ ପାଇଁ ଏହା ଉପଯୁକ୍ତ। ଯେମିତି ୟୁ, ୟୁ–ଏ୭, ୟୁ–ଏ୧୩, ୟୁ–ଏ୧୬ ଓ ଆଡଲ୍ଟ। ବର୍ତ୍ତମାନ ସମୟରେ ଦେଖିବାକୁ ଗଲେ ଏହି ବର୍ଗୀକରଣରେ ନୂଆ କିଛି ନାହିଁ। କାରଣ ଆମାଜନ୍ ପ୍ରାଇମ୍ ଭିଡିଓ, ହଟଷ୍ଟାର୍ ପରି ଅଧିକାଂଶ ଓଟିଟି ପ୍ଲାଟ୍‌ଫର୍ମ ୟୁଜର୍ସଙ୍କ ବୟସ ବର୍ଗୀକରଣ କରି ସାରିଛନ୍ତି। ତେବେ ଓଟିଟି ସମ୍ପର୍କିତ ଅଭିଯୋଗକୁ ତିନିସ୍ତରରେ ଶୁଣାଣି କରିବାକୁ ନୂଆ ନିୟମରେ ପ୍ରାବଧାନ ରଖାଯାଇଛି। ପ୍ରଥମସ୍ତରରେ– ଓଟିଟି ପ୍ଲାଟ୍‌ଫର୍ମ ଅଭିଯୋଗର ଶୁଣାଣି କରିବ। ଭାରତରେ ଥିବା ଗ୍ରୀଭାନ୍ସ ରିଡ୍ରେସାଲ୍ ଅଫିସର ୧୫ ଦିନ ମଧ୍ୟରେ ପ୍ରତି ଅଭିଯୋଗର ଶୁଣାଣି କରିବେ। ଦ୍ୱିତୀୟରେ ଓଟିଟି ପ୍ଲାଟ୍‌ଫର୍ମର ସେଲଫ୍–ରେଗୁଲେଟିଂ ବଡି ବି ଅଭିଯୋଗର ଶୁଣାଣି କରି ୧୫ ଦିନ ମଧ୍ୟରେ ଅଭିଯୋଗର ନିରାକରଣ କରିବେ। ତୃତୀୟରେ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିଜ ତରଫରୁ ଏକ ଓଭରସାଇଟ୍ ମେକାନିଜମ୍ ପ୍ରସ୍ତୁତ କରିବ; ଯାହା ସହାୟତାରେ ଆନ୍ତଃ ମନ୍ତ୍ରଣାଳୟ କମିଟି ମଧ୍ୟ ଅଭିଯୋଗଗୁଡ଼ିକର ଶୁଣାଣି କରିପାରିବେ।

ତେବେ ସରକାରଙ୍କ ଏହି ନୂଆ ପଲିସି କେତେଦୂର ଫଳପ୍ରଦ ରହିବ ତାକୁ ନେଇ ଦ୍ୱିମତ ରହିଛି। ଗୋଟିଏ ବର୍ଗଙ୍କ ମତ ହେଲା, ଯଦି କେହି ଭାବୁଥାଏ ନୂଆ ନିୟମ ଦ୍ୱାରା ସୋସିଆଲ୍ ମିଡ଼ିଆ ବା ଡିଜିଟାଲ୍ ମିଡ଼ିଆରୁ ଅଶ୍ଳୀଳତା ବା ଖରାପ କଣ୍ଟେଣ୍ଟ ସଫା ହୋଇଯିବ, ତାହା ମୋଟାମୋଟି ଭୁଲ୍। ତେବେ ଏହି ନୂଆ ନିୟମ ଯୋଗୁ ସର୍ଭିସ୍ ପ୍ରୋଭାଇଡର ବା ସୋସିଆଲ୍ ମିଡ଼ିଆ କମ୍ପାନୀଗୁଡ଼ିକ ଆଉ ବେଲଗାମ୍ ରହିପାରିବେନି, ଏହା ସତ। ସେପଟେ ଦ୍ୱିତୀୟ ମତଟି ହେଉଛି, ନୂଆ ନିୟମ ସୋସିଆଲ୍ ମିଡ଼ିଆ ତଥା ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକୁ ଗୋଟିଏ ଧାଡ଼ିରେ ଆଣିବାକୁ ସକ୍ଷମ ହେବ। ଆପତ୍ତିଜନକ କଣ୍ଟେଣ୍ଟ ଉପରେ ଅଙ୍କୁଶ ଲାଗିବ ଓ ଦର୍ଶକଙ୍କୁ ଏହା ବିକଳ୍ପ ମଧ୍ୟ ଦେବ, ଦର୍ଶକ କ'ଣ ଦେଖିବେ କ'ଣ ଦେଖିବେନି। ସେହିପରି କଣ୍ଟେଣ୍ଟକୁ ନେଇ ସବୁ କଥା ଥିବାରୁ, କଣ୍ଟେଣ୍ଟ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଆଗକୁ ସଜାଗ ରହିବେ ଓ ଫେକ୍ ନ୍ୟୁଜ୍ ପ୍ରସାରଣ କମିବ।

ବର୍ତ୍ତମାନ ଭାରତରେ ହ୍ୱାଟ୍ସଆପ୍‌ରେ ୫୩ କୋଟି, ଫେସ୍‌ବୁକ୍‌ର ୪୧ କୋଟି, ୟୁଟ୍ୟୁବ୍‌ରେ ୪୪.୮ କୋଟି, ଇନ୍‌ଷ୍ଟାଗ୍ରାମ୍‌ରେ ୨୧ କୋଟି ଏବଂ ଟୁଇଟରର ୧.୭୫ କୋଟି ୟୁଜର ରହିଥିବା ଜଣାପଡ଼ିଛି। ତେଣୁ ବିଶାଳ ସଂଖ୍ୟାର ୟୁଜର୍ସଙ୍କ ପାଇଁ ଥିବା ଏହି ମିଡ଼ିୟମଗୁଡ଼ିକ ଉପରେ କୌଣସି ଅଙ୍କୁଶ ନ ରହିବା ମଧ୍ୟ ବିପଦପୂର୍ଣ୍ଣ ବିଷୟବସ୍ତୁ। ତେବେ ନିୟମ ଲାଗୁ ହେବା ପୂର୍ବରୁ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ପରି ସଂସ୍ଥା ଏଥିରେ ଆପତ୍ତି ମଧ୍ୟ ଉଠାଇ ସାରିଲେଣି। ଏଣ୍ଡ–ଟୁ–ଏଣ୍ଡ ଏନ୍‌କ୍ରିପସନ୍ କାରଣରୁ କିଏ କେଉଁଠୁ ପୋଷ୍ଟ କଲା ତାହା ଜାଣିବା କଷ୍ଟକର ବ୍ୟାପାର ବୋଲି ଉଭୟ କମ୍ପାନୀ ଯୁକ୍ତି କରୁଛନ୍ତି।

ଗଡ଼ଅଣ୍ଡିଆ, ନିମାପଡ଼ା
ମୋ–୯୪୩୮୨୯୬୫୧୯

# ଏକାଦଶୀ ଉପବାସ ଓ ବିଜ୍ଞାନ



ଡ. ନରେନ୍ଦ୍ର ସେଠୀ

ଜାପାନର ପ୍ରଖ୍ୟାତ ଜୈବବିଜ୍ଞାନୀ ୟୋଶିନୋରି ଓସୁମି ୨୦୧୬ରେ ଉପବାସ ସମୟରେ ଶରୀର କିପରି ସ୍ୱୟଂ ନିଜେ ନିଜକୁ ବ୍ୟାକ୍ଟେରିଆ ଓ ଭୂତାଣୁଙ୍କ କବଳରୁ ରକ୍ଷା କରେ ତା'ଉପରେ ଗବେଷଣା କରି ନୋବେଲ ପୁରସ୍କାର ପାଇଥିଲେ। ଏହି ପ୍ରକ୍ରିୟାକୁ ଅଟୋଫାଜି ବା ସ୍ୱୟଂଭୋଜି ପ୍ରଣାଳୀ କୁହାଯାଏ। ଉପବାସ ସମୟରେ ଶରୀରର କିଛି କୋଷିକା ନଷ୍ଟ ହୋଇ ପ୍ରୋଟିନ ଓ ଅନ୍ୟ ଜିନିଷରେ ରୂପାନ୍ତରିତ ହୁଏ। ଶରୀର ଏହି ପ୍ରକ୍ରିୟାରୁ ବାହାରୁଥିବା ଶକ୍ତି ଉପଯୋଗ କରିଥାଏ। ଅନ୍ୟ ଅର୍ଥରେ ଅଟୋଫାଜି ବା ସ୍ୱୟଂଭୋଜି ପ୍ରଣାଳୀ ଦ୍ୱାରା ଶରୀର ମୃତ କୋଷଗୁଡ଼ିକୁ ଖାଦ୍ୟ ରୂପେ ବ୍ୟବହାର କରିଥାଏ। ଅନ୍ୟଥା ଏହି ଅକାମୀ ଓ ମୃତ କୋଷିକାଗୁଡ଼ିକ ଶରୀର ଭିତରେ ଜମା ହୋଇ ଅନେକ ରୋଗ ସୃଷ୍ଟି କରନ୍ତି। ଉପବାସ କରିବା ଦ୍ୱାରା ଏହି ସ୍ୱୟଂଭୋଜି ପ୍ରଣାଳୀ ଆପେ ଆପେ ଜାଗ୍ରତ ହୋଇ ଶରୀରକୁ ନୀରୋଗ ରଖିବାରେ ସହାୟକ ହୁଏ। ଏହି ଗବେଷଣାରୁ ଜଣାପଡ଼ିଲା ଯେ, ୧୨ ଘଣ୍ଟାରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ଉପବାସ କଲେ ଶରୀର ଭିତରେ ଏହି ସ୍ୱୟଂଭୋଜି ପ୍ରଣାଳୀ ଆପେ ଆପେ ବିକଶିତ ହୁଏ ଓ ଏହା ମଣିଷର ଆୟୁ ବୃଦ୍ଧି କରେ। ବୋଧେ ଏଇଥିପାଇଁ ହିମାଳୟର ସାଧୁସନ୍ଥମାନେ ଉପବାସ ବା ସ୍ୱଳ୍ପ ଆହାର କରି ଦୀର୍ଘ ଓ ନିରାମୟ ଜୀବନ ଅତିବାହିତ କରିପାରନ୍ତି।

ଉପବାସ ପାଳନ କରିବା ବିଶ୍ୱର ସବୁ ଧର୍ମର ଏକ ପ୍ରାଚୀନ ପରମ୍ପରା। ସନାତନ ହିନ୍ଦୁ ଧର୍ମରେ ବେଦ ଉପନିଷଦରେ ଉପବାସକୁ ଏକ ଆଧ୍ୟାତ୍ମିକ ଓ ନୈତିକ ଉପାୟ ଭାବେ ଦର୍ଶାଇ ଯାଇଛି; ଯାହା ଶରୀର ଓ ଆତ୍ମାକୁ ଶୁଦ୍ଧତା ପ୍ରଦାନ କରିଥାଏ। ଯୋଉଥିପାଇଁ ଏକାଦଶୀ ଓ ଶିବରାତ୍ରି ପରି ଅନେକ ପର୍ବପର୍ବାଣିରେ ଆମେ ଉପାସ ରହି ପାଳନ କରି ଥାଉ। ମୁସଲମାନ ଭାଇମାନେ ରମଜାନ ମାସରେ ଉପବାସ ପାଳନ କରିଥାନ୍ତି। ସ୍ୱୟଂ ଭଗବାନ ବୁଦ୍ଧ ଉପବାସର ଚରମ ସୀମାରେ ପହଞ୍ଚି ଜ୍ଞାନ ଲାଭ କରିଥିଲେ। ସାଧାରଣତଃ ବୌଦ୍ଧ ସନ୍ନ୍ୟାସୀମାନେ ଧ୍ୟାନ ଓ ଜପ ସମୟରେ ଉପବାସ ଅବଲମ୍ବନ କରିଥାନ୍ତି। ସେହିପରି ଜୈନ ଧର୍ମାବଲମ୍ବୀମାନେ ମଧ୍ୟ ଉପବାସ ରଖି ଧାର୍ମିକ ପୂଜାର୍ଚ୍ଚନା କରନ୍ତି। ଏହାର ବିଜ୍ଞାନ ଓ ଭେଷଜ ଶାସ୍ତ୍ର ସମ୍ମତ ମତ ଉପରେ ତର୍ଜମା କଲେ ଜଣାଯାଏ ଯେ, ଯଦି ଶରୀରର ଓଜନ କମେଇବା ଲକ୍ଷ୍ୟରେ ଉପବାସ ପାଳନ କରାଯାଏ ତାହା କ୍ଷତିକାରକ ହୋଇପାରେ।

ଉପବାସ ସମୟରେ ଶରୀରର ଜୈବିକ ପ୍ରକ୍ରିୟା ଶକ୍ତି ସଞ୍ଚୟ କରିବା ପାଇଁ ଧିମା ପଡ଼ିଯାଏ। ବିଶେଷ କରି ମଧୁମେହ ରୋଗୀମାନଙ୍କ ପାଇଁ ଉପବାସ ରହିବା ବିପଜ୍ଜନକ। ସେହିପରି ଗର୍ଭବତୀ, ଶିଶୁ ଓ ବୟସ୍କମାନେ ମଧ୍ୟ ଉପବାସ କରିବା ଅନୁଚିତ। ତେବେ ଉପବାସ କଲେ ରକ୍ତରେ ସର୍କରା ସନ୍ତୁଳିତ ହୋଇ ଇନ୍‌ସୁଲିନ ଉପରେ ନିର୍ଭରଶୀଳ ରହେ ନାହିଁ। ଶରୀରର ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ। ଉପବାସରେ ରକ୍ତଚାପ ନିୟନ୍ତ୍ରଣ ରହି ହୃତ୍‌ପିଣ୍ଡ ଅଧିକ ସ୍ୱାସ୍ଥ୍ୟବାନ ରହେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବିଶ୍ୱରେ ୩୫ ପ୍ରତିଶତ ମୃତ୍ୟୁ ହୃଦ୍‌ରୋଗ ଦ୍ୱାରା ହୋଇଥାଏ। ତେବେ ଆମ ହିନ୍ଦୁ ଧର୍ମରେ ଏକାଦଶୀ ଉପବାସର ମହତ୍ତ୍ୱ ଅଛି। ଆଧୁନିକ ବିଜ୍ଞାନ ଅନୁସାରେ ଅମାବାସ୍ୟା ଓ ପୂର୍ଣ୍ଣିମା ମଧ୍ୟରେ ବାୟୁ ଚାପମାତ୍ରାରେ ପରିବର୍ତ୍ତନ ଦେଖାଯାଏ। ଏହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର କକ୍ଷ ପଥର ଗତି ଯୋଗୁ ହୋଇଥାଏ ଓ ଯୋଉ କାରଣରୁ ସମୁଦ୍ରରେ ଜୁଆର ଭଟ୍ଟା ହୁଏ। ବିଜ୍ଞାନ ଅନୁସାରେ ଆମେ ଖାଉଥିବା ଖାଦ୍ୟ ହଜମ ହୋଇ ତା'ର ଗୁଣ ତତ୍ତ୍ୱ ମସ୍ତିଷ୍କରେ ପହଞ୍ଚିବା ପର୍ଯ୍ୟନ୍ତ ତିନି ଚାରିଦିନ ଲାଗେ। ତେଣୁ ପୂର୍ଣ୍ଣିମା ବା ଅମାବାସ୍ୟାର ଚାରିଦିନ ପୂର୍ବରୁ ପଡୁଥିବା ଏକାଦଶୀ ଦିନ ଉପବାସ ବା ଅଳ୍ପାହାର କଲେ ତାହାର ଉପାଦାନ ମସ୍ତିଷ୍କରେ ପହଞ୍ଚିବା ବେଳକୁ ପୃଥିବୀ ପୃଷ୍ଠର ବାୟୁଚାପ ସର୍ବୋଚ୍ଚ ସ୍ତରରେ ଥାଏ। ତେଣୁ ମସ୍ତିଷ୍କ ଉପରେ ଆଉ ବେଶି ଚାପ ନ ଦେବା ପାଇଁ ଆମେ ଏକାଦଶୀ ଦିନ ଉପବାସ କରୁ; ଯାହା ଫଳରେ ମସ୍ତିଷ୍କ ଓ ବାହାର ବାୟୁ ଚାପ ଭିତରେ ଏକ ଜୈବିକ ସନ୍ତୁଳନ ରହେ। ଏକାଦଶୀ ଉପବାସର ଆଉ ଏକ ବିଜ୍ଞାନ ସମ୍ମତ କାରଣ ହେଲା ଏହି ଦିନ ବାୟୁମଣ୍ଡଳର ତାପମାତ୍ରା ଅପେକ୍ଷାକୃତ କମ୍ ଥାଏ। ତେଣୁ ଏହି ଦିନ ଉପବାସ ରହି ଶରୀରର ହଜମ ତନ୍ତ୍ରକୁ ସଫା ଓ ସୁସ୍ଥ ରଖିବା ଦରକାର। ଅନ୍ୟ ଦିନଗୁଡ଼ିକରେ ବାୟୁମଣ୍ଡଳ ଚାପ ଟିକେ ଅଧିକ ରହୁଥିବାରୁ ଏହା ଶରୀର ଉପରେ କ୍ଷତି କରିବାର ସମ୍ଭାବନା ଥାଏ। ତେଣୁ ଏକାଦଶୀ ଉପବାସ ପରଦିନ ଯେତେ ଶୀଘ୍ର ପେଟ ପୂରେଇ ଖାଇନେବା ଦରକାର।

ନିର୍ଜଳା ଏକାଦଶୀ ବ୍ରତ କରିବା ଦ୍ୱାରା ଶରୀର ଭୋଜନ ତନ୍ତ୍ରକୁ ଆରାମ ମିଳିବା ସଙ୍ଗେ ସଙ୍ଗେ ଅତ୍ୟଧିକ କାର୍ଯ୍ୟକ୍ଷମ ହୋଇପଡ଼ିଥିବା ଜୈବିକ ପ୍ରଣାଳୀକୁ ମଧ୍ୟ ଆରାମ ମିଳିଥାଏ। ସାଧାରଣତଃ ହଜମ ତନ୍ତ୍ର ସବୁବେଳେ ମସ୍ତିଷ୍କରୁ ନିଜ ଆଡ଼କୁ ରକ୍ତ ସଂଚାଳିତ କରେ। କିନ୍ତୁ ଉପବାସ ରହିବା ଦ୍ୱାରା ମସ୍ତିଷ୍କକୁ ଆରାମ ମିଳେ। ତେଣୁ ଏକାଦଶୀ ପାଳନ ଦ୍ୱାରା ମସ୍ତିଷ୍କ ଅଧିକ କାର୍ଯ୍ୟକ୍ଷମ, ତୀକ୍ଷ୍ଣ ଓ ସଜାଗ ହୋଇଯାଏ। ପନ୍ଦର ଦିନକୁ ଥରେ ଏକାଦଶୀ ଉପବାସ ପାଳନ ଦ୍ୱାରା ଶରୀରରେ ଇନ୍‌ସୁଲିନ ସନ୍ତୁଳନ, ମଧୁମେହରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ଆୟୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆହୁରି ମଧ୍ୟ ଏହା ମନରୁ ଦୁଶ୍ଚିନ୍ତା ଓ ଅବସାଦ ଦୂର କରିଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ସନ୍ଧ୍ୟା ସାତଟା ପୂର୍ବରୁ ରାତ୍ରିଭୋଜନ ସାରି ପରଦିନ ସକାଳ ସାତଟା ଜଳଖିଆ ଖାଇବା ପର୍ଯ୍ୟନ୍ତକୁ ବାର ଘଣ୍ଟା ଉପବାସ କୁହାଯାଇ ପାରେ। ଏହାଦ୍ୱାରା ମସ୍ତିଷ୍କ ଆହୁରି ସନ୍ତୁଳିତ ହୋଇ କାମ କରେ ଓ ଶରୀର ସୁସ୍ଥ ଓ ନିରାମୟ ହୋଇ ରହେ ବୋଲି ଜଣାପଡ଼ିଛି। ତେଣୁ ହିନ୍ଦୁ ଧର୍ମରେ ପାଳନ କରାଯାଉଥିବା ଏକାଦଶୀ ଉପବାସ ଏକ ସୁସ୍ଥ ଓ ସ୍ୱାସ୍ଥ୍ୟବର୍ଦ୍ଧକ ବୈଜ୍ଞାନିକ ସମ୍ମତ ପରମ୍ପରା ଏଥିରେ ସନ୍ଦେହ ନାହିଁ। ଯୋଉଥିପାଇଁ ପ୍ରାଚୀନ ସନାତନ ଧର୍ମରେ ପ୍ରତି ପନ୍ଦର ଦିନରେ ଥରେ ପଡୁଥିବା ଏକାଦଶୀ ଦିନ ଉପବାସ ରହିବା ପାଇଁ ପରାମର୍ଶ ଦିଆଯାଇଛି।

ବୈଜ୍ଞାନିକ ଅଧିକାରୀ
ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡ଼ା, ପୂର୍ବ ସିଂଭୂମ, ଝାଡ଼ଖଣ୍ଡ
ମୋ–୭୦୦୪୦୬୮୧୧୦

## ଏଇ ଭାରତରେ

ଇଚ୍ଛାଶକ୍ତି ଆଗରେ ସବୁକିଛି ହାର୍‌ମାନେ ଯାହା ପ୍ରମାଣ କରିଛନ୍ତି ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଉତ୍ତରାଖଣ୍ଡର କବିତା ବିଷ୍ଟ୍। ୧୯ ବର୍ଷ ବୟସରେ ଏସିଡ୍ ଆକ୍ରମଣରେ ସେ ତାଙ୍କ ଦୃଷ୍ଟିଶକ୍ତି ହରାଇଥିଲେ। ପରେ ସେ ସୁସ୍ଥ ହୋଇ ୮୨ ଜଣ ଦିବ୍ୟାଙ୍ଗ ଶିଶୁଙ୍କ ସାହାରା ପାଲଟିଯାଇଛନ୍ତି। ଜଣେ ପରାମର୍ଶଦାତା ତଥା ଶିକ୍ଷକ ଭାବେ ମହିଳା ସଶକ୍ତୀକରଣ ପାଇଁ ଉତ୍ତରାଖଣ୍ଡ ସରକାରଙ୍କ ଆମ୍ବାସାଡର ଭାବେ କାର୍ଯ୍ୟ କରୁଥିବା ୩୧ ବର୍ଷୀୟା କବିତା ବହୁ ଘାତ ପ୍ରତିଘାତ ମଧ୍ୟରେ ଆଗକୁ ବଢ଼ିଛନ୍ତି। ଘରର ଆର୍ଥିକ ଅବସ୍ଥା ଖରାପ ହେବା ପରେ ସେ ୨୦୦୭ରେ ରୋଜଗାର ଲାଗି ଉତ୍ତରପ୍ରଦେଶର ନୋଇଡାକୁ ଚାଲିଯାଇଥିଲେ। ସେଠାରେ ୨୦୦୮ରେ ସେ ଏସିଡ ଆକ୍ରମଣରେ ତାଙ୍କ ଦୃଷ୍ଟି ଶକ୍ତି ହରାଇଥିଲେ। ସୁସ୍ଥ ହୋଇ କବିତା ଡେରାଡୁନସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭିଜୁଆଲ ହ୍ୟାଣ୍ଡିକ୍ୟାପ୍‌ଡରେ ପ୍ରଶିକ୍ଷଣ ନେବା ପରେ ୨୦୧୭ରେ ନୈନିତାଲର ରାମନଗରରେ ସନ୍ଦୀପ ରାୱତଙ୍କ ଦ୍ୱାରା ସ୍ଥାପିତ ୟୁ.ଏସ୍.ଆର.ଇନ୍ଦୁ ସମିତି ସ୍କୁଲରେ ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ତାଙ୍କ ଉଦ୍ୟମରେ ୮୨ ଜଣ ପିଲା ଏହି ସ୍କୁଲ୍‌ରେ ପଢୁଛନ୍ତି। କେବଳ ଏହି କାର୍ଯ୍ୟ ନୁହେଁ କବିତା ମଧ୍ୟ ମହିଳାମାନଙ୍କୁ ହସ୍ତକଳା ପ୍ରଶିକ୍ଷଣ ଦେଉଛନ୍ତି। ଏଥିପାଇଁ ଉତ୍ତରାଖଣ୍ଡ ସରକାର ତାଙ୍କୁ ସମ୍ମାନିତ କରିଛନ୍ତି। ଗୁଜରାଟରେ ଆୟୋଜିତ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମରେ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ ଭଗ୍ନପ୍ରାଣ ମାନବ
ସନ୍ତାନ
କାଷ୍ଠ ପାଷାଣର ଦେହେ କରଇ ସେ
ଦେବତା ନିର୍ମାଣ,
କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ
ମସ୍ତକ ଆଘାତେ
ଅକାରଣ
ଅଶରଣ !

(ପୁରୀ–ମନ୍ଦିର)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିଟ୍‌ଫଣ୍ଡ ଜମାକାରୀଙ୍କୁ କେବେ ନ୍ୟାୟ ମିଳିବ

ମହାଶୟ,

ଚିଟ୍‌ଫଣ୍ଡ ଦୁର୍ନୀତିକୁ ପାଖାପାଖି ୮ ବର୍ଷ ପୂରିଯାଇଥିଲେ ସୁଦ୍ଧା ଏଯାଏ ଜମାକାରୀମାନେ ନ୍ୟାୟ ଆଶାରେ ଅପେକ୍ଷା କରିଛନ୍ତି। ଚିଟ୍‌ଫଣ୍ଡରେ କ୍ଷତିଗ୍ରସ୍ତ ଜମାକାରୀମାନେ ମୁଖ୍ୟତଃ ଗରିବ ଶ୍ରେଣୀର ଓ ବିତ୍ତୀୟ ସଚେତନତାର ଅଭାବ ଯୋଗୁ ଏମାନଙ୍କର ଆଜି ଏ ଅବସ୍ଥା। ପ୍ରଥମେ ପାତ୍ର କମିଶନ୍ ଆଉ ଏବେ ଏମ୍. ଏମ୍. ଦାସ କମିଶନ, କିଛି ଫରକ୍ ପଡ଼ିନାହିଁ। କମିଶନଙ୍କ ସୁପାରିସ ଦ୍ୱାରା ସରକାର ଗଠନ କରିଥିବା କର୍ପସ୍ ଫଣ୍ଡ ମାଧ୍ୟମରେ କିଛି କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରାଯାଇଛି; ଯାହା ସମୁଦ୍ରକୁ ଶଙ୍ଖେ ପରି। ଖାଲି ରିପୋର୍ଟରେ ସୀମିତ ରହିଛି ଅନ୍ୟ ଜମାକାରୀଙ୍କୁ ଟଙ୍କା ଫେରାଇବା ପ୍ରକ୍ରିୟା। ସରକାର ମଧ୍ୟ ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଏଯାଏ କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି। ସେପଟେ ଏ କେଳେଙ୍କାରୀ ସହ ସିଧାସଳଖ ସମ୍ପୃକ୍ତ ଥିବା ଅନେକ ଠକ ଖୋଲାରେ ବୁଲୁଛନ୍ତି। ଅତୀତରେ ଜମାକାରୀଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ଉପାୟ ମାଧ୍ୟମରେ ବିସ୍ତୃତ ସର୍ଭେ କରାଯିବା ପରେ ଏବେ ପୁଣି ଜମାକାରୀଙ୍କୁ ପୁନଃ ଚିହ୍ନଟ କରାଯାଉଛି। ସରକାର ଜମାକାରୀଙ୍କୁ ଟଙ୍କା ଫେରାଇବା ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଦରକାର। ଏହାଛଡ଼ା ଭବିଷ୍ୟତରେ କିପରି ଲୋକମାନେ ଏହିଭଳି ସଂସ୍ଥାରେ ନିବେଶ ନ କରିବେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

ଅତିଥି ଅର୍ପିତ୍ ନାୟକ, ଶାସନ୍ଦା, ଅରେଇ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମୋହନା ବିଡିଓ ନିଲମ୍ବିତ**

ପାରଳାଖେମୁଣ୍ଡି,(ଡି.ଏନ୍.ଏ.): ଗଜପତି ଜିଲା ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଂଶୀଧର ଖୋସଲାଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ଗତବର୍ଷ ଅଡ଼ବା ଥାନା ଅଞ୍ଚଳରୁ ଏକ କାଜୁ ବୋଝେଇ ଟ୍ରକରୁ ଗଞ୍ଜେଇ ଜବତ ହୋଇଥିଲା। ଜବତ କାଜୁକୁ ବେଆଇନ ଭାବେ ବିକ୍ରି କରି ଦିଆଯିବା ମାମଲାରେ ଛନ୍ଦି ହୋଇଥିଲେ ମୋହନା ବିଡିଓ। ଗତ ନଭେମ୍ବର ୧୭ ତାରିଖରେ ଏ ନେଇ ଅଡ଼ବା ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲା ଅଦାଲତରେ ବିଚାରାଧୀନ ରହିଛି।

# ୯ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଗୋପାଳଗଞ୍ଜ ମଦମୃତ୍ୟୁ ମାମଲା**

**୪ଙ୍କୁ ଆଜୀବନ**

ନୂଆଦିଲ୍ଲୀ, ୫।୩

୨୦୧୬ ଗୋପାଳଗଞ୍ଜ ମଦମୃତ୍ୟୁ ମାମଲାରେ ସ୍ୱତନ୍ତ୍ର ଅବକାରୀ କୋର୍ଟ ୯ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୪ ଜଣ ମହିଳା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସମସ୍ତ ୧୩ ଜଣଙ୍କୁ ଗତ ଫେବୃୟାରୀ ୨୬ରେ ଦୋଷୀସାବ୍ୟସ୍ତ କରାଯାଇଥିଲା। ମୃତ୍ୟୁଦଣ୍ଡାଦେଶ ପାଇଥିବା ୯ ଜଣ ଗୋଟିଏ ପରିବାରର।

୨୦୧୬ ଅଗଷ୍ଟରେ ବିହାରର ଗୋପାଳଗଞ୍ଜ ଜିଲା ଅନ୍ତର୍ଗତ ଖଜୁରବଣି ଅଞ୍ଚଳରେ ବିଷାକ୍ତ ମଦ ପିଇ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଦୃଷ୍ଟିଶକ୍ତି ହରାଇଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିହାରରେ ମଦ ନିଷିଦ୍ଧ କରିବା ପରେ ଏହା ପ୍ରଥମ ବଡ଼ ମଦମୃତ୍ୟୁ ଘଟଣା ଥିଲା। ଖଜୁରବଣିରେ ରହୁଥିବା ୨୫ରୁ ୩୦ ପରିବାର ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିଲେ। ଚଢ଼ାଉ ବେଳେ ସେଠାରୁ ୧,୦୦୦ ଲିଟରରୁ ଅଧିକ ମଦ ଜବତ ହୋଇଥିଲା। କର୍ତ୍ତବ୍ୟରେ ଅବହେଳା ପାଇଁ ୩ ସବ୍‌ଇନ୍ସପେକ୍ଟରଙ୍କ ସମେତ ୨୧ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା। ମଦମୃତ୍ୟୁ ଘଟଣାରେ ବିରୋଧୀ ଦଳ ନୀତୀଶ କୁମାର ସରକାରଙ୍କୁ ସମାଲୋଚନା କରିଥିଲେ। ମଦ ରୋକିବାକୁ କଠୋର ଆଇନ କାର୍ଯ୍ୟକାରୀ ହୋଇଥିବା ସରକାର କହୁଥିବାବେଳେ ବିଷାକ୍ତ ମଦ ପିଇ ଏତେ ଲୋକଙ୍କ ଜୀବନ ଗଲା କିପରି ବୋଲି ସେମାନେ ପ୍ରଶ୍ନ କରିଥିଲେ। ବିହାରରେ ଗୋଟିଏ ମାମଲାରେ ଏତେ ସଂଖ୍ୟାରେ ଅପରାଧୀ ମୃତ୍ୟୁଦଣ୍ଡ ପାଇବା ପ୍ରଥମ ଘଟଣା ବୋଲି ଗୋପାଳଗଞ୍ଜ ପବ୍ଲିକ୍ ପ୍ରସିକ୍ୟୁଟର ଦେବବଂଶ ଗିରି କହିଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୦-୨୧-୨୫, ତାରିଖ ୦୫।୦୩।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ । **କାର୍ଯ୍ୟର ନାମ:** ଏଡିଇଏନ୍/୧/ଟାଟାଙ୍କ ଅଧୀନରେ ଟାଟାନଗର-ବାଦାମପାହାଡ଼ ସେକ୍ସନ ମଧ୍ୟରେ କିମି ୩୧୫/୮-୯ ଠାରେ ବ୍ରିଜ୍ ନଂ. ୨୭ର ଆରସିସି ଜ୍ୟାକେଟିଂ (୪ର୍ଥ କଲ) । **ଟେଣ୍ଡର ମୂଲ୍ୟ:** ₹୨,୩୮,୯୫,୬୨୯.୦୧ **ଇଏମଡି:**₹୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦/-। **ଖୋଲାଯିବାର ତାରିଖ:** ୧୮।୦୩।୨୦୨୧। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-571)

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/20-21/E-Tender/59,ତା.02.03.2021ରିଖ

(୧) ଟେଣ୍ଡର ସଂ. e-Tender-South-KUR-278-2020,ତା.22.02.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ ଠାରୁ ବାଲୁଗାଁ ସେକ୍ସନରେ 03 ଗୋଟି ଷ୍ଟୋନ୍ ସ୍ଲାବ୍ ବ୍ରିଜ୍ (ବ୍ରିଜ୍ ନଂ.639UP, 757UP ଏବଂ 789UP) ଗୁଡ଼ିକର ଜଳ ବାକ୍ସ ବ୍ରିଜରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 109.86 ଲକ୍ଷ।

(୨) ଟେଣ୍ଡର ସଂ.e-Tender-South-KUR-279-2020, ତା.22.02.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ) ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ସେକ୍ସନ ମଧ୍ୟରେ 209 ସେଟ୍ ନିମନ୍ତେ ଟର୍ଣ୍ଣଆଉଟ୍‌ସ (TFRTO) ଗୁଡ଼ିକର ଥ୍ରୁ ଫିଟିଙ୍ଗ୍‌ସ ନବୀକରଣ ଏବଂ 38 ସେଟ୍ 12 ରେ 1 ଫ୍ୟାନ୍ ସେପ୍‌ଡ ଲେଆଉଟ୍‌ର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 216.97 ଲକ୍ଷ।

(୩) ଟେଣ୍ଡର ସଂ.e-Tender-South-KUR-280-2020,ତା.22.02.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଗଞ୍ଜାମ-ଛତ୍ରପୁର ଷ୍ଟେସନ ମଧ୍ୟରେ ପୋଲ ନଂ.950(ଋଷିକୁଲ୍ୟା) 10x45.72M TOWG ର ପ୍ରସ୍ତାବିତ ନଦୀଶଯ୍ୟାର 3D ସ୍କାନିଙ୍ଗ/ନଦୀଶଯ୍ୟା ମ୍ୟାପିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 7.41 ଲକ୍ଷ।

**ଶେଷ ହେବା ଅବଧି :** 06(ଛଅ) ମାସ (କ୍ରମ ସଂ.1 ପାଇଁ), 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 02(ଦୁଇ) ମାସ (କ୍ରମ ସଂ.3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ):** ତା.17.03.2021 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-602/L/20-21

# ବାହାବେଦିରୁ ମଶାଣି ଭୂଇଁ

ବିନିକା,୫।୩(ଡି.ଏନ୍.ଏ.)

ସରିଥିଲା ବିବାହ, ଯାଇଥାନ୍ତେ ଶାଶୁଘର। ହେଲେ ବର ସହିତ ଫୁଲରେ ସଜ୍ଜିତ ଗାଡ଼ିରେ ବସି ଯିବା ବଦଳରେ ୬ଖଣ୍ଡ କାଠରେ ତିଆରି କୋକେଇରେ ଯାଇଥିଲେ ମଶାଣି। ବିବାହ ପରେ କନ୍ୟା ବିଦାୟ ବେଳେ କାନ୍ଦି କାନ୍ଦି ନବବଧୂର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ବାହାବେଦିରୁ କନ୍ୟା ଯାଇଛି ମଶାଣି ଭୂଇଁ। ଏଭଳି ଦୁଃଖଦ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ଗାଁରେ।

ଏହି ଗାଁର ମେନକା ସାହୁଙ୍କ ଝିଅ ଗୁପ୍ତେଶ୍ୱରୀ (ରୋଜି)ଙ୍କ ବିବାହ ବଲାଙ୍ଗୀର ଜିଲା ତେନ୍ତୁଲିଗାଁର ରାଧେଶ୍ୟାମ ପଧାନଙ୍କ ପୁତ୍ର ବିଶିକେଶନଙ୍କ ସହିତ ଗୁରୁବାର ସ୍ଥିରୀକୃତ ହୋଇଥିଲା। ବନ୍ଧୁବାନ୍ଧବ ସମସ୍ତେ ଆସିଥିଲେ। ରାତିରେ ରୀତିନୀତି ଅନୁଯାୟୀ ବିବାହ ସରିଥିଲା। ଶୁକ୍ରବାର ଭୋରରେ ବିଦାବେଳେ ରୋଜି କାନ୍ଦିକାନ୍ଦି ବେହୋସ ହୋଇଯାଇଥିଲେ। ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ସେଠାରେ ରୋଜିଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ସ୍ତବ୍ଧ ହୋଇଯାଇଥିଲେ। ଝିଅରୁ



ବିବାହ ସମୟରେ ରୋଜି।

ନବବଧୂ ସାଜି ଅଳତା, ସିନ୍ଦୂର ପିନ୍ଧି ଶାଶୁଘର ଯିବା ବଦଳରେ ପରପାରିକୁ ଚାଲିଗଲେ। ଅପରପକ୍ଷେ ତାଙ୍କ ବାପାଙ୍କର ଗତ କିଛିଦିନ ତଳେ ମୃତ୍ୟୁ ଘଟିଥିଲା। ବିନିକା ମେଡିକାଲରେ ରୋଜିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଶୁକ୍ରବାର ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଓଡ଼ିଆ ଲେଖାପଢ଼ା ନ ଜାଣି ଅଯୋଗ୍ୟ ହେଲେ ସରପଞ୍ଚ

ଛତ୍ରପୁର,୫।୩(ଡି.ଏନ୍.ଏ.)

ପଞ୍ଚାୟତିରାଜ ଦିବସରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ଓଡ଼ିଆ ଲେଖାପଢ଼ା ଜାଣି ନ ଥିବା କାରଣରୁ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତିନୂଆଗାଁ ସରପଞ୍ଚ ପି. ସୀମାଦ୍ରିଙ୍କ ପଦବୀ ରଦ୍ଦ ସହ ଅଯୋଗ୍ୟ ଘୋଷଣା ହୋଇଛି। ଛତ୍ରପୁର ସିଭିଲ ଜଜ୍ ଜୁନିୟର ଡିଭିଜନ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ସୀମାଦ୍ରି ଅଗସ୍ତିନୂଆଗାଁର ସରପଞ୍ଚ ନିର୍ବାଚିତ ହୋଇଥିଲେ। ହେଲେ ସେ ସମୟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିବାସୀ ଗୌଡ଼ ଛତ୍ରପୁର ସିଭିଲ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ସୀମାଦ୍ରି ଓଡ଼ିଆ ପଢ଼ି ନାହାନ୍ତି, ସେ ୨ଟି ବିବାହ କରିଥିବା ବେଳେ ୬ ସନ୍ତାନ ଥିବା ନେଇ ଓକିଲଙ୍କ ଜରିଆରେ ପିଟିଶନ ଦାଖଲ କରାଯାଇଥିଲା। ୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ବିଚାରପତି ଏହି ମାମଲାର ଶୁଣାଣି କରି ସୀମାଦ୍ରି ଓଡ଼ିଆ ଲେଖାପଢ଼ା ଜାଣି ନ ଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା ସହ ସରପଞ୍ଚ ପଦବୀ ରଦ୍ଦ କରିଛନ୍ତି। ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗଞ୍ଜାମ ଜିଲାପାଳଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା**

**୧୦୪ତମ ବାର୍ଷିକ ସାଧାରଣ ସଭା ନୋଟିସ**

ନୋଟିସ ନଂ. ୩୪୫୦ ତା୦୩।୦୩।୨୦୨୧ରିଖ

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୧୦୪ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୨୪।୦୩।୨୦୨୧ରିଖ ବୁଧବାର ପୂର୍ବାହ୍ନ ୧୦.୩୦ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ଡି.ଆର.ଡି.ଏ. ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶ ଗ୍ରହଣ କରିବା ନିମନ୍ତେ ଅନୁରୋଧ।

ଜିଲ୍ଲାପାଳ ତଥା ପ୍ରଶାସକ, ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ
ସ୍ୱା./- ଅନନ୍ତ କୁମାର ସାମଲ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**କାର୍ଯ୍ୟସୂଚୀ**

୧. ତା୧୦।୦୧।୨୦୨୦ରିଖରେ ଅନୁଷ୍ଠିତ ହୋଇଥିବା ୧୦୩ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୧୯-୨୦ ଆର୍ଥିକ ବର୍ଷ ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ଗତ ୨୦୧୯-୨୦ ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୧୯-୨୦ ବର୍ଷର ନିଟ୍ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ବ୍ୟାଙ୍କର ଆଗାମୀ ୨୦୨୧-୨୨ ବର୍ଷର ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ।
୬. ଆଗାମୀ ୨୦୨୧-୨୨ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା ପଠନ ଓ ଦୃଢ଼ୀକରଣ।
୭. ଅନ୍ୟାନ୍ୟ (ଜିଲ୍ଲାପାଳ ତଥା ପ୍ରଶାସକଙ୍କ ଅନୁମତି କ୍ରମେ)।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**All 30 District Job Vacany in Odisha, Required Smart and talented with Marketing Expert**
Qualification:- Graduation, BCA, BBA with Computer Knowledge, Male/Female. Age: 25 to 40, Designation:- District Manager, Salary upt Rs.30,000/- (Target Basis).
Contact - 07978922456,
Email: - bmyway.path@gmail.com

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି**
Required 7th to +3, ITI Diploma, B.Tech Candidate ଆବଶ୍ୟକ ।
ଦରମା - 7,500/- ରୁ 42,000/-
For Apply Contact
8895029591

**URGENTLY REQUIRED**
OvenTop equipment Technical & Non-Technical candidate requir 17nos of Welder, Fabricator, Fitter, Gascutter, Rigeer and Helper.
Email: ovenservice012@gmail.com
MOB: 9337441769

**REQUIRED**
ACCOUNTANT- 2 Nos.
Preferably experienced with Tally.
GURUKRUPA CHICKS TO CHICKEN PVT. LTD.
Contact: 7894463236
Address; 305, Saradeipur, Dhauli, BBSR-751002

**JOB FOR FRESHER**
Post: R.A., R.M.
Salary- 10K-12K
Qualification: Graduates & PG
Contact: 9437834500
Email:hr@nuciferaglobal.com




# ଶ୍ରୀଜଗନ୍ନାଥଙ୍କ ଲାଗି ହେଉ 'ନିଧି ସଂଗ୍ରହ ଅଭିଯାନ'

**ଗଜପତି ମହାରାଜାଙ୍କୁ ପତ୍ର ଲେଖିଲେ ଧର୍ମେନ୍ଦ୍ର**

ଭୁବନେଶ୍ୱର, ୫।୩(ବ୍ୟୁରୋ)

ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରାଣର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ସମର୍ପଣ ନିଧି ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଶୁକ୍ରବାର ପତ୍ର ଲେଖି ସହଯୋଗ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀମନ୍ଦିରର ବିକାଶ ପାଇଁ ପରିକ୍ରମା ଓ ଅନ୍ୟାନ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ମହତ୍ କାର୍ଯ୍ୟରେ ସାମିଲ ହେବାକୁ ବିଶ୍ୱର ସମଗ୍ର ହିନ୍ଦୁ ସମାଜ ବିଶେଷ କରି ସାଢ଼େ ୪ କୋଟି ଓଡ଼ିଆ ଇଚ୍ଛା ରଖିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ସମସ୍ତେ ମନଖୋଲି ମହାପ୍ରଭୁଙ୍କୁ ଦାନ କରିବାର ସୁଯୋଗ ପାଇପାରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

ମହାପ୍ରଭୁ ଜଗନ୍ନାଥ ମନ୍ଦିରର ସଂରକ୍ଷଣ, ସେବାୟତଙ୍କ ସାମଗ୍ରିକ ବିକାଶ, ଶ୍ରଦ୍ଧାଳୁଙ୍କ କଲ୍ୟାଣ, ପୁରୁଣା ପରମ୍ପରା ଏବଂ ଐତିହ୍ୟକୁ ବଜାୟ ରଖିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଗଜପତି ମହାରାଜା ନିରନ୍ତର ଉଦ୍ୟମ କରି ଆସୁଛନ୍ତି। ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରିଚୟର ମୂଳବିନ୍ଦୁ ଦାରୁଦିଅଁ ପ୍ରତ୍ୟେକଙ୍କ ହୃଦୟରେ ବିରାଜମାନ। ତେଣୁ ମହାପ୍ରଭୁଙ୍କ ପାଇଁ ଏହି ଧନ ସଂଗ୍ରହ ଅଭିଯାନରେ ଲୋକଙ୍କୁ ସହଭାଗୀ କରିବା ଲାଗି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ମହାପ୍ରଭୁଙ୍କ ପ୍ରତି ସମ୍ମାନ ଏବଂ ଭକ୍ତିଭାବ ପ୍ରକାଶ କରି ଆସୁଛନ୍ତି। ଏହି ପ୍ରଚେଷ୍ଟାକୁ ସଫଳ ରୂପ ଦେବା ପାଇଁ ଭାରତ ସରକାର ଆଇନଗତ ଏବଂ ନୀତିଗତ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବା ପାଇଁ ଇଚ୍ଛୁକ। ତେବେ ପ୍ରସ୍ତାବିତ ଅଭିଯାନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ଏଥିପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କେନ୍ଦ୍ର-ଓଡ଼ିଶା ସରକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ସାଜିବା ପାଇଁ ସେ ଗଜପତି ମହାରାଜାଙ୍କୁ ଅନୁରୋଧ କରିଛନ୍ତି। ଗଜପତି ମହାରାଜାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ଯୋଜନାର କ୍ରିୟାନ୍ୱୟନ ସଫଳତା ପାଇବ ବୋଲି ଧର୍ମେନ୍ଦ୍ର ଦୃଢ଼ ଆଶାବାଦୀ ଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

# ଗ୍ରାହକ ସେବାରେ କଳାମନ୍ଦିର



**କଳାମନ୍ଦିର ଓଡ଼ିଶାବାସୀଙ୍କ ଶ୍ରଦ୍ଧା ଓ ଭଲପାଇବାକୁ ସାଉଁଟି ଏକ ପାରିବାରିକ ବ୍ରାଣ୍ଡ୍ ପାଲଟିଯାଇଛି। ୧୯୭୭ରେ ପ୍ରଥମ ଷ୍ଟୋର୍ ଆରମ୍ଭ ହେବା ପରଠାରୁ ଏହି ବ୍ରାଣ୍ଡ୍ ସର୍ବୋତ୍ତମ ଗୁଣବତ୍ତା ଉତ୍ପାଦ ଓ ସେବା ଯୋଗାଇବାରେ କେବେ ବିଫଳ ହୋଇନାହିଁ। ପ୍ରତିଯୋଗିତା ଯେତେ ବଢ଼ିଚାଲିଲେ ମଧ ଉକ୍ତ ଫ୍ୟାଶନ୍ ଆଣ୍ଡ ଫ୍ୟାମିଲି ଶୋ'ରୁମ୍ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି କୁହନ୍ତି କଳାମନ୍ଦିର ପରିଚାଳନା ସହଯୋଗୀ ରାଜିନ୍ଦର ସିଂ।**

ଧରିତ୍ରୀ | OrissaPOST
BUSINESS EMINENCE AWARDS

**➥କଳାମନ୍ଦିର କିପରି ରାଜ୍ୟର ସର୍ବାଦୃତ ଫ୍ୟାଶନ୍ ସ୍ଥାନ ହୋଇପାରିଛି?**

୪୦ ବର୍ଷ ତଳେ କଳାମନ୍ଦିର ଆରମ୍ଭ ହେବା ଦିନଠାରୁ ଏଯାବତ୍ ଅଧିକାଂଶ ପରିବାର ପାଇଁ ପସନ୍ଦର ଫ୍ୟାଶନ୍ ଡେଷ୍ଟିନେଶନ ପାଲଟିଛି। ସମଗ୍ର ଓଡ଼ିଶା ବିଶେଷକରି ଭୁବନେଶ୍ୱର ଗ୍ରାହକମାନଙ୍କଠାରୁ ଆମେ ପର୍ଯ୍ୟାପ୍ତ ସ୍ନେହ, ସମର୍ଥନ ଓ ବିଶ୍ୱାସ ହାସଲ କରିପାରିଛୁ। ଏତେ ଆଦୃତି ପାଇବାର କାରଣ ହେଲା, ଆମ ଗ୍ରାହକଙ୍କୁ ଆମେ ପୁରୁଷ, ମହିଳା, ପିଲାଙ୍କ ପାଇଁ ପୋଷାକ ସହିତ ଶାଢ଼ି ଓ ଲେହଙ୍ଗାର ସର୍ବୋତ୍ତମ ସଂଗ୍ରହ ଯୋଗାଇବାରେ ବିଶ୍ୱାସ କରୁ। ଆମର ସୁଲଭ ମୂଲ୍ୟ ନୀତି ହେଉଛି ସଫଳତାର ଅନ୍ୟତମ କାରଣ।

**➥କୋଭିଡ୍-୧୯ ମହାମାରୀ ବେଳେ ବ୍ୟବସାୟ କିପରି ଥିଲା?**

ଲକ୍‌ଡାଉନ୍ ବେଳେ ଆମେ କଠିନ ପରିସ୍ଥିତି ଦେଇ ଗତି କରିଥିଲୁ। ବାସ୍ତବରେ ଶୋ'ରୁମ୍ ମାର୍ଚ୍ଚ ୧୫ରୁ ମେ' ମାସ ଶେଷ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ପରେ ଖୋଲିଥିଲେ ବି ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବିକ୍ରି ୨୫-୩୦% ହ୍ରାସ ପାଇଥିଲା। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଅକ୍ଟୋବର ମାସଠାରୁ ବିକ୍ରି ବୃଦ୍ଧି ଘଟିଛି। ଏବେ ଆମ ବିକ୍ରି ପରିମାଣ କୋଭିଡ୍ ପୂର୍ବ ବିକ୍ରି ସହ ପ୍ରାୟ ସମାନ ହୋଇଆସିଲାଣି।

**➥ଚଳିତ ବଜେଟ ସଂକ୍ରାନ୍ତରେ ଆପଣଙ୍କର ମତ କ'ଣ?**

ଖୁବ୍ କଠିନ ପରିସ୍ଥିତି ମଧ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଏକ ଉନ୍ନତ, ସାହସିକ ଏବଂ ବିକାଶୋନ୍ମୁଖୀ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟ ବିଭିନ୍ନ କ୍ଷେତ୍ରର ବ୍ୟବସାୟ ପୁନରୁଦ୍ଧାରରେ ସହାୟକ ହେବ। ଏହା ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ବଢ଼ାଇବ ଏବଂ ସେମାନେ ପୁଣି ଅଧିକ ଖର୍ଚ୍ଚ କରିବାକୁ ଆଗେଇ ଆସିବେ। ଏଥିଯୋଗୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ଅଭିବୃଦ୍ଧି ଘଟିବ ବୋଲି ମୋର ବିଶ୍ୱାସ।

**➥୨୦୨୧-୨୨ ଆର୍ଥିକ ବର୍ଷର କାରବାର ପାଇଁ କ'ଣ ସବୁ ଯୋଜନା କରିଛନ୍ତି?**

ଗତ ବର୍ଷ ଅପେକ୍ଷା ଚଳିତ ବର୍ଷର ବ୍ୟବସାୟ ପ୍ରାୟ ୪୦% କମିଛି। ଚଳିତ ଆର୍ଥିକ ବର୍ଷରେ ଏହାକୁ ପୂରଣ କରିବା ସହ ଶୋ'ରୁମ୍‌ର ବିକାଶ ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସାମଗ୍ରୀ ଯୋଗାଇବା ଆମର ପ୍ରଥମ ଲକ୍ଷ୍ୟ। ଗ୍ରାହକଙ୍କର ଭରସା ଓ ଭଲ ପାଇବାକୁ ନେଇ ବ୍ୟବସାୟ କରିବା ହେଉଛି ଆମର ବଡ଼ ଯୋଜନା। ଆଗାମୀ ଦିନରେ ଗ୍ରାହକଙ୍କୁ ପୂର୍ବଭଳି ବିଭିନ୍ନ ଅଫର ଓ ରିହାତି ଯୋଗାଇ ଦେବାକୁ ଯୋଜନା କରାଯାଇଛି।

**➥କେଉଁ କେଉଁ ବ୍ରାଣ୍ଡର ପୋଷାକ ସବୁ ଉପଲବ୍ଧ ରହିଛି?**

କଳାମନ୍ଦିର ହେଉଛି ଏକ ଫ୍ୟାଶନ ଆଣ୍ଡ୍ ଫ୍ୟାମିଲି ଶୋ'ରୁମ୍, ଯାହାକି ତା'ର ପ୍ରିୟ ଗ୍ରାହକଙ୍କ ସେବାରେ ସମର୍ପିତ ଅଟେ। ଏଠାରେ ସବୁ ବର୍ଗର ଲୋକଙ୍କ ପାଇଁ ପୋଷାକ ରହିଛି। ପୁରୁଷ, ମହିଳା, ବରିଷ୍ଠ ନାଗରିକ ଓ ଛୋଟ ପିଲା ଏପରି କି ବିଭାଘର ଓ ପାର୍ବଣ ପାଇଁ ସ୍ୱତନ୍ତ୍ର ପୋଷାକ, ଋତୁ ଅନୁସାରେ ମଧ ଡ୍ରେସ୍ ଗ୍ରାହକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ପୂରଣ କରିଥାଏ।

**➥କଳାମନ୍ଦିରର ସଫଳତାର ରହସ୍ୟ କଣ?**

ଶୋ'ରୁମ୍‌ର ବ୍ରାଣ୍ଡ୍ ସବୁ ପ୍ରକାର ହେବା ଦରକାର। ଗ୍ରାହକ ସେବା, ବନ୍ଧୁତା, ବିଶ୍ୱାସ, ଚାହିଦା ପୂରଣ ଏବଂ ଆକର୍ଷଣୀୟ ଅଫର ସହ ଉପହାର ପ୍ରଦାନ ବ୍ୟବସାୟିକ ସଫଳତାର ମୂଳମନ୍ତ୍ର।



## ଘର ଜଳିଗଲା

ନାଉଗାଁ,(ସ୍ୱ.ପ୍ର.) ନାଉଗାଁ ବ୍ଲକ ଅନ୍ତର୍ଗତ ଅବଦଲପୁର ଗ୍ରାମର ସୁକାନ୍ତ ମହାନ୍ତିଙ୍କ ଘରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଏକ ବଖରା ଜଳିଯାଇଛି। ନିଆଁରେ ଘରର ଆସବାବପତ୍ର ସମେତ ଧାନ ବାଡ଼ା ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ନାଉଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



## ସଂକ୍ଷେପରେ

### ଲଙ୍କାଗୁଣ୍ଡ ପକାଇ ବାଇକ୍ ଲୁଟ୍

ରାହାମା,୫ା୩(ଡି.ଏନ୍.ଏ.): ତିର୍ତ୍ତୋଲ ଥାନା ରାହାମା ଖୋସାଲପୁର ମହାନଦୀ ସେତୁ ଉପରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ମୁହଁରେ ଲଙ୍କାଗୁଣ୍ଡ ପକାଇ ବାଇକ୍ ଓ ୧୭,୫୦୦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପୋରଗଡେଇ ପଞ୍ଚାୟତ ଯୋଗଣିଆ ଗାଁର ତାପସ ସାମନ୍ତରାୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ଘରକୁ ବାଇକ୍‌ରେ ଫେରୁଥିବା ବେଳେ ୩ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ମହାନଦୀ ସେତୁ ନିକଟରେ ସେମାନେ ଧାରୁଆ ଅସ୍ତ୍ରରେ ତାଙ୍କ ହେଲମେଟ୍‌କୁ ଆଘାତ ସେ ବାଇକ୍‌ରୁ ତଳେ ପଡ଼ି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଲଙ୍କାଗୁଣ୍ଡ ଛାଟି ବାଇକ୍ ଓ ଟଙ୍କା ବ୍ୟାଗ ଲୁଟି ନେଇଥିଲେ। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ବାଇକ୍ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଖଣ୍ଡପଡା,୫ା୩(ସ୍ୱ.ପ୍ର.): ଜାନୁୟାରୀ ୨୭ରେ ଭାପୁର ବ୍ଲକ ପଥରଚକଡା ପାଠଶାଳା ନିକଟରେ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଦୁର୍ଯ୍ୟୋଧନ ମୁଦୁଲିଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତ୍ତ ମୁଦୁଲି ମାଧପୁର ହାଇସ୍କୁଲରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ଦୁର୍ଘଟଣା ଦିନ ସେ ବାଇକ୍ ଯୋଗେ କଣ୍ଟିଲୋକୁ କୌଣସି କାମରେ ଯାଉଥିବାବେଳେ ନିକଟସ୍ଥ ଧାନଙ୍ଗେଡା ଗାଁର ଅଜିତ ମହାନ୍ତିଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

### ରାସ୍ତାପାର୍ଶ୍ୱ ଜିଅନ୍ତା ଗଛ ପୋଡ଼ିଦେଲେ ଦୁର୍ବୃତ୍ତ

ରାଜକନିକା, ୫ା୩ (ଡି.ଏନ୍.ଏ.): ରାଜକନିକା ବନ ବିଭାଗ ପକ୍ଷରୁ ସିଙ୍ଗୋଡା-ହାଟସାହି ପ୍ରଧାନମନ୍ତ୍ରୀ ସଡ଼କ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଏହି ଗଛଗୁଡିକ ବଡ଼ି ଯାଇଥିଲେ। ସମ୍ପୃକ୍ତ ବିଭାଗ ପକ୍ଷରୁ ଜାଲ ବାଡ ଦିଆଯାଇ ସୁରକ୍ଷା ହୋଇଥିଲା। ଗଛମୂଳେ ପ୍ରବଳ ଖରାସହି ନ ପାରି ପଥଚାରୀମାନେ ଥକା ମେଣ୍ଟାଉ ଥିଲେ। ହେଲେ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଫଳରେ ବହୁ ଜିଅନ୍ତା ଗଛ ପୋଡିଯାଇଛି। ତେଣୁ ରାଜକନିକା ବନ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ଚାଳକ ଗିରଫ

ଖଣ୍ଡପଡା,୫ା୩(ସ୍ୱ.ପ୍ର.): ଖଣ୍ଡପଡା ବାଇପାସ ରାସ୍ତାରେ ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କୋଇଲା ବୋଝେଇ ପିକ୍‌ଅପ ଭ୍ୟାନକୁ ଜବତ କରିବା ସହ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗାଡି ଚାଳକ ନିରଞ୍ଜନ ଜେନାଙ୍କ ଘର ନୟାଗଡ ସଦର ଥାନା ଯଦୁପୁର ଗାଁରେ। ପିକ୍‌ଅପ ଭ୍ୟାନରୁ ୨୫ କୁଇଣ୍ଟାଲ କୋଇଲା ଜବତ ହୋଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟ କହିଛନ୍ତି। ଚାଳକଟେ ଅଞ୍ଚଳରୁ ଭ୍ୟାନ ଯୋଗେ କୋଇଲା ନେଇ ନୟାଗଡ ଅଭିମୁଖେ ଚୋରାରେ କୋଇଲା ଚାଲାଣ ହେଉଥିଲା। ଖଣ୍ଡପଡା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଖଣ୍ଡପଡା,୫ା୩(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ ସିଂଘପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବନବାସ ପତି(୭୫)ଙ୍କର ଶୁକ୍ରବାର ସକାଳ ସାଢେ ୮ଟାରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ପତି ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ୧୯୮୦-୯୨ ପର୍ଯ୍ୟନ୍ତ ସରପଞ୍ଚ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବରପାଇ ଖଣ୍ଡପଡା ରାଜା ତଥା ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଅରୁଣ ପଟ୍ଟନାୟକ, ରମାକାନ୍ତ ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସିଂଘପଡା ସରପଞ୍ଚ ନମିତା ପଣ୍ଡା, ସମିତିସଭ୍ୟ ବିଜୟ କୁମାର ନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅନିଲ ମୁଖାଗ୍ନି ଦେଇଛନ୍ତି।

# ଧାନବସ୍ତା ରଖି ଜିଲାପାଳଙ୍କ ବାସଭବନ ଘେରାଉ

ଜଗତ୍‌ସିଂହପୁର ଅଫିସ, ୫ା୩



ଧାନବସ୍ତା ରଖି ଆନ୍ଦୋଳନରତ ଚାଷୀ।

- ତୁରନ୍ତ ମଣ୍ଡିରେ ଧାନ ନେବାକୁ ଦାବି
- ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ଜଗତ୍‌ସିଂହପୁର ଜିଲାପାଳଙ୍କ ବାସଭବନ ଆଗରେ ଶୁକ୍ରବାର ଅପରାହ୍ନରେ ଚାଷୀମାନେ ହଠାତ୍ ପହଞ୍ଚି ଧାନବସ୍ତା ରଖି ଘେରାଉ କରିଥିଲେ। ନବନିର୍ମାଣ କୃଷକ ସଂଗଠନ ନେତୃତ୍ୱରେ କର୍ମୀମାନେ ବାଇକ୍‌ରେ ଗୋଟିଏ ପରେ ଗୋଟିଏ ଧାନ ବସ୍ତା ଆଣି ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଗଦେଇ ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେସବୁ ହଟାଇଥିଲା। ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିପାରୁ ନ ଥିବାରୁ ପ୍ରତିବାଦରେ ଏପରି କରାଯାଇଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପାଖାପାଖି ଏକ ସପ୍ତାହ ହେଲା ଧାନ ମଣ୍ଡି ଅଚଳ ଅବସ୍ଥାରେ ରହିଛି। ଜିଲାର ୮୨୭ ଜଣ ଚାଷୀଙ୍କୁ ଟୋକନ୍ ଦିଆଯାଇଥିଲା। ସେମାନଙ୍କଠାରୁ ୧୮,୯୬୯.୯୫ କୁଇଣ୍ଟାଲ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିଲେ ସୁଦ୍ଧା ତାହା କରାଗଲା ନାହିଁ। ବହୁ ଚାଷୀଙ୍କୁ ପୂର୍ବରୁ ଟୋକନ ଦିଆଯାଇଥିବା ବେଳେ ତାହାକୁ ବାତିଲ କରିଦିଆଯାଇଛି। ଧାନ ବିକ୍ରି କରିପାରି ନଥିବା ଚାଷୀଙ୍କଠାରୁ ତୁରନ୍ତ ଧାନ ସଂଗ୍ରହ ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ବ୍ଲକ ସାଳଜଙ୍ଗ ସେବା ସମବାୟ ସମିତି ଅଧୀନ ଚାଷୀ ଘନଶ୍ୟାମ କାନୁନ୍‌ଗୋ କହିଛନ୍ତି, ସେ ଋଣ କରି ପାଖାପାଖି ୭ ଏକର ବିଲରେ ଧାନ ଚାଷ କରିଛନ୍ତି। ମଣ୍ଡିରେ ସରକାରୀ ଭାବେ ୧୧୯.୯୫ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ସେ ଟୋକନ ପାଇଥିଲେ। ଏନେଇ ତାଙ୍କୁ ଫେବୃୟାରୀ ୫, ୯ ଓ ୧୨ ତାରିଖ ଦିଆଯାଇଥିଲା। କିନ୍ତୁ ତାଙ୍କଠାରୁ ଧାନ କିଣା ଯାଇ ନ ଥିବା ବେଳେ ଟୋକନ ଅବଧି ସରିଯାଇଥିଲା। ଏ ବିଷୟରେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ପ୍ରମୁଖଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ପ୍ରତିକାର କରାଗଲା ନାହିଁ। ଏଭଳି ଭାବେ କେତେଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଚାଷୀ ଆନ୍ଦୋଳନ ଖବର ପାଇ ଜଗତ୍‌ସିଂହପୁର ବ୍ଲକ ଯୋଗାଣ ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସମାଧାନ ହୋଇପାରି ନ ଥିଲା। ପରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ପହଞ୍ଚି ସଂଗଠନ କର୍ମକର୍ତ୍ତାଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଟୋକନ୍ ବାତିଲ ହୋଇଥିବା ଚାଷୀଙ୍କଠାରୁ ଧାନକ୍ରୟ କରାଯିବ। ଶନିବାରଠାରୁ ଅନୁଧ୍ୟାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରାଯିବ। ଉପଜିଲାପାଳଙ୍କ ନିର୍ଦ୍ଦେଶ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି ବୋଲି ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଞ୍ଜିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଆଗକୁ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହି ଆନ୍ଦୋଳନରେ ସଙ୍ଗଠନର ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ରାଜ୍ୟ କୋରକମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା, ଜିଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ, ସଙ୍ଗଠନର ଅଗ୍ରଣୀ କାର୍ଯ୍ୟକର୍ତ୍ତା ପ୍ରସନ୍ନ କୁମାର କୁଅଁର, ବିଭୂତି ଭୂଷଣ ଜେନା, ଗୁଣନିଧି ସ୍ୱାଇଁ, ଭାସ୍କର ମହାପାତ୍ର, ରମଣୀ ରଞ୍ଜନ ବେହେରା ଓ ବ୍ରଜକିଶୋର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଚାଷୀଙ୍କ ଧାରଣା ହଟିଲାନି

### ୭୦୦ କୁଇଣ୍ଟାଲ ଧାନ ଉଠିଲା

ନୟାଗଡ ଅଫିସ,୫ା୩

ଓଡଗାଁ ବ୍ଲକ ପଞ୍ଚରିଡା ମାନପୁର ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଚାଲିଥିବା ଚାଷୀଙ୍କ ଧାରଣା ୧୭ ଦିନରେ ପହଞ୍ଚିଛି। ଏଠାର ଚାଷୀ ଶୁକ୍ରବାର ସନ୍ଧ୍ୟାରେ ୭୦୦ କୁଇଣ୍ଟାଲ ଧାନ ବିକିଛନ୍ତି। ମିଲର ୪ଟି ଟ୍ରକ ଯୋଗେ ଧାନ ନେଇଛନ୍ତି। ତେବେ ଶୁକ୍ରବାର ଚାଷୀଙ୍କ ଧାରଣା ହଟିନି। ଚାଷୀଙ୍କ ଯୁକ୍ତି ଆମେ ପ୍ରାୟ ଦୁଇ ହଜାର କୁଇଣ୍ଟାଲ ଧାନ ସମିତି ସମ୍ମୁଖରେ ରଖି ଧାରଣା ଦେଉଛୁ। ଏଥିରୁ ୭୦୦ କୁଇଣ୍ଟାଲ ଧାନ ଉଠିଗଲେ ଆମେ କ'ଣ ଧାନ ନେଇ ଘରକୁ ପଳାଇବୁ। ଆମର ସମସ୍ତ ଧାନ ନ ଉଠିଲା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନରତ ଚାଷୀ କହିଛନ୍ତି। ସୂଚନାଯୋଗ୍ୟ ଏଠାର ଧାନମଣ୍ଡି ପାଇଁ ୯୦୦ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି। ଶୁକ୍ରବାର ୭୦୦ କୁଇଣ୍ଟାଲ କିଣା ହୋଇସାରିଛି। ଶନିବାର ଯଦି ସବୁ ଧାନ କିଣା ନ ହୁଏ ଏଠାରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆନ୍ଦୋଳନରତ ଚାଷୀ କହିଛନ୍ତି।

## ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲେ ତୋମାର

ନୟାଗଡ ଅଫିସ,୫ା୩

**ଭାଜପାର ଜିଲା ସାଙ୍ଗଠନିକ ବୈଠକ**

ନୟାଗଡ଼ରେ ଭାଜପାର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ରାଜ୍ୟ ସହ ପ୍ରଭାରୀ ବିଜୟ ଲାଲ ସିଂ ତୋମାର ଯୋଗଦେଇ ଦଳୀୟ ସଙ୍ଗଠନକୁ ଗୁରୁତ୍ୱ ଦେଇଛନ୍ତି। ଦଳର ବୁଥସ୍ତରୀୟ ସ୍ତରର କର୍ମୀଙ୍କୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତାର ମନ୍ତ୍ର ପ୍ରଚାର କରିବାକୁ କର୍ଣ୍ଣମନ୍ତ୍ର ଦେଇଛନ୍ତି। ପରି ହତ୍ୟାକାଣ୍ଡ ଘଟଣାରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା କହି ସରକାରଙ୍କୁ ସମାଲୋଚନା କରିଛନ୍ତି। ପି.ଏମ୍. କିଷାନ ଯୋଜନାରେ ରାଜ୍ୟ ସରକାର ଲ୍ୟାଣ୍ଡ ସର୍ଭେ ରିପୋର୍ଟ ନ କରିବାରୁ କେନ୍ଦ୍ର ସରକାରଙ୍କୁ ଅସହଯୋଗ କରୁଥିବା ତୋମାର କହିଛନ୍ତି। ଆୟୁଷ୍ମାନ ଭାରତକୁ ରାଜ୍ୟ ସରକାର ଲାଗୁ କରୁ ନ ଥିବାରୁ ଗରିବ ଓ ସାଧାରଣ ଲୋକ ଉପକୃତ ହେଉନାହାନ୍ତି। ନୟାଗଡର ଏକମାତ୍ର କୃଷିଭିତ୍ତିକ ଚିନିଶିଳ୍ପକୁ ବିକି ଦେଲେ। ନୟାଗଡ ଓ ରାଜ୍ୟର ଗ୍ରିଡ୍‌କୁ ଅନୁଧ୍ୟାନ କଲେ ରାଜ୍ୟ ସରକାର ଧୀରେ ଧୀରେ ଲୋକପ୍ରିୟତା ହରାଉଛନ୍ତି। ଆଗାମୀ ୨୦୨୪ ନିର୍ବାଚନରେ ଦଳ ରାଜ୍ୟରେ ସରକାର ଗଢ଼ିବାକୁ ଲକ୍ଷ୍ୟ ରଖି କାମ କରିବାକୁ ହେବ ବୋଲି ସେ କହିଛନ୍ତି। ଜିଲା ସଭାପତି ଲାଲା ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ନେତ୍ରୀ ଇରାନୀ ରାୟ, ଲେଖାଶ୍ରୀ ସାମନ୍ତସିଂହାର, ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଗୁମୁରା ଘେରିବନ୍ଧର ଶିଳାନ୍ୟାସ

ରାଜନଗର,୫ା୩(ଡି.ଏନ୍.ଏ.)

ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ଗୁମୁରା ଗାଁରେ ବାତ୍ୟା ବେଳେ ପାଠଶାଳା ନଦୀକୂଳ ଲଙ୍ଘି ସମୁଦ୍ର ଲୁଆଣ ପାଣି ଭିତରକୁ ପଶିଥିଲା। ଘର ଭିତରେ ପାଣି ପଶିବା ସହ ଗାଁ ଦାଣ୍ଡରେ କୁମ୍ଭୀର ପଶିଥିଲା। ଗ୍ରାମବାସୀ ଗାଁର ଥିବା ଏକ କୋଠା ଘରେ ଜୀବନ ବିକଳରେ ୮ଦିନ ରହିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଗୁମୁରା ଗାଁକୁ ଜୁଆରରୁ ରକ୍ଷା କରିବାକୁ ଘେରିବନ୍ଧ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକଙ୍କ ପ୍ରସ୍ତାବ ପରେ ଗୁମୁରା ଗାଁର ନଦୀ କୂଳରେ ବେଢ କି.ମି. ବ୍ୟାପି ଘେରିବନ୍ଧ ନିର୍ମାଣ ହେବା ଗୁରୁବାର ବିଧାୟକ ସାହୁ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ଅଧ୍ୟକ୍ଷତା କରିଥିଲେ।

# ମଜୁରି ମାଗିଲେ ମିଳୁଛି ଧମକ

ମହାକାଳପଡା, ୫ା୩(ଡି.ଏନ୍.ଏ.)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୨ କାମ, ମାଟି ବନ୍ଧ ଅଧା**



ଖରିଅଁଷା ଗାଁର ମଜୁରି ପାଇ ନ ଥିବା ଦଳିତ ଶ୍ରମିକ, ବନ୍ଧ ନିର୍ମାଣ କାର୍ଯ୍ୟ ଦେଖାଉଛନ୍ତି।

କରୋନା ସମୟରେ ପରିବାର ପ୍ରତିପୋଷଣ ପାଇଁ ପ୍ରଶାସନ ପକ୍ଷରୁ ଗାଁର ଶ୍ରମିକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ ଯୋଗାଯାଇଥିଲା। ଅଦ୍ୟାବଧି ମାଟି କାମ କରିଥିବା କେତେଜଣ ଦଳିତ ଶ୍ରମିକଙ୍କୁ ମଜୁରି ମିଳି ନ ଥିବା ଅଭିଯୋଗ କରିଛନ୍ତି। ଦଳିତ ଶ୍ରମିକ ମଜୁରି ମାଗିଲେ କର୍ମଚାରୀମାନେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ପଞ୍ଚାୟତର ଖରିଅଁଷା ଗାଁରେ। ଏହି ଗାଁର ଥିବା ଦଳିତସାହିର ଚାଷ ଜମିରେ ଲୁଣା ପାଣି ପ୍ରବେଶକୁ ନେଇ ମାଟି ବନ୍ଧ ନିର୍ମାଣ କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିଲା। ଏହି ପ୍ରକଳ୍ପଟି ଧରଣୀ ମଲ୍ଲିକ ଘରଠାରୁ କାଳିପଦ ମଣ୍ଡଳ ଘର ପର୍ଯ୍ୟନ୍ତ ପାଇଁ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଲାଗି ଯୋଜନା ଥିଲା। ଟଙ୍କା ସରିଗଲା ହେଲେ ମାଟି ବନ୍ଧ ଅଧା ରହିଗଲା। ପରେ ଏହି ମାଟିବନ୍ଧରେ ଅନ୍ୟ ଏକ ପ୍ରକଳ୍ପକୁ ବନଦୁର୍ଗା ମନ୍ଦିରରୁ ନବୀବନ୍ଧ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଆରମ୍ଭ ହୋଇ ଅଦ୍ୟାବଧି ଦଳିତ ଶ୍ରମିକଙ୍କୁ ମଜୁରି ଓ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାନାହିଁ। ମୋଟାମୋଟି କହିବାକୁ ଗଲେ ୨ ପ୍ରକଳ୍ପର ୧୦ ଲକ୍ଷ ଟଙ୍କାକୁ ବିଲ ହୋଇ ସାରିଛି। ହେଲେ ଦଳିତଙ୍କୁ ମଜୁରି ମିଳିନି କି ବନ୍ଧ କାମ ସମ୍ପୂର୍ଣ୍ଣ ହୋଇନି। ଏବେ ବି ଚାଷ ଜମିରେ ଲୁଣା ପାଣି ପ୍ରବେଶ କରୁଛି। ଏହାର ବିଧିବଦ୍ଧ ତଦନ୍ତ କରି ଦଳିତ ଶ୍ରମିକଙ୍କୁ ମଜୁରି ଯୋଗାଇ ଦେବାକୁ ସାମାଜିକ କର୍ମୀ ଅକ୍ଷୟ ସାହୁ ଦାବି କରିଛନ୍ତି। ଆବଶ୍ୟକ ପଡିଲେ କେନ୍ଦ୍ରାପଡ଼ା ଜିଲାପାଳ ଭେଟି ଜଣାଇବେ। ଦଳିତ ଶ୍ରମିକଙ୍କ ମଧ୍ୟରେ କେଦାର ମଲ୍ଲିକ, କେଶବ ମଲ୍ଲିକ, ନୃସିଂହ ମଲ୍ଲିକ, ପବିତ୍ର ମଲ୍ଲିକ, ଦୁଃଖୀ ମଲ୍ଲିକ, ସୁବାସ ମଲ୍ଲିକ, ସୁର ମଲ୍ଲିକ, କବାର୍ ମଲ୍ଲିକ, ମାଧ ମଲ୍ଲିକଙ୍କ ସମେତ ଅନ୍ୟ ଶ୍ରମିକ ରହିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ପରମାନନ୍ଦ ନାୟକ କହିଛନ୍ତି, ଏହି ପ୍ରକଳ୍ପ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛୁ। ଦଳିତ ଶ୍ରମିକଙ୍କ ଖାତାକୁ ଅର୍ଥ ଯାଇଛି। ଯଦି ଶ୍ରମିକଙ୍କୁ ମଜୁରି ମିଳିନି, ତେବେ ଅଭିଯୋଗ କାହିଁକି ହେଲା ଓ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାନାହିଁ କାହିଁକି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ସହଯୋଗୀଙ୍କୁ ନ ଖୋଜିଲେ ବଢ଼ିପାରେ ଅଡୁଆ

ନୟାଗଡ ଅଫିସ, ୫ା୩

**ପାଙ୍ଗା ନିହତ ପରେ ଟାର୍ଗେଟରେ ପାରିଥିବା ଲୋକ**

- କିଛି ବି ଘଟଣା ଘଟିପାରେ

ସୁନାଚେନ ଲୁଟ୍ କରି ଲୋକଙ୍କ ମାଡ଼ରେ ଗୋଡ଼ିପଡ଼ା ଫାଣ୍ଡି ଡିମିରର ଗାଁର ପ୍ରଭାତ ରାଉତ ଓରଫ ପାଙ୍ଗା(୩୨) ୧ ତାରିଖରେ ନୟାଗଡ ସଦର ଥାନା ବାରବାଟି ଗାଁରେ ନିହତ ହୋଇଥିଲା। ପାଙ୍ଗାଙ୍କ ମୃତ୍ୟୁ ପରେ ପ୍ରସଙ୍ଗ ଶ୍ରମିକଙ୍କ ଦେଇଛନ୍ତି ଚାଲିଥିବ ବୋଲି ଅନୁମାନ କରାଯାଉଥିଲା। ଏକ ବିଶେଷ ସୂତ୍ରରୁ ପାଙ୍ଗାଙ୍କ ସହଯୋଗୀମାନେ ହତ୍ୟାକାରୀମାନଙ୍କ ନାଁ ସଂଗ୍ରହ କରୁଛନ୍ତି। ପାଙ୍ଗା ସ୍ଥାନ ନେବାକୁ ନୂଆ ମୁଖ୍ୟ ଚୟନ ପରେ ହତ୍ୟାକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗୁଆଡେ ଯୋଜନା ହୋଇଛି। ଏପରି କଥା ସତ୍ୟ ହୋଇଥିଲେ ଅଡୁଆରେ ପଡି ପାରନ୍ତି ହତ୍ୟାକାରୀ। ପାଙ୍ଗାକୁ କିଏ ମାରିଛି ତାହା ଜଣାପଡି ନାହିଁ। ନୟାଗଡ ସଦର ଥାନା ପୋଲିସ ୧୫୦ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଭଳିସ୍ଥଳେ ପୋଲିସ ଯଦି ପାଙ୍ଗାଙ୍କ ସହଯୋଗୀଙ୍କୁ ଗିରଫ ନ କରେ ତେବେ କିଛି ବି ଘଟଣା ଘଟିପାରେ।

ପାଙ୍ଗାଙ୍କ ଘର ଡିମିରରେ ହେଲେ ସେ ଓଡ଼ଗାଁରେ ରହୁଥିଲା। ପରେ ନୟାଗଡ ସଦର ଥାନାର ବୋଦାପଡାରେ ରହି ଅପରାଧର ସାମ୍ରାଜ୍ୟ ବିସ୍ତାର କରିଥିଲେ। ଚୋରି, ଡକାୟତି, ରାହଜାନି ତା'ର ପେଶା ଥିଲା। ସହଯୋଗୀଙ୍କ ଦ୍ୱାରା ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ବ୍ୟବସାୟ କରିଆସୁଥିଲା। ଜେଲରେ ଥାଇ ବି ଅପରାଧର ସାମ୍ରାଜ୍ୟକୁ ଚଳାଉଥିଲା। ଏହି କାରଣରୁ ପାଙ୍ଗା ବୋଦାପଡା ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ରହି ଆସୁଥିଲା। ପ୍ରଶ୍ନ ଉଠୁଛି ପାଙ୍ଗା ଜଣେ ଅପରାଧୀ ବୋଲି ଜଣାପଡିଥିଲେ ହେଁ କେଉଁମାନେ ଓ କାହିଁକି ଗାଁରେ ରଖି ତାକୁ ସୁରକ୍ଷା ଦେଉଥିଲେ, ସେମାନଙ୍କୁ ପୋଲିସ ପଚରାଉଚୁରା କରିବା ଦରକାର। ଅପରପକ୍ଷେ ପାଙ୍ଗା ଗାଁରେ ବିଭିନ୍ନ ଥାନାରେ ମକଦ୍ଦମା ରହିଥିବା ବେଳେ ଶରଣକୁଳ ଥାନାରେ ୩ ଓ ଓଡଗାଁ ଥାନାରେ ୧୦ ଏପରି ୧୩ଟି ମାମଲା ରହିଛି। ପାଙ୍ଗା ମୃତ୍ୟୁ ପୂର୍ବରୁ ପ୍ରାୟ ମାସେ ତଳେ ଜେଲରୁ ବାହାରି କିଛିଦିନ ବୋଦାପଡା ଓ ଓଡଗାଁରେ ଥିଲା।

# ୨ ଦିନରେ ୪ ନାବାଳିକା ବିବାହ ବନ୍ଦ

ନୟାଗଡ ଅଫିସ,୫ା୩

ନୟାଗଡ ଜିଲାରେ ନାବାଳିକା ବିବାହ ବଢ଼ି ଚାଲିଛି। ୨ଦିନରେ ୪ ନାବାଳିକା ବିବାହକୁ ନୟାଗଡ ଚାଇଲ୍ଡ ଲାଇନ୍, ସିଡିପିଓ ଓ ସ୍ଥାନୀୟ ପୋଲିସ ବନ୍ଦ କରାଇଛନ୍ତି। ରଣପୁରରେ ଶୁକ୍ରବାର ନାବାଳିକାକୁ ତୋଳାକନ୍ୟା କରି ଭାପୁର ନିକଟସ୍ଥ ଥାନାପଲ୍ଲୀକୁ ପଠାଇବାକୁ ସବୁ ସରିଥିଲେ। ଏହି ସମୟରେ ନାବାଳିକାକୁ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷେ ରଣପୁର ଥାନାରେ ବରଙ୍କ ନାଁରେ ଏତଲା ଦାଏର ହୋଇଛି। ସେହିପରି ଗୁରୁବାର ଓଡ଼ଗାଁ ବ୍ଲକରେ ୨, ଭାପୁର ବ୍ଲକରେ ଗୋଟିଏ ବିବାହ ହେଉଥିଲା। ଓଡଗାଁର କୋମଣ୍ଡ ଉଦୟପୁରରେ ଓ ଭାପୁରର ବାହାଡାରେ ୨ଟି ବିବାହ ଶେଷ ହୋଇଥିଲା। ବିବାହ ପରେ ନାବାଳିକାକୁ ଉଦ୍ଧାର କରାଯାଇଛି। ଏହି ଦୁଇ ସ୍ଥାନରେ ନାବାଳିକାଙ୍କୁ ବିବାହ ନ କରିବାକୁ ବୁଝାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପୁଣି ଓଡ଼ଗାଁ ଉଦୟପୁରରେ ପୁଅ ଓ ଝିଅ ପକ୍ଷକୁ ବୁଝାଇବା ପରେ ବିବାହ ବନ୍ଦ ହୋଇ ଯାଇଛି। ୩ ନାବାଳିକାକୁ ତପସ୍ୟା ଶିଶୁଗୃହରେ ରଖାଯାଇଥିବାବେଳେ ଜଣେ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

# ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଆଳି କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

ଆଳି,୫ା୩ (ଡି.ଏନ୍.ଏ.)

ଆଳି କୋର୍ଟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ବାର ଆସୋସିଏସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ବାର ଆସୋସିଏସନର ସଭାପତି ଅଭିରାମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ଦେବ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଭାମଦେବ ଭୂୟାଁ, ସମ୍ମାନୀତ ଅତିଥି ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦିନେଶ କୁମାର ରାୟ, ବାର ଆସୋସିଏସନ ସମ୍ପାଦକ ନୃସିଂହ ଚନ୍ଦ୍ର ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଦେବ କହିଥିଲେ, ମଧୁବାବୁଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ ଆଳି ପାଇଁ ଏକ ଖୁସିର କଥା। ମଧୁବାବୁ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ଗଠନର ସ୍ୱପ୍ନ ଦେଖିଥିଲେ ତାହାକୁ ସାକାର କରିବାକୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଓଡ଼ିଆ ଭାବେ ଗର୍ବ କରିବା ଉଚିତ। ସେ ଓକିଲାତି କରିଥିଲେ ମଧ୍ୟ ଏହାକୁ ସେ ନିଜର ପେସା ଭାବେ ଗ୍ରହଣ କରି ନ ଥିଲେ। ପ୍ରତ୍ୟେକଟି ଲୋକ କିପରି ନ୍ୟାୟ ପାଇପାରିବେ ସେ ନେଇ ସବୁ ସମୟରେ ସ୍ୱପ୍ନ ଦେଖୁଥିଲେ। ସେ ନ୍ୟାୟ ବ୍ୟବସ୍ଥାକୁ ନେଇ ଦେଖିଥିବା ସ୍ୱପ୍ନକୁ ରାଜ୍ୟ ସରକାର ସାକାର ରୂପ ଦେବାକୁ ପ୍ରତିଶ୍ରୁତି ବଦ୍ଧ। ଆଇନଜୀବୀ ଶରତ ମହାନ୍ତି ଅତିଥି ପରିଚୟ ଓ ଆଇନଜୀବୀ ରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

# ଶସ୍ତାରୁ ହୀନସ୍ତା ହେଲେଣି ଟମାଟୋ ଚାଷୀ

କେନ୍ଦ୍ରାପଡ଼ା ଅଫିସ, ୫ା୩

- କ୍ଷେତରୁ ବେପାରୀ ଆଣୁଛନ୍ତି ୩, ବିକୁଛନ୍ତି ୬ ଟଙ୍କାରେ
- ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନାହିଁ
- କ୍ଷୁଦ୍ରଶିଳ୍ପ ପାଇଁ ମିଳୁନି ସହଯୋଗ

ଦୁଇମାସ ପୂର୍ବେ କେନ୍ଦ୍ରାପଡ଼ା ଜିଲାରେ ଟମାଟୋ ଦର ଆକାଶଛୁଆଁ ଥିଲା। ବଜାରରେ କିଗ୍ରା ପ୍ରତି ୬୦ରୁ ୮୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିଲା। ଏବେ କିଗ୍ରା ପ୍ରତି ମାତ୍ର ୩ ଟଙ୍କାରେ ବେପାରୀଙ୍କୁ କ୍ଷେତରୁ ଚାଷୀ ବିକୁଛନ୍ତି। ହାଟକୁ ଆଣି ଗଦା କଲେ ମଧ୍ୟ ବିକ୍ରି ହେଉନାହିଁ। ଏପରି କି ହାଟ ଶେଷ ବେଳକୁ ଟମାଟୋ ବିକ୍ରି ନ ହେବାରୁ ସେଠାରେ ଛାଡି ଚାଲି ଯାଉଥିବା ଦେଖାଯାଇଛି। ଅପରପକ୍ଷରେ ଜିଲାରେ ପରିପରିବା ସଂରକ୍ଷଣ ଲାଗି ଶୀତଳଭଣ୍ଡାର ନାହିଁ। ସରକାରୀ ମଣ୍ଡି ନ ଥିବାରୁ ଟମାଟୋ ଦର ଖସି ଯିବାରୁ ଚାଷୀମାନେ ହୀନସ୍ତା ହେଉଥିବା କହିଛନ୍ତି। ସେହିପରି ଟମାଟୋ ସସ୍ ପରି କ୍ଷୁଦ୍ରଶିଳ୍ପ ପାଇଁ ଆଗ୍ରହୀ ଥିବା ଯୁବ ଶିଳ୍ପୋଦ୍ୟୋଗୀଙ୍କୁ ଋଣ ମିଳୁ ନ ଥିବା ସେ କହିଛନ୍ତି।

ଡେରାବିଶ ବ୍ଲକ ନହଙ୍ଗ ଗ୍ରାମର ଟମାଟୋ ଚାଷୀ ରବିକାନ୍ତ ସାହୁ କହିଛନ୍ତି, ଚଳିତବର୍ଷ ଟମାଟୋ ଫସଲ ମଧ୍ୟ ଭଲ ହୋଇଛି। ବିକ୍ରିକୁ ନେଇ ସମସ୍ତ ଚାଷୀ ଅଡୁଆରେ ପଡ଼ିଛନ୍ତି। ବଜାରରେ କିଗ୍ରା ପ୍ରତି ୬ ଟଙ୍କା ବିକ୍ରି ହେଉଥିବା ବେଳେ ଗାଁରୁ ବେପାରୀ କୁଇଣ୍ଟାଲ ପ୍ରତି ମାତ୍ର ୩୦୦ ଟଙ୍କା ଦେଉଛନ୍ତି। ଅଧିକ ପରିମାଣର ଅମଳକୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ବିକ୍ରି ପାଇଁ ବାଧ ହେଉଛୁ। ଚଳିତଥର ଟମାଟୋ ଚାଷରୁ ପ୍ରାୟ ୧୦ହଜାର ଟଙ୍କା କ୍ଷତି ହେବ ବୋଲି ସେ ଆକଳନ କରିଛନ୍ତି। ପଟ୍ଟାମୁଣ୍ଡାଇର ବୀରେନ କୁମାର ଦାସ କହିଛନ୍ତି, କରୋନା ସଂକ୍ରମଣ ପାଇଁ ଜିଲାକୁ ବହୁ ପ୍ରବାସୀ ଆସିଥିଲେ। ସେତେବେଳେ ଟମାଟୋର ଚାହିଦା ବଢୁଥିବାରୁ ଜିଲାରେ ପ୍ରାୟ ୩୦,୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ପ୍ରବାସୀ ଓ ସ୍ଥାନୀୟ ଚାଷୀ ମିଶି ଟମାଟୋ ଚାଷ କରିଥିଲେ। ଏତେ ପରିମାଣରେ ଫସଲ ଉତ୍ପାଦନ ପରେ ଜିଲାରେ ଶୀତଳଭଣ୍ଡାର ନ ଥିବାରୁ ସଂରକ୍ଷିତ କରି ରଖି ପାରିନାହାନ୍ତି। ଯୁବ ଶିଳ୍ପୋଦ୍ୟୋଗୀ ରତନଲାଲ ସାହୁ କହିଛନ୍ତି, ଜିଲାରେ ଟମାଟୋ ଓ ଆଳୁ ଉତ୍ପାଦନ ସମୟରେ ଅଭାବୀ ବିକ୍ରି ହେଉଛି। ଏହାକୁ ଲକ୍ଷ୍ୟ କରି ଟମାଟୋ ସସ୍ ଓ ଆଳୁ ଚିପ୍‌ସର କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ଯୁବବର୍ଗ ହେବ ବିଭିନ୍ନ ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ର ସହ ଯୋଗାଯୋଗ ରଖାଯାଇଛି। ଜିଲା ଶିଳ୍ପକେନ୍ଦ୍ର ଓ ବ୍ୟାଙ୍କ ସମୂହର ସମନ୍ୱୟ ଅଭାବରୁ କ୍ଷୁଦ୍ରଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇ ପାରୁନାହିଁ। କୃଷକ ନେତା ଗୟାଧର ଧଳ କହିଛନ୍ତି, ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ତେବେ ଏଥିପାଇଁ ସରକାରୀ ସହଯୋଗ ମିଳୁନାହିଁ। ଅର୍ଥକାରୀ ଫସଲଠାରୁ ଆରମ୍ଭ କରି ପାରମ୍ପରିକ ଧାନ ଚାଷରେ ବହୁ ପରିବର୍ତ୍ତନ ଆସିଲାଣି। ଉନ୍ନତମାନର ବିହନ ସହ ତାଲିମର ବ୍ୟବସ୍ଥା ନାହିଁ। ଚାଷୀ ଏବେ ସରକାରୀ ସହଯୋଗ ବିନା ପାରମ୍ପରିକ ଭାବେ ଚାଷ କରୁଛନ୍ତି। ଉତ୍ପାଦିତ ଫସଲ ବାହାର ରାଜ୍ୟକୁ ଯାଇ ପାରୁନାହିଁ। ଶୀତଳଭଣ୍ଡାରର ନିର୍ମାଣ, ଫୁଡ ପ୍ରସେସିଂ ୟୁନିଟ୍ ସ୍ଥାପନ ଓ ସରକାରୀ ମଣ୍ଡି ସହାୟତାରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା କୃଷି ବିଭାଗ ନିର୍ଦ୍ଦେଶକ ଅଶୋକ ମହାପାତ୍ରଙ୍କୁ ପଚାରିବାରୁ, କେନ୍ଦ୍ରାପଡ଼ା ଜିଲାରେ ଶୀତଳଭଣ୍ଡାର ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଶୀତଳଭଣ୍ଡାର ନିର୍ମାଣ କରାଗଲେ ଏହାର ସମାଧାନ ହୋଇପାରିବ।



ସହରର ଗୋପ ହାଟରେ ଗଚ୍ଛିତ ଟମାଟୋ।

## ଗ୍ୟାସ୍ ଟାଙ୍କି ଫାଟି ଘର ଜଳିଗଲା

ଯାଜପୁର ଟାଉନ,(ଡି.ଏନ.ଏ.): ଯାଜପୁର ସହର ସାନବଜାର ଅଞ୍ଚଳର ବାବନ ଚନ୍ଦ୍ର ପରିଡ଼ାଙ୍କ ଘରେ ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ୪ ବଖରା ଜଳିଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ପରିଡ଼ାଙ୍କ ପରିବାର ଲୋକେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ଏହାକୁ ଆୟତ୍ତ କରିବା ପାଇଁ ପରିବାର ଲୋକେ ଉଦ୍ୟମ କରିଥିଲେ ମଧ ସଫଳ ହୋଇ ନ ଥିଲେ। ଫଳରେ ଚାହୁଁଚାହୁଁ ନିଆଁ ଚାରିଆଡ଼କୁ ବ୍ୟାପିଯାଇ ସବୁକିଛି ଜଳି ଯାଇଥିଲା। ଖବର ପାଇ ସ୍ଥାନୀୟ ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ନାବାଳିକା ଉଦ୍ଧାର

ପାରାଦୀପ, ୫ା୩(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ପୋଲିସ ଶୁକ୍ରବାର ଜଣେ ଅପହୃତ ନାବାଳିକାଙ୍କୁ ଉଦ୍ଧାର କରିଛି। ଅପହରଣକାରୀ ଫେରାର ହୋଇଯାଇଛନ୍ତି। ଶନିବାର ତାଙ୍କ ଡାକ୍ତରୀମାଇନା କରାଯିବା ପରେ ଶିଶୁଯତ୍ନ ଅନୁଷ୍ଠାନ (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ପ୍ରଭାସଚନ୍ଦ୍ର ସାହୁ କହିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ୨୦୧୯ରେ ଅପହରଣ କରାଯାଇଥିଲା। ଏନେଇ ସେତେବେଳେ ମାମଲା (ନଂ.୧୫୮/୧୯) ରୁଜୁ ହୋଇଥିଲା। ଏବେ ନାବାଳିକାଙ୍କ ବୟସ ୧୭ ବର୍ଷ ବୋଲି ଜଣାପଡିଛି। ଏହା ଏକ ପ୍ରେମ ସମ୍ପର୍କିତ ଘଟଣା ବୋଲି ପୋଲିସ କହିଛି।

### ବରୀ ବିଜେଡିର ପର୍ଯ୍ୟବେକ୍ଷକ ନିଯୁକ୍ତ

ବରୀ,୫ା୩(ଡି.ଏନ.ଏ.): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ବରୀ ବିଜେଡି ପକ୍ଷରୁ ୨୯ ପଞ୍ଚାୟତରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ନବ ନିଯୁକ୍ତ ପର୍ଯ୍ୟବେକ୍ଷକ କାର୍ଯ୍ୟ କରିବେ। ବିଶେଷକରି ରାଶନକାର୍ଡ, ବାର୍ଦ୍ଧକ୍ୟ, ବିଧବା ଭତ୍ତା ଏବଂ ବିଭିନ୍ନ ସମୟରେ ରୋଗାଗ୍ରସ୍ତ ଥାଇ ସରକାରୀ ସାହାଯ୍ୟରୁ ବଞ୍ଚିତ ହେଉଥିବା ପରିବାର ପ୍ରତି ପର୍ଯ୍ୟବେକ୍ଷକମାନେ ଗୁରୁତ୍ୱ ଦେବେ। ଏଥିସହିତ ପ୍ରତି ମାସରେ ପର୍ଯ୍ୟବେକ୍ଷକମାନେ ନିଜନିଜ ପଞ୍ଚାୟତର ସମସ୍ୟା ବିଧାୟିକାଙ୍କ ନିକଟରେ ଉପସ୍ଥାପନ କରିବାକୁ ଦଳ ପକ୍ଷରୁ କୁହାଯାଇଛି।

### ମା’ ବୁଢ଼ୀ ଭାଲୁଶୁଣୀଙ୍କ ବାର୍ଷିକୋତ୍ସବ

ରସୁଲପୁର,୫ା୩(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବିଲିପଡ଼ା ଗ୍ରାମରେ ଅବସ୍ଥିତ ମା’ବୁଢ଼ୀ ଭାଲୁଶୁଣୀଙ୍କ ବାର୍ଷିକୋତ୍ସବ ଓ ୩୮ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଲପଡ଼ା, ବାହାଦଲାପୁର, ଚିନ୍ତାପଲ୍ଲୀ, ସରିଫାବାଦ, ମହମ୍ମଦପୁର, ଗୋସେଇଁ ମଠ ଆଦି ଗ୍ରାମର ହଜାର ହଜାର ଭକ୍ତ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ନାଗୁଆ ପୂଜକ ତଥା ମା’ଙ୍କ ସେବକ ବାରିକ ସମ୍ପ୍ରଦାୟର ଲୋକେ ପୂଜା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମା’ଙ୍କ ପୀଠରେ ଭଜନ, ସଙ୍କୀର୍ତ୍ତନ ସହ ଘଣ୍ଟ, ଘଣ୍ଟାରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିଲା। ସଞ୍ଜିତ ଦେଓ ଏବଂ ତାଙ୍କ ସ୍ତ୍ରୀ ଯଜ୍ଞ କାର୍ଯ୍ୟରେ କର୍ତ୍ତା ଦାୟିତ୍ୱ ସମ୍ପାଦାନ କରିଥିଲେ। ଉପଦେଷ୍ଟା ବୈରାଗୀ ଚରଣ ଘଡ଼ାଇ, ସୁଧାଂଶୁ ରଞ୍ଜନ ଆଏଚ, ଅବିନାଶ ଆଏଚ, ସୁଶୀଲ ସେଠୀ ଓ ରଞ୍ଜନ ଦେଓ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

### ପାୱାର ଟିଲର, ଜେସିବି ଓ ଶାଗୁଆନ କାଠ ଜବତ

ଚଣ୍ଡିଖୋଲ,୫ା୩(ଡି.ଏନ.ଏ.): କଟକ ଫରେଷ୍ଟ ଡିଭିଜନର ବୈରୀ ଡାଲିଯୋଡ଼ା ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ବନ ବିଭାଗ ସ୍ପେସାଲ ସ୍କ୍ୱାଡ୍ ଚଢ଼ାଉ କରି ୭ ପାୱାର ଟିଲର, ଗୋଟିଏ ଜେସିବି ମେଶିନ ଓ ଶାଗୁଆନ କାଠ ଜବତ କରିଛି। ବୈରୀ ରେଞ୍ଜ ଅଧୀନ କୁନ୍ଦା ପଡ଼ିଆରେ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲୁଥିବା ନେଇ ବନ ବିଭାଗ ଖବର ପାଇବା ପରେ ଭିଜିଲାନ୍ସ ଏଡିଜି ଦେବାଶିଷ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଚଢ଼ାଉ କରିଥିଲା। ଚଢାଉ ସମୟରେ ୩ ମାଙ୍କଡ଼ା ଖାଦାନରେ ଥିବା ୭ଟି ପାୱାର ଟିଲର, ସେଠାରେ ଥିବା ଏକ ଜେସିବି ଜବତ କରାଯାଇଥିଲା। ଏହାପରେ ସିହା ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁରଠାରେ ଚଢାଉ କରି ଏକ କୁଟା ଗଦାରେ ଲୁଚାଯାଇଥିବା ୨୧ ସିଫ୍ଟ ଚୋରା ଶାଗୁଆନ କାଠ ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ଆକଳନ କରିଛି।

### ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

କଳିଙ୍ଗନଗର,୫ା୩(ଡି.ଏନ.ଏ.): ଦାନଗଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରିତିରଞ୍ଜନ ଘଡ଼ାଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ବ୍ଲକ ସଭାଗୃହଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଘଡ଼ାଇ ଯୋଗଦେଇ ୮ ପଞ୍ଚାୟତର ୧୦ ସ୍ୱୟଂସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଏର ଚେକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସୁଧାଂଶୁ ଶେଖର ଭଞ୍ଜ, ଭାଗ୍ୟଲକ୍ଷ୍ମୀ ରାଉତ, ବିଡିଓ ମଣିପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

# ବାଲିଧୂଳିରେ ନୟାନ୍ତ ବିରଜା ରିଂରୋଡ୍‌ବାସୀ

- ପ୍ରଶାସନ ନୀରବଦ୍ରଷ୍ଟା, ସାଧାରଣରେ ବଢୁଛି ଅସନ୍ତୋଷ
- ଝରକା, କବାଟ ଖୋଲି ପାରୁନାହାନ୍ତି ନଦୀକୂଳିଆ ଲୋକେ
- ରାସ୍ତା ଉପରେ ଜମିଛି ଆଣ୍ଠୁଏ ବାଲି, ଦେଖା ଯାଉନାହିଁ ପିଚୁ

ଯାଜପୁର ଟାଉନ,୫ା୩(ଡି.ଏନ.ଏ.)



ରାସ୍ତା ଉପରେ ବାଲି ଜମା ହୋଇଛି।

ଯାଜପୁର ସହର ବହୁ ପୁରାତନ। ପୂର୍ବରୁ ଏହି ସହରରେ ଚୌଡ଼ା ରାସ୍ତା ନ ଥିଲା। ତେଣୁ ସହରକୁ ଟ୍ରାଫିକ୍ ମୁକ୍ତ ଓ ସବୁଜ ସୁନ୍ଦର କରିବା ପାଇଁ ବିରଜା ରିଂରୋଡ୍ ନିର୍ମାଣ କରାଯାଇଛି। ଯାଜପୁରର ମୁଖ୍ୟଦ୍ୱାର କିଆନାଳୀକୂଳଛକଠାରୁ ସିନ୍ଦୂରାଇମୁହଁ ପର୍ଯ୍ୟନ୍ତ ବୈତରଣୀ ନଦୀ ବନ୍ଧକୁ ଚୌଡ଼ା କରାଯାଇ ‘ବିରଜା ରିଂରୋଡ୍’ନାମରେ ନାମିତ କରାଯାଇଛି। ମାତ୍ର ଏବେ ଏହି ବିରଜା ରିଂରୋଡ ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ବାଲି, ଧୂଳି ଯୋଗୁ ବିରଜା ରିଂରୋଡ୍ କଡ଼ରେ ବସୁବାସ କରୁଥିବା ଲୋକେ ନୟାନ୍ତ ହୋଇପଡ଼ିଲେଣି। ଅନେକ ପରିବାରରେ ଯକ୍ଷ୍ମା ଓ ଶ୍ୱାସ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଯାଜପୁର ପ୍ରଶାସନିକ ଭବନ ଓ ମେଡିକାଲ କଲେଜ ନିର୍ମାଣ ପାଇଁ ଦେବୀଗଡ଼ା ଘାଟରୁ ବାଲି ଉଠାଯାଇ ନିର୍ମାଣସ୍ଥଳକୁ ନିଆଯାଉଛି। ଫଳରେ ଦେବୀଗଡ଼ା ଘାଟରୁ କିଆନାଳୀକୂଳ ଛକ ପର୍ଯ୍ୟନ୍ତ ରାସ୍ତାରେ ଫୁଟେ ବହଳର ବାଲି ବିଛେଇ ହୋଇପଡ଼ିଲାଣି, ପିଚୁ ଦେଖାଯାଉନାହିଁ। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ହଜାରହଜାର ବାଇକ୍ ଯାଉଥିବା ବେଳେ ବାଲିଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ରାସ୍ତାରେ ସଞ୍ଜ ପରେ ଯିବାଆସିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ସହରବାସୀ ପ୍ରାତଃ ଭ୍ରମଣ ପାଇଁ ବିରଜା ରିଂରୋଡକୁ ବାଛିଥିଲେ ମଧ୍ୟ ଏବେ କୌଣସି ସହରବାସୀ ଆସୁ ନ ଥିବା ଦେଖାଯାଇଛି। ତେବେ ସବୁଠାରୁ କଷ୍ଟରେ ଅଛନ୍ତି ନଦୀକୂଳରେ ବସୁବାସ କରୁଥିବା ଶହଶ୍ରାଧିକ ପରିବାର। ସେମାନେ ଏହି ଧୂଳିବାଲି ଯୋଗୁ ଦୀର୍ଘବର୍ଷ ହେବ କବାଟ ଝରକା ଖୋଲିପାରୁନାହାନ୍ତି। ସେମାନଙ୍କ ଘର ଭିତରେ ଆଣ୍ଠୁଏ ଲେଖାଏ ଧୂଳି ଆସ୍ତର ବସିରହିଛି।

ଦେବୀଗଡ଼ା ଘାଟରୁ ଦୈନିକ ୫ରୁ୬ଶହ ହାଇୱା ଯୋଗେ ବାଲି ପରିବହନ କରାଯାଉଛି। ବାଲିପରିବହନ କଲାବେଳେ ହାଇୱା ଉପରେ ପାଲ ପକାଯାଉନାହିଁ। ବିଶେଷକରି ପାଣି ମିଶା ବାଲି ହାଇୱାରେ ଓଭରଲୋଡ୍ କରି ନିଆଯାଉଛି। ଫଳରେ ଏହି ରାସ୍ତାରେ ବାଲି ପଡ଼ି ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ। ବିରଜା ରିଂରୋଡର କିଆନାଳୀକୂଳ ଛକଠାରୁ ଦେବୀଗଡ଼ା ଘାଟ ପର୍ଯ୍ୟନ୍ତ ୫ଶହରୁ ଊର୍ଦ୍ଧ୍ୱ ଘର ରହିଥିବାବେଳେ ୨ଟି ବିଦ୍ୟାଳୟ ମଧ ରହିଛି। ସେହିପରି ଏହି ରିଂରୋଡ ସଂଲଗ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ରହିଛି। ଫଳରେ ପ୍ରତ୍ୟେକ ଦିନ ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତାଦେଇ ଯାତାୟାତ କରୁଛନ୍ତି। ହେଲେ ଏଥିପ୍ରତି ନ ଜର ନଦେବା ସମସ୍ତଙ୍କୁ ଚକିତ କରିଛି। ବିରାଜା ରିଂରୋଡରେ ସାଧାରଣ ଲୋକେ ଚାଲିକି ଯିବାକୁ ଉଚିତ୍ ମନେ କରୁନାହାନ୍ତି। ଯାଜପୁର ସହରର ବିକାଶ ମୂଳକ ପ୍ରକଳ୍ପ ପାଇଁ ନଦୀରୁ ବାଲି ପରିବହନ ଆବଶ୍ୟକତା ରହିଛି। ମାତ୍ର ବିକାଶ ନାଁରେ ପରିବେଶ ପ୍ରଦୂଷଣ କରାଯିବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଯାଜପୁର ତହସିଲଦାର ସୁଶାନ୍ତ କୁମାର ପତି କହିଛନ୍ତି, ବାଲି ପରିବହନ କରୁଥିବା ଠିକାଦାରଙ୍କୁ ରାସ୍ତା ସଫେଇ ସହ ପାଣି ସିଞ୍ଚନ କରିବାକୁ କୁହାଯାଇଛି। ଯଦି ସେ ଏଥିରେ ଅବହେଳା କରନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନାବାଳିକା ଅପହରଣ ମାମଲାରେ ମାମୁ ଅଟକ

ରସୁଲପୁର,୫ା୩(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଓ ହତ୍ୟା ଧମକ ମାମଲାର ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିଛି। ଶୁକ୍ରବାର ନାବାଳିକାଙ୍କ ମାମୁଙ୍କୁ ବ୍ରହ୍ମବରଦା ଫାଣ୍ଡି ପୋଲିସ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ନାବାଳିକା ଅପହରଣ ପଛରେ ତାଙ୍କ ମାମୁଙ୍କ ପ୍ରଚ୍ଛନ୍ନ ହାତ ଥିବା ପୋଲିସ ଜାଣିବାକୁ ପାଇଛି। ଏପରି କି ନାବାଳିକା ମାମୁଙ୍କ ଫୋନକୁ ବ୍ୟବହାର କରୁଥିଲେ। ତେଣୁ ତାଙ୍କ ମାମୁଙ୍କ ଫୋନକୁ ପୋଲିସ ଜବତ କରି କଲ ରେକର୍ଡ ଯାଞ୍ଚ କରୁଛି। ପୋଲିସ ନାବାଳିକାଙ୍କ ମାମୁଙ୍କ ମୁହଁରୁ ସତ ବାହାର କରିବାକୁ ପ୍ରୟାସ କରୁଛି। ମାମୁଙ୍କ ତଥ୍ୟ ଓ ସୂଚନା ଆଧାରରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ପାରିବ ବୋଲି ଆଶାବାନ୍ଧିଛି। ତେବେ ଏ ଦିଗରେ ନାବାଳିକା ମାମୁଙ୍କ ସହଯୋଗ ନ ମିଳିଲେ ପୋଲିସ ତାଙ୍କୁ ଗିରଫ କରିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ସୂଚନା ଦେଇଛନ୍ତି। ନ୍ୟାୟ ପାଇଁ ନାବାଳିକା ପରିବାର ଗୁରୁବାର ଯାଜପୁର ଏସ୍‌ପିଙ୍କ ଦ୍ୱାରାସ୍ଥ ହୋଇଥିଲେ।

ପ୍ରକାଶଯୋଗ୍ୟ, ଯାଜପୁର ବ୍ଲକ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମର ଚନ୍ଦନ ରାଉତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି। ମାତ୍ର ବ୍ରହ୍ମବରଦା ଫାଣ୍ଡି ପୋଲିସ ଅପହରଣକାରୀ ଓ ଅପହୃତା ନାବାଳିକାଙ୍କୁ ଏ ପର୍ଯ୍ୟନ୍ତ ଠାବ କରି ପାରିନାହିଁ।

## ‘ଆମେ ସବୁ ସୁନାଫୁଲ’ ଉନ୍ମୋଚିତ



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୫ା୩(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଚ୍ୟୁତପୁରସ୍ଥିତ ଜ୍ଞାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶିଶୁ କବିତା ପୁସ୍ତକ ‘ଆମେ ସବୁ ସୁନାଫୁଲ’ ଉନ୍ମୋଚିତ ହୋଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟାପକ ସୁବ୍ରତ ଦାସ, ସମ୍ମାନିତ ଅତିଥି ଡ. ରାଜକିଶୋର ପାଢ଼ୀ ଓ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ପୁସ୍ତକକୁ ଉନ୍ମୋଚନ କରିଥିଲେ। କବି ଦିନବନ୍ଧୁ କରଙ୍କ ରଚିତ ଏହି ପୁସ୍ତକଟି ଶିଶୁଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ ମଦନ ମୋହନ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କ ବାର୍ତ୍ତାକୁ ଶିଶୁ ସାହିତ୍ୟିକ ରତ୍ନାକର ନାୟକ ପାଠ କରିଥିଲେ। କବି ଦେବ ପ୍ରସାଦ କର ଓ ଅଳକାନନ୍ଦା ରାଉତ କବିତା ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ନାଗିନ୍ ତେରା ବଂଶ ବଢ଼େ ପ୍ରଦର୍ଶିତ


ପାରାଦୀପ ଜୟଦେବ ସଦନରେ ଆୟୋଜିତ ନାଟକକୁ କଳାକାରମାନେ ପ୍ରଦର୍ଶିତ କରୁଛନ୍ତି।

ପାରାଦୀପ,୫ା୩(ସ୍ୱ.ପ୍ର.)

### ଜାତୀୟ ନାଟ ମହୋତ୍ସବ

ପାରାଦୀପସ୍ଥିତ ଜୟଦେବ ସଦନରେ ଶୁକ୍ରବାର ସନ୍ଧ୍ୟାରେ ୧୮ତମ ଜାତୀୟ ନାଟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୧୦ତାରିଖ ପର୍ଯ୍ୟନ୍ତ ଚାଲିବ। ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଉକ୍ତ ମହୋତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଇଫକୋ ଫାଇନାନ୍ସ ଅଧିକାରୀ ବି.ଗୋୟେଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ହିନ୍ଦୀ ନାଟକ ନାଗିନ୍ ତେରା ବଂଶ ବଢେ ମଞ୍ଚସ୍ଥ ହୋଇଥିଲା। ଦିଲ୍ଲୀର ଆର୍ଟ ଅନୁଷ୍ଠାନ ଏବଂ ଅବତାର ସାହାଣୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ହିନ୍ଦୁ, ମୁସଲମାନ, ଶିଖ୍ ଆଦି ଧର୍ମର ସମ୍ମିଶ୍ରଣ ରହିଥିଲା। ଏହାକୁ ଆୟୋଜକ କାନମାସର ସଭାପତି କ୍ୟାପଟେନ ଅତୁଲ୍ୟ କୁମାର ମହାପାତ୍ର ଓ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ପରିଚାଳନା କରିଥିଲେ।

## ଯାଜପୁର ବ୍ଲକ କଂଗ୍ରେସ କମିଟିର ନୂଆ କର୍ମକର୍ତ୍ତା

ଯାଜପୁର ଟାଉନ/ଯାଜପୁର ସଦର,୫ା୩(ଡି.ଏନ.ଏ.)

ଯାଜପୁର ବ୍ଲକ କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା କଂଗ୍ରେସ ଓ ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ବ୍ଲକର ସଭାପତିଭାବେ ଗଦାଧର ଦାସଙ୍କ ନାମ ପୂର୍ବରୁ ଘୋଷଣା ହୋଇଥିଲାବେଳେ ଉପସଭାପତିଭାବେ ଅଶୋକ ଦାସ, ମାନସ ରଞ୍ଜନ ପଣ୍ଡା, ବୈରିରଞ୍ଜନ ଗଡ଼ନାୟକ, ସାଧାରଣ ସମ୍ପାଦକ, ରବିନାରାୟଣ ସ୍ୱାଇଁ, ସନ୍ତୋଷ ସାହୁ, ଅଜୟ ଦାସ, ହେମନ୍ତ ପାଣି, ଲିଲିମଣି ଦାସ ଏବଂ ସମ୍ପାଦକଭାବେ ଏସ୍‌କେ ଅବ୍ଦୁଲ ହଲିମ୍, ରାଧାକାନ୍ତ ସାମଲ, ମକର ବାରିକ, ଅନିରୁଦ୍ଧ ରାଉତ, ଜୟନ୍ତୀ ମହାନ୍ତି, ବିଦ୍ୟାଧର ପାଣିଗ୍ରାହୀ, ଧନେଶ୍ୱର ନନ୍ଦ, ସରୋଜ ପତିଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଗଣେଶ୍ୱର ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇ ଥିବା ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଏକ ପ୍ରେସ୍‌ବିବୃତିରେ ଜଣାଇଛନ୍ତି। ତୃଣମୂଳସ୍ତରରୁ କଂଗ୍ରେସକୁ ମଜଭୁତ କରିବା ପାଇଁ ନୂତନ କମିଟିକୁ ଅନୁମୋଦନ କରାଯାଇଛି। ନବନିଯୁକ୍ତ କର୍ମକର୍ତ୍ତା କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧିଙ୍କ ସମେତ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାର, ପୂର୍ବତନ ରାଜ୍ୟସଭା ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ଓ ନିର୍ବାଚନମଣ୍ଡଳୀ ନେତା ସନ୍ତୋଷ ନନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଖବରଦାତାଙ୍କୁ କରୋନା ଟିକା ପ୍ରଦାନ ଦାବି

ରସୁଲପୁର,୫ା୩(ଡି.ଏନ.ଏ.)

ଖବରଦାତାମାନେ କରୋନା ଯୋଦ୍ଧା ହୋଇଥିଲେ ବି ସେମାନଙ୍କୁ ସରକାର କରୋନା ଟିକା ପ୍ରଦାନରୁ ବାଦ ଦେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବା ସହ ଟିକା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଅଞ୍ଜନ ପତି, ସାଧାରଣ ସମ୍ପାଦକ ଜଗମୋହନ ରାଉତ, ସମ୍ପାଦକ ଶରତ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ବାପୁଜୀ ଚରଣ ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ାଙ୍କ ଜରିଆରେ ଦାବପିତ୍ର ପ୍ରେରଣ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, କରୋନା ବେଳେ ଖବରଦାତା ଜୀବନକୁ ବାଜିଲଗାଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କରୋନା ପରିଚାଳନାରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଦର୍ଶାଇ ଖବରଦାତାଙ୍କୁ କରୋନା ଯୋଦ୍ଧା ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ଟିକା ପ୍ରଦାନରେ ଅବହେଳା କରିବା ଅତ୍ୟନ୍ତ ଦୁଃଖ ଦାୟକ। ଏ ଦିଗରେ ସରକାରଙ୍କ ପାତରଅନ୍ତର ନୀତିକୁ ଫୋରମ ସଦସ୍ୟମାନେ ନାପସନ୍ଦ କରିଛନ୍ତି। ଦାବିପତ୍ରକୁ ବିଡିଓ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇ ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି।


ରସୁଲପୁର ପ୍ରେସ୍ ଫୋରମର କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ନ୍ୟାୟ ପାଇଁ ଏସ୍‌ପିଙ୍କ ବାସଭବନ ଆଗରେ ଧାରଣା

ପାଣିକୋଇଲି,୫ା୩(ଡି.ଏନ.ଏ.)


ଏସ୍‌ପିଙ୍କ ବାସଭବନ ଆଗରେ ଧାରଣାରତ ପରିବାର।

କୁଆଖିଆ ଥାନା ବ୍ରାହ୍ମଣ ନରସିଂହପୁର ଗ୍ରାମର ଅଜୟ ମଲିକ ଓ ତାଙ୍କ ସ୍ତ୍ରୀ ପାର୍ବତୀ ଆକ୍ରମଣ ଘଟଣାର ନ୍ୟାୟ ଦାବିରେ ଗୁରୁବାର ଏସ୍‌ପି ରାହୁଲ ପି.ଆର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କୁଆଖିଆ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଜୟ, ପାର୍ବତୀ ଓ ତାଙ୍କ ଝିଅ ଶୁକ୍ରବାର ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ସେମାନଙ୍କୁ ତ୍ୱରିତ ନ୍ୟାୟ ଦେବାକୁ କହି କୁଆଖିଆ ଥାନାକୁ ପଠାଯାଇଛି।

ଅଭିଯୋଗ ମୁତାବକ, ୨୮।୨।୨୧ରେ ପାର୍ବତୀ ଭୋର ୫ଟାରେ ଶୌଚ ପାଇଁ ବାଡ଼ିକୁ ଯାଇଥିବା ବେଳେ ତାଙ୍କ ଗ୍ରାମର କାଳନ୍ଦୀ ମଲିକ ୧୪୪ ଧାରା ଜାରି ହୋଇଥିବା ଜମିରେ ଚୋରି କରି ଭେଣ୍ଡି ତୋଳୁଥିଲେ। ପାର୍ବତୀ ଏହାଦେଖି ପାଟି କରିବାରୁ ସେ ପ୍ରତିହିଂସା ପରାୟଣ ହୋଇ ପାର୍ବତୀଙ୍କୁ ମାଡ଼ ମାରି ତାଙ୍କ ଚୁଡ଼ି ନେଇଯିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ପାର୍ବତୀଙ୍କ ନାବାଳିକା ଝିଅ ପହଞ୍ଚିବାରୁ ତାଙ୍କୁ ମଧ ମାଡ଼ ମାରି କାଳନ୍ଦୀ ତାଙ୍କ ମୋବାଇଲ ଛଡ଼ାଇ ନେଇ ଯାଇଥିଲେ। ଏହାର କିଛି ସମୟ ପରେ ଅଜୟଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ବିପକ୍ଷ ଶଶି ମଲିକ, ନରି ମଲିକ, ବିଶିଆ ମଲିକ, ରାଜୁ ମଲିକ ପ୍ରମୁଖ ସଦଳବଳେ ଆସି ଗାଳି କରିବା ସହ ଅଜୟଙ୍କୁ ମାରି ଦେବାକୁ ଖୋଜିଥିଲେ। ମାତ୍ର ଅଜୟ ରାତ୍ରି ୪ଟାରୁ କାମ କରିବାକୁ ଯାଇଥିବାରୁ ସେମାନେ ତାଙ୍କୁ ପାଇ ନଥିଲେ। ଏନେଇ ପାର୍ବତୀ ମଧୁବନ ଡାକ୍ତରଖାନାରେ ଚିକିତ୍ସିତ ହେବାପରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ କୁଆଖିଆ ଥାନା ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

## ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର


ରାସ୍ତାରେ ପିଚୁ ଉଠିଯାଇଛି।

କଳିଙ୍ଗନଗର,୫ା୩(ଡି.ଏନ.ଏ.)

ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନ ଦଳା- ଶଙ୍ଖଚିଲା ରାସ୍ତାଟି ପ୍ରାୟ ୩୦ ଦିନ ତଳେ ବିନା କୌଣସି ବିଜ୍ଞପ୍ତିରେ ମରାମତି କରାଯାଇଥିଲା। ତେବେ ଏହି ମରାମତି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାଟି ଶଙ୍ଖଚିଲା ସମେତ କୋରେଇ ଏବଂ ରସୁଲପୁର ବ୍ଲକର ଏକ ପ୍ରମୁଖ ରାସ୍ତା। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା ଦ୍ୱାରା ଠିକାଦର ମନଇଚ୍ଛା କାର୍ଯ୍ୟ କରିଥିଲେ। ଫଳସ୍ୱରୂପ ଏବେ ରାସ୍ତାରେ ପଡ଼ିଥିବା ପିଚୁ ଉଠିଗଲାଣି। ଏପରି ନିମ୍ନମାନର କାର୍ଯ୍ୟ ଯୋଗୁ ଏଠାରେ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ତଦନ୍ତ କରି ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପାଣିକୋଇଲି ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ତପନ ପୃଷ୍ଟିଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ଜେଏମ୍‌ଏମ୍ ଥାନା ସ୍ଥାନାନ୍ତର: ଚିନ୍ତାରେ ଷଣ୍ଢକୁଦବାସୀ

ପାରାଦୀପ,୫ା୩(ସ୍ୱ.ପ୍ର.)

### ସୀମା ନିର୍ଦ୍ଧାରଣ ହୋଇନାହିଁ


ଜେଏମ୍‌ଏମ୍ ଥାନାର ନୂତନ ଗୃହ।

ପାରାଦୀପ ନୂଆବଜାରସ୍ଥିତ ଜଟାଧାରମୁହାଣ ସାମୁଦ୍ରିକ (ଜେଏମ୍‌ଏମ୍) ଥାନା ଗୁରୁବାର ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ନୋଳିଆସାହିସ୍ଥିତ ନବନିର୍ମିତ ଗୃହକୁ ସ୍ଥାନାନ୍ତର ହୋଇଛି। ମାତ୍ର ବିଧିବଦ୍ଧ ଭାବେ ଥାନାକୁ ଉଦ୍‌ଘାଟନ କରାଯାଇନାହିଁ। ତେବେ ଥାନା ସ୍ଥାନାନ୍ତର ହେବା ପରେ ଷଣ୍ଢକୁଦ ବସ୍ତିବାସିନ୍ଦାଙ୍କ ଚିନ୍ତା ବଢ଼ିଯାଇଛି। ଏହି ବସ୍ତି ଜେଏମଏମ୍ ଥାନା ଅଧୀନରେ ରହିଛି। ପୂର୍ବରୁ ବିଭିନ୍ନ ଅଭିଯୋଗ ପାଇଁ ବସ୍ତି ବାସିନ୍ଦାଙ୍କୁ ମାତ୍ର ୫୦୦ ମିଟର ଯିବାକୁ ପଡୁଥିବା ବେଳେ ଏବେ ଅଭିଯୋଗ ପାଇଁ ୨୨ କିଲୋମିଟର ଦୂରରେ ଥିବା ନୋଳିଆସାହିକୁ ଯିବାକୁ ପଡ଼ିବ। ନୋଳିଆସାହି ପୂର୍ବରୁ ଅଭୟଚାନ୍ଦପୁର ଥାନା ଅଧୀନରେ ଥିବାବେଳେ ଜେଏମ୍‌ଏମ୍ ଥାନା ପାଇଁ ନୂତନ ସୀମା ନିର୍ଦ୍ଧାରଣ କରାଯାଇନାହିଁ। ଫଳରେ ଅଭିଯୋଗକାରୀ କେଉଁଠି ଅଭିଯୋଗ କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାରାଦୀପ ଶିଳ୍ପାଞ୍ଚଳରେ ୫ଟି ଥାନା ରହିଛି। ସେଗୁଡ଼ିକ ହେଲା ପାରାଦୀପ ଆଦର୍ଶଥାନା, ଲକଥାନା, ସାମୁଦ୍ରିକ ଥାନା, ଅଭୟଚାନ୍ଦପୁର ଥାନା ଓ ଜେଏମ୍‌ଏମ୍ ଥାନା। ୨୦୧୪ ନଭେମ୍ବର ୨୧ରେ ଜେଏମ୍‌ଏମ୍ ଥାନା ପ୍ରତିଷ୍ଠା ହୋଇଥିଲା। ଏହି ଥାନା ପାଇଁ ଜାଗା ସ୍ଥିରୀକୃତ ହୋଇ ନ ଥିବାରୁ ତାହା ବନ୍ଦର କ୍ୱାର୍ଟରରେ ଚାଲିଥିଲା। ଉକ୍ତ ଥାନା ଅଧୀନରେ ଷଣ୍ଢକୁଦ ବସ୍ତି ଓ ବେଳାଭୂମି ପର୍ଯ୍ୟଟନ ଅଞ୍ଚଳ ରହିଛି। ୨୦୧୪ ନଭେମ୍ବର ୨୧ ପୂର୍ବରୁ ଷଣ୍ଢକୁଦ ବସ୍ତିଅଞ୍ଚଳ ପାରାଦୀପ ଥାନା ଅଧୀନରେ ଥିଲା। ୨୦୧୮ରେ ପାରାଦୀପ ଥାନାକୁ ଆଦର୍ଶ ଥାନା କରାଯାଇଛି। ଏ ସମ୍ପର୍କରେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ସେଠୀ କୁହନ୍ତି, ଜେଏମ୍‌ଏମ୍ ଥାନା ଏବେ ସିଫ୍ଟିଂ ଚାଲିଛି। ସୀମା ନିର୍ଦ୍ଧାରଣ କରା ନ ଯିବା ପର୍ଯ୍ୟନ୍ତ ଷଣ୍ଢକୁଦ ବସ୍ତି ଜେଏମ୍‌ଏମ୍ ଥାନା ଅଧୀନରେ ରହିବ। ସେଠାରେ ପୂର୍ବପରି କାମ ଚାଲିବ। ନିୟମ ଅନୁସାରେ ରାତି ୧୦ଟା ପର୍ଯ୍ୟନ୍ତ ଷଣ୍ଢକୁଦ ବସ୍ତି ଓ ବେଳାଭୂମି ଅଞ୍ଚଳରେ ପାଟ୍ରୋଲିଂ କରାଯିବ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସ୍ମରଣଯୋଗ୍ୟ, ପାରାଦୀପ ଅଞ୍ଚଳରେ ଥିବା ଥାନାଗୁଡ଼ିକର ସୀମାକୁ ନେଇ ପୂର୍ବରୁ ଏକାଧିକବାର ବିବାଦ ହୋଇଛି। ଏବେ ମଧ ଉଦୟବିହାର, ଉଦୟବଟ, ବିଜୟଚନ୍ଦ୍ରପୁର, ଏସାରଷ୍ଟିଲ୍, ଏମ୍‌ଏନ୍‌ଏସ୍, ଇଫକୋ ଆଦି ସ୍ଥାନରେ ଥାନାକୁ ନେଇ ଦ୍ୱନ୍ଦ୍ୱାତ୍ମକସ୍ଥିତ ରହିଛି । ଏହାକୁ ବ୍ୟବସ୍ଥିତ କରିବାକୁ ସାଧାରଣରେ ଦାବି ହେଉଛି।

## ଓଡ଼ଗାଁ, ନୟାଗଡ଼ରେ ମୋ ସ୍କୁଲ କର୍ମଶାଳା

ନୟାଗଡ଼ ଅଫିସ/ଓଡ଼ଗାଁ,୫ା୩(ସ୍ୱ.ପ୍ର.)

ଓଡ଼ଗାଁ ବ୍ଲକ ସମ୍ମିଳନୀ ଗୃହରେ ବ୍ଲକସ୍ତରୀୟ ମୋ ସ୍କୁଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଜିଲାପାଳ ଡ.ପୋମା ଟୁଡୁ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ବ୍ଲକ ଶିକ୍ଷା ଅଧିକାରୀ ଡ.ବସନ୍ତ ନାୟକ, ବିଡିଓ ସ୍ୱାତୀଲେଖା ଦାସ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଭିଯାନକୁ ସୁଦୂରପ୍ରସାରୀ ନିମନ୍ତେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜିବୀଙ୍କ ସହିତ ଲୋକ ସମ୍ପର୍କ ସ୍ଥାପନା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ନୟାଗଡ଼ ଡିଆରଡିଏ ସୃଜନ କକ୍ଷରେ ନୟାଗଡ଼ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଟୁଡୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସାହୁ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କୁ ହ୍ୱାଟସ୍ ଅପ୍ ଗ୍ରୁପ୍‌ରେ ସାମିଲ ପାଇଁ ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଜିଲା ଶିକ୍ଷା ଅଧିକାରୀ ବାରିକ ମୋ ସ୍କୁଲ ଅଭିଯାନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ।

୧୦ ବର୍ଷ ତଳେ ପଶ୍ଚିମବଙ୍ଗରୁ ବାମପନ୍ଥୀଙ୍କୁ ହଟାଇବା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଏବେ ତା'ଠୁ ବଡ଼ ଚ୍ୟାଲେଞ୍ଜ ଉଭା ହୋଇଛି। କାରଣ ମମତାଙ୍କୁ ଚେକ୍ ଦେବାକୁ ବସିଛି ଭାଜପା। କେନ୍ଦ୍ରରେ ଶାସନ କରୁଥିବା ଗୈରିକ ଦଳ ହାତରେ ଅଖଣ୍ଡ କ୍ଷମତା ଆଉ ପୁଳା ପୁଳା ଟଙ୍କା। ଏହାର ମୁକାବିଲା ପାଇଁ ଦିଦି ଆରମ୍ଭ କରିଛନ୍ତି 'ମିଶନ ନନ୍ଦିଗ୍ରାମ'।

## ସଂକ୍ଷେପରେ

### ଆସାମ: ଭାଜପାର ୭୦ ଜଣିଆ ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ ୫।୩: ଆସାମ ବିଧାନସଭା ନିର୍ବାଚନ ଲାଗି ଭାଜପା ପ୍ରଥମ ପର୍ଯ୍ୟାୟରେ ୭୦ ଜଣିଆ ପ୍ରାର୍ଥୀ ତାଲିକା ଶୁକ୍ରବାର ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ମଜୁଲିରୁ ଏବଂ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଜାଲୁକ୍‌ବାରିରୁ ଲଢ଼ିବେ। ଭାଜପା ରାଜ୍ୟ ସଭାପତି ରଞ୍ଜିତ୍ ଦାସ ପଟଚର୍‌କୁଚିରୁ ଲଢ଼ିବା ଲାଗି ସ୍ଥିର ହୋଇଛି। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭା ପାଇଁ ନିର୍ବାଚନ ମାର୍ଚ୍ଚ ୨୭ରୁ ୩ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଭାଜପା ଏଜିପି (ଆସାମ ଗଣ ପରିଷଦ) ଏବଂ ୟୁପିପିଏଲ୍ ସହ ମେଣ୍ଟ କରିଛି।

### ମହାରାଷ୍ଟ୍ର: ଦିନକରେ ୧୦,୨୧୬ ସଂକ୍ରମିତ

ମୁମ୍ବାଇ, ୫।୩: ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୦.୨୧୬ କରୋନା ସଂକ୍ରମିତ ଚିହ୍ନଟ ହେବା ସହ ୫୩ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ସେଠାରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୮୮,୮୩୮ରେ ପହଞ୍ଚିଛି। ସଂକ୍ରମଣ ବଢୁଥିବାରୁ ରାଜ୍ୟରେ କୋଭିଡ୍ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ମୁମ୍ବାଇରେ ଦିନକରେ ୧,୧୭୩ ନୂଆ ମାମଲା ଚିହ୍ନଟ ହେବା ସହ ୩ ଜଣଙ୍କର ମୃତ୍ୟୁ ଘଟିଛି।

### ଏନ୍‌ସିବି ଚାର୍ଜଶିଟ୍‌ରେ ରିଆଙ୍କ ସମେତ ୩୩



ମୁମ୍ବାଇ, ୫।୩: ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ଘଟଣା ସହ ଡ୍ରଗ୍ସ କାରବାର ଦିଗ ଉପରେ ତଦନ୍ତ କରୁଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶୁକ୍ରବାର ଏନ୍‌ଡିପିଏସ୍ ସେସନ୍ସ କୋର୍ଟରେ ୧୧,୭୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ, ତାଙ୍କ ଭାଇ ଶୌଭିକଙ୍କ ସମେତ ୩୩ ଜଣଙ୍କୁ ଅଭିଯୁକ୍ତ କରାଯାଇଛି। ଗତବର୍ଷ ଅଗଷ୍ଟ ଶେଷ ସପ୍ତାହରେ ଏନ୍‌ସିବି ଉକ୍ତ ମାମଲାରେ ଏତଲା ଦାଏର କରିଥିବାବେଳେ ୧୮୦ ଦିନ ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ତଦନ୍ତ ସମୟରେ ଏନ୍‌ସିବି ଅନେକ ଲୋକଙ୍କୁ ଡାକି ଜେରା କରିଥିଲା। ପ୍ରାୟ ୨୦୦ ସାକ୍ଷୀଙ୍କ ବୟାନ ଚାର୍ଜଶିଟ୍‌ରେ ସାମିଲ ହୋଇଛି। ଯେଉଁମାନଙ୍କଠାରୁ ନିଶାଦ୍ରବ୍ୟ ଜବତ ହୋଇଥିଲା, ସେମାନଙ୍କ ଡ୍ରଗ୍ସ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ଏଥିସହିତ ଏନ୍‌ସିବି ଡିଜିଟାଲ ପ୍ରମାଣ ଓ କଲ୍ ରେକର୍ଡ ମଧ୍ୟ କୋର୍ଟରେ ଦାଖଲ କରିଛି।

### ନେପାଳ ଗୁଳିରେ ଭାରତୀୟଙ୍କ ମୃତ୍ୟୁ

ପିଲିଭିଟ୍, ୫।୩: ନେପାଳ ପୋଲିସ ଗୁଳିରେ ଜଣେ ଭାରତୀୟଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ନିଖୋଜ ହୋଇଛନ୍ତି। ଉକ୍ତ ବ୍ୟକ୍ତି ଦୁଇଜଣଙ୍କୁ ସାଙ୍ଗରେ ନେଇ ନେପାଳ ପାର୍ଶ୍ୱକୁ ଯାଇଥିବାବେଳେ ସେଠାରେ ପୋଲିସ ସହ ସେମାନଙ୍କର କୌଣସି କାରଣରୁ ବଚସା ହୋଇଥିଲା। ତୃତୀୟ ବ୍ୟକ୍ତି ଜଣକ ଭାରତ ଫେରିଆସିଛନ୍ତି। ଉତ୍ତରପ୍ରଦେଶ ପୋଲିସ ଏବଂ ସୀମାନ୍ତ ପୋଲିସ ଘଟଣାର ଅନୁଧ୍ୟାନ କରୁଛନ୍ତି।

# ମିଶନ ନନ୍ଦିଗ୍ରାମ



ମମତା ବାନାର୍ଜୀ

ପ୍ରଚାର କେବେଠୁ ଚାଲିଥିଲା। ଗତ ୨୬ରେ ନିର୍ବାଚନ ତାରିଖ ଘୋଷଣା ସହ ଆନୁଷ୍ଠାନିକ ଭାବେ ବିଗୁଲ ବାଜିଥିଲା। ଶୁକ୍ରବାର ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଭାଜପାର ଚ୍ୟାଲେଞ୍ଜକୁ ଗ୍ରହଣ କରିଛନ୍ତି। ତାଙ୍କର ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ସହ ନନ୍ଦିଗ୍ରାମରୁ ଲଢ଼େଇ କରିବାକୁ ପ୍ରସ୍ତୁତ ବୋଲି ମମତାଙ୍କ ଘୋଷଣା ପରେ ଜାତୀୟ ରାଜନୀତିର ଉଷ୍ମତା ବଢ଼ିଯାଇଛି। ସମସ୍ତଙ୍କ ନଜର ନନ୍ଦିଗ୍ରାମ ଉପରେ କେନ୍ଦ୍ରୀଭୂତ ହୋଇଛି।

କୋଲକାତା/ନୂଆଦିଲ୍ଲୀ,୫।୩

ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲା ହଳଦିଆ ସବ୍‌ଡିଭିଜନ୍ ଅଧୀନ ଏକ ଛୋଟ ସହର ନନ୍ଦିଗ୍ରାମ। ୨୦୦୭ରେ ପଶ୍ଚିମବଙ୍ଗର ତତ୍କାଳୀନ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ସରକାର ସଲିମ ଗ୍ରୁପ୍‌କୁ ଏଠାରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍) ଅଧୀନରେ ଏକ କେମିକାଲ ହବ୍ ପ୍ରତିଷ୍ଠା ପାଇଁ ଅନୁମତି ଦେଇଥିଲେ। ଶିଳ୍ପ ପାଇଁ ଜୋରଜବରଦସ୍ତ ଜମି ଅଧିଗ୍ରହଣକୁ ଗ୍ରାମବାସୀ ଘୋର ବିରୋଧ କରିଥିଲେ। ସେହି ବର୍ଷ ମାର୍ଚ୍ଚ ୧୪ ରାତିରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୧୪ ଜଣଙ୍କ ଜୀବନ ଯାଇଥିଲା। ଅନେକେ ଆହତ ହୋଇଥିଲେ। ବହୁ ମହିଳାଙ୍କୁ ବଳାତ୍କାର ମଧ୍ୟ କରାଯାଇଥିଲା। ଏସବୁ ଘଟାଯାଇଥିଲା ଶାସକ ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ (ସିପିଆଇଏମ୍)ର ବଳରେ। ନନ୍ଦିଗ୍ରାମରେ ବାମପନ୍ଥୀ ଏବଂ ପୋଲିସର ବର୍ବରତାକୁ ସେତେବେଳେ ସାରା ଦେଶରେ ନିନ୍ଦା କରାଯାଇଥିଲା। ଏଇଠୁ ବାମପନ୍ଥୀଙ୍କ



ଶୁଭେନ୍ଦୁ ଅଧିକାରୀ

୩୪ ବର୍ଷ ଶାସନ ପତନର ମୂଳଦୂଆ ପଡ଼ିଥିଲା, ଯାହାର ନେତୃତ୍ୱ ନେଇଥିଲେ ତତ୍କାଳୀନ ବିରୋଧୀ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀ। ଏହି ନାଁକୁ ନେଇ ଏବେ ପୁଣିଥରେ ଦେଶବ୍ୟାପୀ ଚର୍ଚ୍ଚା। ୨୦୦୯ ଉପନିର୍ବାଚନ ପରଠାରୁ ନନ୍ଦିଗ୍ରାମ ଟିଏମ୍‌ସି ଦଖଲରେ ରହିଛି। ୨୦୧୧ରେ ମମତା ବାନାର୍ଜୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହେଲେ। ସେତେବେଳେ ମମତାଙ୍କ ପ୍ରଚାର ମଙ୍ଗ ଧରିଥିଲେ ତାଙ୍କ ଡାହାଣ ହାତ ଶୁଭେନ୍ଦୁ ଅଧିକାରୀ। ୨୦୧୬ରେ ଏହି ଆସନକୁ ନନ୍ଦିଗ୍ରାମ ଲଢ଼େଇର ସ୍ଥପତି ଶୁଭେନ୍ଦୁ ୧,୩୪,୬୨୩ ଭୋଟ ପାଇ ଦଖଲ କଲେ। ମମତା ତାଙ୍କୁ ପରିବହନ ମନ୍ତ୍ରୀ କରିଥିଲେ। ତେବେ ଶୁଭେନ୍ଦୁ କିଛି ମାସ ତଳେ ଟିଏମ୍‌ସି ଛାଡ଼ି ଭାଜପାରେ ମିଶିଛନ୍ତି। ଶୁଭେନ୍ଦୁ ନିଜ ଲୋକପ୍ରିୟତାକୁ ଦେଖି ନନ୍ଦିଗ୍ରାମରେ ମମତାଙ୍କୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇବେ ବୋଲି ଭାଜପାର କେନ୍ଦ୍ରୀୟ ନେତୃତ୍ୱଙ୍କ ଆଗରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେଣୁ ଭାଜପା ତାଙ୍କୁ ନନ୍ଦିଗ୍ରାମରୁ ପ୍ରାର୍ଥୀ କରିବାକୁ ଯାଉଛି। ଯୁଦ୍ଧଭୂଇଁ ନନ୍ଦିଗ୍ରାମରେ ଏଥର ମମତା ବନାମ ଶୁଭେନ୍ଦୁ ଲଢ଼େଇ ହେବା ଏକପ୍ରକାର ନିଶ୍ଚିତ।

- ପଶ୍ଚିମବଙ୍ଗର ମୋଟ ଭୋଟର ସଂଖ୍ୟା ୭.୧୮ କୋଟି
- ୪୫% ଅର୍ଥାତ୍ ୩.୧୫ କୋଟି ହେଉଛନ୍ତି ମହିଳା
- ଏହାକୁ ଦୃଷ୍ଟିରେ ରଖି ମମତା ୫୦ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି
- ୨୦୧୬ ନିର୍ବାଚନରେ ଟିଏମ୍‌ସିରୁ ୪୫ ଏବଂ ଭାଜପାରୁ ୩୧ ମହିଳା ଲଢ଼ିଥିଲେ

## ୨୯୧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କଲା ଟିଏମ୍‌ସି


କୋଲକାତା, ୫।୩

ପଶ୍ଚିମବଙ୍ଗରେ ସର୍ବାଧିକ ୮ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯) ଭୋଟ ଗ୍ରହଣ କରାଯିବ। ଏଥିପାଇଁ ସବୁ ଦଳ ରଣନୀତି ପ୍ରସ୍ତୁତି ଓ ଗୋଟି ଚାଳନାରେ ବ୍ୟସ୍ତ ଥିବାବେଳେ ୨୯୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ଟିଏମ୍‌ସି ଶୁକ୍ରବାର ୨୯୧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ଅଧ୍ୟକ୍ଷା ମମତା ବାନାର୍ଜୀ ନନ୍ଦିଗ୍ରାମ ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଫଳରେ ଉକ୍ତ ଆସନରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ମମତାଙ୍କର ଜୋର୍‌ଦାର ଲଢ଼େଇ ହୋଇପାରେ। ମମତାଙ୍କୁ ନନ୍ଦିଗ୍ରାମରୁ ପ୍ରାର୍ଥୀ ହେବା ଲାଗି ଶୁଭେନ୍ଦୁ ଚ୍ୟାଲେଞ୍ଜ ଦେଇଥିଲେ, ଯାହାକୁ ସେ ଗ୍ରହଣ କରିନେଇଛନ୍ତି। କହିଛନ୍ତି, ମାର୍ଚ୍ଚ ୯ରେ ମୁଁ ନନ୍ଦିଗ୍ରାମ ଯାଉଛି। ୧୦ ତାରିଖରେ ହଳଦିଆରେ ନାମାଙ୍କନପତ୍ର ଦାଖଲ କରିବି। ମମତାଙ୍କ ପ୍ରାର୍ଥୀ ତାଲିକାରେ ସୋସିଆଲ ଇଞ୍ଜିନିୟରିଂ ବା ସାମାଜିକ ସମୀକରଣର ମଜଭୁତ ଚିତ୍ର ଦେଖିବାକୁ ମିଳିଛି। ଘୋଷଣା ବେଳେ ମମତା କହିଥିଲେ, ସେ କେବଳ ନନ୍ଦିଗ୍ରାମରୁ ଲଢ଼ିବେ। ତାଙ୍କ ଭବାନୀପୁର ଆସନରୁ ଶକ୍ତିମନ୍ତ୍ରୀ ଶୋଭନଦେବ ମୁଖାର୍ଜୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ନିକଟରେ ଟିଏମ୍‌ସିରେ ଯୋଗଦେଇଥିବା କ୍ରିକେଟର ମନୋଜ ତିୱାରୀ ହାଓଡା ଜିଲାର ଶିବପୁର ନିର୍ବାଚନମଣ୍ଡଳୀରେ ପ୍ରଥମ ଥର ପାଇଁ ଭାଗ୍ୟପରୀକ୍ଷା କରିବେ। ଏଥର ଟିଏମ୍‌ସି ମୋଟ ୨୯୧ ଆସନରେ ଲଢ଼ିବ ଏବଂ ଅବଶିଷ୍ଟ ୩ ଆସନ (ଦାର୍ଜିଲିଂ, କଲିମପୋଙ୍ଗ ଓ କୁର୍ସେଓଙ୍ଗ) ସହଯୋଗୀ ଦଳ ଗୋର୍ଖା ମୁକ୍ତି ମୋର୍ଚ୍ଚା(ଜିଜେଏମ୍)କୁ ଛାଡ଼ି ଦିଆଯିବ। ଏଥର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପ୍ରାର୍ଥୀଙ୍କୁ ଟିଏମ୍‌ସି ଟିକେଟ ଦେଇନାହିଁ। ସେହିପରି ୨୮ ବିଧାୟକଙ୍କୁ ମଧ୍ୟ ସୁଯୋଗ ମିଳିନାହିଁ। ଅନ୍ୟପକ୍ଷରେ ଏଥର ୫୦ ଜଣ ମହିଳାଙ୍କୁ ଦଳ ପ୍ରାର୍ଥୀ କରିଛି। ୪୨ ମୁସଲମାନ, ୭୯ ତଫସିଲଭୁକ୍ତ ଜାତି(ଏସ୍‌ସି) ଏବଂ ୧୭ ତଫସିଲଭୁକ୍ତ ଉପଜାତି(ଏସ୍‌ଟି) ଲୋକଙ୍କୁ ଟିକେଟ ଦିଆଯାଇଛି।

### ମମତାଙ୍କ ସୋସିଆଲ ଇଞ୍ଜିନିୟରିଂ

- ୫୦ ମହିଳାଙ୍କୁ ପ୍ରାର୍ଥୀ କଲା ଟିଏମ୍‌ସି
- ୨୮ ବିଧାୟକଙ୍କ ଟିକେଟ କଟିଲା
- ୪୨ ମୁସଲମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ
- ୭୯ ଏସ୍‌ସି ଏବଂ ୧୭ ଏସ୍‌ଟିଙ୍କୁ ଟିକେଟ ମିଳିଲା
- ୮୦ ବର୍ଷୀୟ ଲଢ଼ିପାରିବେନି ନିର୍ବାଚନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଡରି ମମତା ବାନାର୍ଜୀ ଜୟଦୁର୍ଗା ଜୟକାଳୀ କରୁଛନ୍ତି। ସେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସମର୍ଥନ ଦେଉଛନ୍ତି। ମେ' ୨ରେ ମମତା ବିଦା ହେବା ଥୟ।
—ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ



| ପର୍ଯ୍ୟାୟ | ତାରିଖ | ଆସନ ସଂଖ୍ୟା |
|---|---|---|
| ୧ | ମାର୍ଚ୍ଚ ୨୭ | ୩୦ |
| ୨ | ଏପ୍ରିଲ ୧ | ୩୦ |
| ୩ | ଏପ୍ରିଲ ୬ | ୩୧ |
| ୪ | ଏପ୍ରିଲ ୧୦ | ୪୪ |
| ୫ | ଏପ୍ରିଲ ୧୭ | ୪୫ |
| ୬ | ଏପ୍ରିଲ ୨୨ | ୪୩ |
| ୭ | ଏପ୍ରିଲ ୨୬ | ୩୬ |
| ୮ | ଏପ୍ରିଲ ୨୯ | ୩୫ |
| ଫଳାଫଳ | ମେ ୨ | ୨୯୪ |



ନରେନ୍ଦ୍ର ମୋଦି



ଅମିତ୍ ଶାହା



ଜେ.ପି. ନଡ୍ଡା

### ଭାଜପାରେ ମନ୍ତ୍ରଣା

ସେପଟେ ନନ୍ଦିଗ୍ରାମ ଓ ଭବାନୀପୁର ସମେତ ୧୫ ଆସନରେ କାହାକୁ ପ୍ରାର୍ଥୀ କରାଯିବ ସେନେଇ ଭାଜପାର ଶୀର୍ଷ ନେତୃତ୍ୱ ମନ୍ତ୍ରଣା ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି।

### ବାମଦଳର ପ୍ରାର୍ଥୀ ଘୋଷଣା

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବାମ ସାମ୍ମୁଖ୍ୟ, କଂଗ୍ରେସ ଏବଂ ନବଗଠିତ ଇଣ୍ଡିଆନ ସିକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମଧ୍ୟରେ ମେଣ୍ଟ ହୋଇଛି। ଶୁକ୍ରବାର ବାମ ସାମ୍ମୁଖ୍ୟ ପ୍ରଥମ ଦୁଇ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ସହଯୋଗୀ କଂଗ୍ରେସ ଏବଂ ଆଇଏସ୍‌ଏଫ୍ ଖୁବ୍ ଶୀଘ୍ର ପ୍ରାର୍ଥୀ ଘୋଷଣା କରିବେ। ଆଉ କେତେକ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇ ନ ଥିବା ବାମ ସାମ୍ମୁଖ୍ୟ ଅଧ୍ୟକ୍ଷ ବିମାନ ବୋଷ କହିଛନ୍ତି।



### ଚ୍ୟାଲେଞ୍ଜକୁ ଭୟ କରେନି

**ମୋଦି, ଶାହା ଯେତେ ଫୋର୍ସ ପଠାଉଛନ୍ତି ପଠାନ୍ତୁ: ମମତା**

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯେତେ ପାରୁଛନ୍ତି ଫୋର୍ସ ପଠାନ୍ତୁ। ଟିଏମ୍‌ସି ଏହି ନିର୍ବାଚନ ଜିତିବ। ମୁଁ କୌଣସି ଚ୍ୟାଲେଞ୍ଜକୁ ଭୟ କରେନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି।
- ପ୍ରାର୍ଥୀ ତାଲିକା ଘୋଷଣା ବେଳେ ମମତା କହିଛନ୍ତି, ପଶ୍ଚିମବଙ୍ଗରେ ବାହାର ଲୋକଙ୍କୁ ଶାସନ କରିବାକୁ ଦିଆଯିବ ନାହିଁ। ଏଠାରେ ରାଜ୍ୟ ଭିତର ଲୋକ ହିଁ ଶାସନ କରିବେ।
- ଭାଜପାକୁ ହରାଇବା ପାଇଁ ଅନେକ ବିରୋଧୀ ଦଳ ସମର୍ଥନ ଦେଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ସମାଜବାଦୀ ପାର୍ଟି (ଏସ୍‌ପି), ଶିବସେନା, ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତାଙ୍କୁ ଧନ୍ୟବାଦ।

## ଆଫଗାନ୍ ସଂଘର୍ଷରେ ୯୦ ନିହତ

କାବୁଲ, ୫।୩(ଆଇଏଏନ୍‌ଏସ୍)

ଆଫଗାନିସ୍ତାନରେ ଗତ ୨୪ ଘଣ୍ଟା ମଧ୍ୟରେ ସଂଘର୍ଷ ଓ ଆତଙ୍କବାଦୀ ଆକ୍ରମଣରେ ୯୦ ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୮ ସାଧାରଣ ନାଗରିକ ହୋଇଥିବାବେଳେ ୫ ଜଣ ଆଫଗାନ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ବଳ ସଦସ୍ୟ ଏବଂ ୭୭ ଜଣ ତାଲିବାନ ଆତଙ୍କବାଦୀ ବୋଲି ରିଡକ୍ସନ ଇନ୍ ଭାଓଲେନ୍ସ ନାମକ ଏକ ସଂସ୍ଥା ପକ୍ଷରୁ କୁହାଯାଇଛି। ଆକ୍ରମଣରେ ୩୧ ତାଲିବାନ ଏବଂ ୨ ସାଧାରଣ ନାଗରିକ ଆହତ ହୋଇଛନ୍ତି।



## କେନ୍ଦ୍ରର ଓଟିଟି ଗାଇଡ୍‌ଲାଇନ୍ ଦନ୍ତହୀନ



ଡିଜିଟାଲ ପ୍ଲାଟଫର୍ମ ଖରାପ କଣ୍ଟେଣ୍ଟ ଦେଖାଇଲେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୩

ସୋସିଆଲ ମିଡିଆ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଜାରି କରିଥିବା ଗାଇଡ୍‌ଲାଇନର ଦାନ୍ତ ନାହିଁ। ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ଅନୁପଯୁକ୍ତ କଣ୍ଟେଣ୍ଟ ଦେଖାଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବ୍ୟବସ୍ଥା ଏହି ନିର୍ଦ୍ଦେଶାବଳୀରେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ଓଭର ଦି ଟପ୍ (ଓଟିଟି) ପ୍ଲାଟଫର୍ମ ଆମାଜନ ପ୍ରାଇମ୍ ଭିଡିଓର ଭାରତ ମୁଖ୍ୟ ଅପର୍ଣ୍ଣା ପୁରୋହିତଙ୍କୁ ଗିରଫଦାରିରୁ ସୁରକ୍ଷା ପ୍ରଦାନ କରିଛନ୍ତି। 'ତାଣ୍ଡବ' ୱେବ୍ ସିରିଜ୍‌କୁ ନେଇ ଅପର୍ଣ୍ଣା ପୁରୋହିତଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଥିଲା। ଅପର୍ଣ୍ଣା ଆଗୁଆ ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଆର.ଏସ୍. ରେଡ୍ଡୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅପର୍ଣ୍ଣାଙ୍କ ପିଟିଶନର ଶୁଣାଣି କରି ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, କେନ୍ଦ୍ର ସରକାରଙ୍କ ସୋସିଆଲ ମିଡିଆ ରେଗୁଲେଶନ୍ସ କେବଳ ଗାଇଡ୍‌ଲାଇନ୍ ମାତ୍ର। ଡିଜିଟାଲ ପ୍ଲାଟଫର୍ମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କରେ ଏଥିରେ କିଛି ନିୟମ କରାଯାଇ ନାହିଁ। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ସରକାର ଉପଯୁକ୍ତ ପଦକ୍ଷେପ ନେଇ ବିଚାର କରିବେ ଏବଂ ଏହା ଉପରେ କୌଣସି ପ୍ରକାର ନିୟନ୍ତ୍ରଣ ବା ଆଇନ ବ୍ୟବସ୍ଥା କରାଗଲେ ଅଦାଲତଙ୍କୁ ସେନେଇ ଅବଗତ କରାଯିବ। ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ମାମଲାରେ ପକ୍ଷଭୁକ୍ତ କରିବା ପାଇଁ ଅପର୍ଣ୍ଣାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ସୁପ୍ରିମକୋର୍ଟ କହିଥିଲେ, ଓଟିଟି କେତେକ ପ୍ଲାଟ୍‌ଫର୍ମରେ ପର୍ନୋଗ୍ରାଫିକ୍ କଣ୍ଟେଣ୍ଟ (ଅଶ୍ଳୀଳ ଭିଡିଓ) ଦେଖାଯାଉଛି। ଏଭଳି କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ଏକ ବ୍ୟବସ୍ଥା ରହିବା ଉଚିତ। ଏହାସହ ସୋସିଆଲ ମିଡିଆ ନିୟନ୍ତ୍ରଣ ପାଇଁ କି ଗାଇଡ୍‌ଲାଇନ୍ କରାଯାଇଛି ତା'ର ବିବରଣୀ ଦେବାକୁ କେନ୍ଦ୍ର ସରକାରଙ୍କୁ କହିଥିଲେ। ଅପର୍ଣ୍ଣାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଉକ୍ତ ଏଫ୍‌ଆଇଆର୍‌କୁ ବିରୋଧ କରିଥିଲେ। କହିଥିଲେ, ଅପର୍ଣ୍ଣା ଆମାଜନ୍‌ର ଜଣେ କର୍ମଚାରୀ। ସେ 'ତାଣ୍ଡବ'ର ପ୍ରଯୋଜକ କି ଅଭିନେତ୍ରୀ ନୁହନ୍ତି। ଏହାସତ୍ତ୍ୱେ ତାଙ୍କ ବିରୋଧରେ ଦେଶବ୍ୟାପୀ ୧୦ ମାମଲା ରୁଜୁ କରାଯିବା ଦୁର୍ଭାଗ୍ୟଜନକ।




### ମାମଲା କ'ଣ

'ତାଣ୍ଡବ' ହେଉଛି ୯ ଅଧ୍ୟାୟ ବିଶିଷ୍ଟ ପଲିଟିକାଲ ଥ୍ରିଲର। ଅଲି ଅବ୍ବାସ ଜାଫରଙ୍କ ନିର୍ଦ୍ଦେଶନା ତଥା ହିମାଂଶୁ ମେହେରାଙ୍କ ପ୍ରଯୋଜନାରେ ନିର୍ମିତ ଏହି ୱେବ୍ ସିରିଜରେ ବଲିଉଡ୍ କଳାକାର ସୈଫ୍ ଅଲି ଖାନ୍, ଡିମ୍ପଲ କାପାଡିଆ ଓ ଅହମ୍ମଦ ଜିଶାନ ଆୟୁବ ପ୍ରମୁଖ ଅଭିନୟ କରିଛନ୍ତି। ଏହି ୱେବ୍ ସିରିଜରେ ଉତ୍ତର ପ୍ରଦେଶ ପୋଲିସ, ହିନ୍ଦୁ ଦେବଦେବୀଙ୍କୁ ଭୁଲ୍ ଭାବେ ଉପସ୍ଥାପନ ସହ ପ୍ରଧାନମନ୍ତ୍ରୀ ଚରିତ୍ରକୁ ଖରାପ ଭାବେ ଚିତ୍ରଣ କରିଥିବା ନେଇ ଅପର୍ଣ୍ଣାଙ୍କ ବିରୋଧରେ ଅଭିଯୋଗ ରହିଛି।

**ସେନସେକ୍ସରେ ୪୪୧ ପଏଣ୍ଟ ହ୍ରାସ**

ଲଗାତର ଦ୍ୱିତୀୟ ସେସନ ଲାଗି ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଧାରା ଜାରି ରହିଛି। ଆମେରିକା ଟ୍ରେଜେରି ବିଲ୍ସ ଅଧିକ ଲାଭ ପାଇବା ଆଶାରେ ନିବେଶକ ଭାରତୀୟ ପୁଞ୍ଜିବଜାରରୁ ଶେୟାର ବିକ୍ରିବା ଫଳରେ ଭାରତୀୟ ବଜାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ସେନସେକ୍ସ ୪୪୧ ପଏଣ୍ଟ ବା ୦.୮୭% ହ୍ରାସ ହେବା ଯୋଗୁ ଏହା ୫୦,୪୦୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୧୪୨ ପଏଣ୍ଟ (୦.୯୫%) ନିମ୍ନରେ ରହିବା ଯୋଗୁ ୧୪,୯୩୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

# ତେଲ ଟିକସ ହ୍ରାସ ସପକ୍ଷରେ ସୀତାରାମନ

**ନୂଆଦିଲ୍ଲୀ, ୫।୩ :** ତେଲ ଟିକସ ହ୍ରାସ ସପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ମତ ପ୍ରକାଶ କରିଛନ୍ତି। ମାତ୍ର ଟିକସ ହ୍ରାସ ଏକପାଖିଆ ନ ହୋଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ଏ ଦିଗରେ ମିଳିତ ହୋଇ କାର୍ଯ୍ୟପନ୍ଥା ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୀତାରାମନ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ଲୋକଙ୍କ ଉପରେ ପଡୁଥିବା ବୋଝକୁ ଆମେ ବୁଝିପାରୁଛୁ। କେନ୍ଦ୍ର ସରକାର ଏକ ଧର୍ମସଙ୍କଟରେ ପଡିଛନ୍ତି। କେନ୍ଦ୍ର ସରକାର ସଂଗ୍ରହ କରୁଥିବା ଟିକସର ୪୧% ଅଂଶ ରାଜ୍ୟଗୁଡ଼ିକୁ ଦିଆଯାଉଛି। ଏ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ହୋଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେହିଭଳି ପେଟ୍ରୋଲ ଡିଜେଲକୁ ସାମଗ୍ରୀ ଓ ସେବା ଟିକସ ପରିସରକୁ ଆଣିବା ଲାଗି ଜିଏସ୍ଟି ପରିଷଦରେ ଏ ନେଇ ଆଲୋଚନା କରିବା ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ମାସରେ ଜିଏସ୍ଟି ପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରସଙ୍ଗକୁ କେନ୍ଦ୍ର ବୈଠକରେ ଉଠାଇବ ବୋଲି କୁହାଯାଉଛି।

### ପେଟ୍ରୋଲ ଉପରେ ୬୦% ଟିକସ

ପେଟ୍ରୋଲର ଲିଟର ପିଛା ରିଟେଲ ମୂଲ୍ୟରେ ପ୍ରାୟ ୬୦% ଟିକସ ଲାଗୁ ହେଉଛି। ଫଳରେ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକରେ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଛୁଇଁଛି। ଏହା ଦର ବୃଦ୍ଧିରେ ସର୍ବକାଳୀନ ରେକର୍ଡ ସ୍ତର। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ବର୍ଦ୍ଧିତ ଟିକସ ଯୋଗୁ ତେଲ ଦର ଆକାଶ ଛୁଆଁ ହୋଇଛି। ସେହିଭଳି ଡିଜେଲର ରିଟେଲ ମୂଲ୍ୟ ଉପରେ ପ୍ରାୟ ୫୬% ଟିକସ ଲୋକମାନେ ଦେଉଛନ୍ତି।

**'କେନ୍ଦ୍ର ଓ ରାଜ୍ୟ ମିଳିତ ହୋଇ କାର୍ଯ୍ୟପନ୍ଥା ବାହାର କରିବା ଆବଶ୍ୟକ'**



### ଆଗ ଟିକସ ବଢ଼ାଇଥିଲା କେନ୍ଦ୍ର

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୨ ଦଶନ୍ଧିର ସର୍ବନିମ୍ନ ସ୍ତରକୁ ଖସିଯାଇଥିଲା। ସମୟର ଫାଇଦା ନେଇ କେନ୍ଦ୍ର ସରକାର ପେଟ୍ରୋଲ ଡିଜେଲ ଉପରେ ରେକର୍ଡ ସ୍ତରରେ ଉତ୍ପାଦ ଟିକସ ବଢ଼ାଇଥିଲେ। ଖାଉଟିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ପ୍ରଥମେ ଟିକସ ହ୍ରାସ କରିବାର ଆବଶ୍ୟକତା ରହିଥିଲେ ମଧ୍ୟ ସରକାର ଏ ନେଇ କର୍ଣ୍ଣପାତ କରୁନାହାନ୍ତି।

### ଜିଏସ୍ଟି ଲାଗିଲେ ପେଟ୍ରୋଲ ୭୫ ଟଙ୍କା

୨୦୨୦ ମାର୍ଚ୍ଚରୁ ମେ ମାସ ମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ୧୩ ଏବଂ ୧୬ ଟଙ୍କାର ଉତ୍ପାଦ ଟିକସ ବଢାଇଥିଲେ। ସୂଚନାଯୋଗ୍ୟ, ପେଟ୍ରୋଲ ଡିଜେଲ ଜିଏସ୍ଟି ପରିସରକୁ ଆସିଲେ ପେଟ୍ରୋଲ ୭୫ ଟଙ୍କାକୁ ଖସିବ ବୋଲି ଏସ୍ବିଆଇର ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେହିଭଳି ଡିଜେଲ ୬୮ ଟଙ୍କାକୁ ଖସିଯିବ।

# ଭାରତର ନିବେଦନକୁ ଓପେକର ଅଗ୍ରାହ୍ୟ

**ନୂଆଦିଲ୍ଲୀ, ୫।୩ :** ତେଲ ଦର ବର୍ତ୍ତମାନ ଆକାଶଛୁଆଁ ହେବା ଯୋଗୁ ଖାଉଟିଙ୍କ ଉପରେ ଏହା ବୋଝ ହୋଇଛି। ତେଲ ରପ୍ତାନି କରୁଥିବା ଦେଶ ସମୂହ ଓପେକ ଅଶୋଧିତ ତେଲ ଉତ୍ପାଦନ ଉପରେ ନିୟନ୍ତ୍ରଣ ଜାରି କରିବାରୁ ଅନ୍ତର୍ଜାତୀୟ ବଜାରରେ ଏହାର ଦର ହ୍ରାସ ହେଉନାହିଁ। ଫଳରେ ଅଶୋଧିତ ତେଲ ଦର ବଢ଼ିଲେ ଏହା ସିଧାସଳଖ ଖାଉଟିଙ୍କ ଉପରେ ପ୍ରଭାବ ପକାଉଛି। ତେଲ ଉତ୍ପାଦନକୁ ନିୟନ୍ତ୍ରଣ ନ କରି ଉତ୍ପାଦନ ବଢ଼ାଇବା ଲାଗି ଭାରତ ସରକାର ଓପେକ ଦେଶ ସମୂହଙ୍କୁ ନିବେଦନ କରିଥିଲେ। ଭାରତର ଏହି ନିବେଦନକୁ ଓପେକ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି। ଗତ ବର୍ଷ କିଣା ହୋଇଥିବା ପୁରୁଣା ତେଲ ଭାରତ ବ୍ୟବହାର କରୁ ବୋଲି ସାଉଦି ଆରବ ନୂଆଦିଲ୍ଲୀକୁ କହିଛି। ଶୁକ୍ରବାର ବ୍ରେଣ୍ଟ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧ ଡଲାର ବଢ଼ି ୬୭.୪୪ ଡଲାର ଛୁଇଁଛି। ଏପ୍ରିଲ ମାସ ଲାଗି ତେଲ ଯୋଗାଣ ବଢ଼ାଇବାକୁ ଓପେକ ଏବଂ ଓପେକ ପ୍ଲସ୍ ଦେଶ ମନା କରିଦେଇଛନ୍ତି। ଗୁରୁବାର ଅନୁଷ୍ଠିତ ଓପେକ ଦେଶ ସମୂହଙ୍କ ବୈଠକରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତେଲ ଉତ୍ପାଦନକାରୀ ଦେଶଗୁଡ଼ିକୁ ଉତ୍ପାଦନ ବଢ଼ାଇବା ଲାଗି ଅନୁରୋଧ କରିଥିଲେ। ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢୁଥିବାରୁ ଏହା ଦେଶର ଅର୍ଥ ବ୍ୟବସ୍ଥା ଏବଂ ଚାହିଦାକୁ ଟ୍ରାକ୍କୁ ଫେରାଇ ଆଣିବା ଦିଗରେ ବାଧା ଉପୁଜାଉଥିବା ସେ କହିଥିଲେ। ଭାରତର ନିବେଦନ ଉପରେ ପ୍ରତିକ୍ରିୟା ଦେଇ ସାଉଦି ଆରବର ଶକ୍ତିମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜ୍ ବିନ୍ ସଲମାନ ଏକ ଖବରଦାତା କାର୍ଯ୍ୟକ୍ରମରେ କହିଛନ୍ତି, ଭାରତ ଗତବର୍ଷ କ୍ରୟ କରିଥିବା ଏବଂ ଗଚ୍ଛିତ କରି ରଖିଥିବା ତେଲକୁ ବ୍ୟବହାର କରୁ। ଏହାକୁ ବହୁ ଶସ୍ତାରେ ଭାରତ କିଣିଛି। ସୂଚନାଯୋଗ୍ୟ, ୨୦୨୦ ଏପ୍ରିଲରୁ ମେ ମାସ ମଧ୍ୟରେ ଭାରତ ୧୬.୭୧ ନିୟୁତ ବ୍ୟାରେଲ ଅଶୋଧିତ ତେଲ କିଣିଛି। ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଏବଂ କର୍ଣ୍ଣାଟକର ମାଙ୍ଗାଲୋର ଓ ପାଦୁରରେ ଥିବା ଷ୍ଟ୍ରାଟେଜିକ ରିଜର୍ଭରେ ଏହି ଅଶୋଧିତ ତେଲ ଗଚ୍ଛିତ କରି ରଖାଯାଇଛି। ଏହି ସମୟରେ ବ୍ୟାରେଲ ପିଛା ହାରାହାରି ୧୯ ଡଲାରରେ ଅଶୋଧିତ ତେଲ କିଣାଯାଇଥିବା ପେଟ୍ରୋଲିୟମ ମନ୍ତ୍ରୀ ପ୍ରଧାନ ରାଜ୍ୟ ସଭାରେ କହିଥିଲେ। ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ଐତିହାସିକ ରେକର୍ଡ ସ୍ତରରେ ରହିଛି। ଅନ୍ତର୍ଜାତୀୟ ବଜାରରେ ଯେତେବେଳେ ଅଶୋଧିତ ତେଲ ଦର ବଢ଼ୁଥିଲା ତେଲ ବିପଣନ କମ୍ପାନୀଗୁଡ଼ିକ ନିଜ ଉପରୁ ଚାପ କମାଇବା ପାଇଁ ଖାଉଟିଙ୍କ ଦର ବୃଦ୍ଧିକୁ ଠେଲିଦେଉଛନ୍ତି।

## କର୍ମଚାରୀଙ୍କୁ ମାଗଣାରେ ଭାକ୍ସିନ ଦେବ ରିଲାଏନ୍ସ

**ନୂଆଦିଲ୍ଲୀ,୫।୩ :** ବିଲିୟନେୟାର ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏହାର କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କୁ ମାଗଣାରେ କରୋନା ଭାକ୍ସିନ ପ୍ରଦାନ କରିବ। ଏହି ନିଷ୍ପତ୍ତି ଦ୍ୱାରା କମ୍ପାନୀ ଟିସିଏସ୍, ଇନ୍ଫୋସିସ ଏବଂ ଆକ୍ସେନଚର ଏବଂ ଏସ୍ବିଆଇ ଭଳି ସଂସ୍ଥାଙ୍କ ତାଲିକାରେ ଯୋଡ଼ି ହୋଇଛି। ଏହିସବୁ ସଂସ୍ଥା ସେମାନଙ୍କ କର୍ମଚାରୀ ଏବଂ ତାଙ୍କ ଉପରେ ନିର୍ଭର କରୁଥିବା ପରିବାର ସଦସ୍ୟଙ୍କୁ ମାଗଣାରେ ଟିକା ଦେବେ ବୋଲି ଘୋଷଣା କରିଛନ୍ତି। ପ୍ରତିଶ୍ରୁତି ମୁତାବକ, କର୍ମଚାରୀ, ତାଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ, କର୍ମଚାରୀଙ୍କ ମାତାପିତା ଏବଂ ଭାକ୍ସିନ ନେବା ଯୋଗ୍ୟ ଶିଶୁଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ରିଲାଏନ୍ସ ଫାଉଣ୍ଡେଶନର ଅଧକ୍ଷା ନୀତା ଅମ୍ବାନୀ କହିଛନ୍ତି।

## ମାନୁଫାକ୍ଚରିଂରେ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ମୋଦିଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୫।୩ :** ମାନୁଫାକ୍ଚରିଂରେ ଭାରତକୁ ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱୀ କରାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଜଣାଇଛନ୍ତି। ଏଥିଲାଗି କଠିନ ପରିଶ୍ରମର ଆବଶ୍ୟକତା ରହିଛି। ସରକାର ବର୍ତ୍ତମାନ ମିନିମମ୍ ଗଭର୍ନମେଣ୍ଟ ମାକ୍ସିମମ୍ ଗଭର୍ନାନ୍ସ ଉପରେ ଗୁରୁତ୍ୱ ଦେଉଥିବା ସେ ମତ ପ୍ରକାଶ କରିଛନ୍ତି। ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନା ଉପରେ ଏକ ୱେବିନାରକୁ ସମ୍ବୋଧିତକରି ମୋଦି କହିଛନ୍ତି, ଗତ ୬ରୁ ୭ ବର୍ଷ ମଧ୍ୟରେ ସରକାର ମେକ୍ ଇନ ଇଣ୍ଡିଆକୁ ଉତ୍ସାହିତ କରୁଛନ୍ତି। ଅର୍ଥ ବ୍ୟବସ୍ଥାର ପ୍ରତିଟି ଦିଗକୁ ମାନୁଫାକ୍ଚରିଂ ପରିବର୍ତ୍ତନ କରିପାରିବ। ସେହିଭଳି ଦେଶରେ ଏକ ଇକୋସିଷ୍ଟମ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ।


## OFFICE OF THE EXECUTIVE ENGINEER
### U.K.Head Works Division, Kolabnagar(K), PIN - 764011
e-mailid-eeukhwdivkolab@gmail.com

### QUOTATION CALL NOTICE NO.14 /2020-21 DATED.25.02.2021

No. A-651: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers/ Authorized dealers / Regd. Govt. Order Suppliers/ Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape with FOR at Kolabnagar (Dam site) Pin 764011 inclusive of all taxes thereon as applicable.

| Name of Work | Item No. | Description of Items | Unit | Quantity |
|---|---|---|---|---|
| Procurement of Water Treatment Materials for Water Supply to Kolabnagar, Thancolony & Dam site for the year 2018-19 | 1 | Ferric Alum (Royal India) (Anmol) or Equivalent | MT | 8.63 |
| | 2 | Bleaching Powder (Rakshak) or equivalent | MT | 1.54 |
| | 3 | Qucik lime in Powder form confirming to IS-15 40/ Part-1/1980 | MT | 2.88 |
| | | (Three Items) Only | | |

The quotation will be received in the office of the Executive Engineer, U.K.Head.Works Division, Kolabnagar Dist. Koraput 764011(O) up to 4.00 PM on 15.03.2021 and will be opened by the undersigned or authorized representative on the same day at 4.30 PM. in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD @1% in shape of TDR/STDR duly pledged in favour of the E.E.UKHW Division, At/PO: Kolabnagar Dist. Koraput (O) should accompany the quotation failing which the quotation will not be accepted and bidders hailing from outside the state should submit E.M.D. @ 2% of the quoted amount. The quoted rates must be valid for a period of 90 (Ninety) days from the date of receipt of quotations unless extended by mutual agreement. Supply must be completed within 15 ( Fifteen) days from the date of issue of supply order. Rate quoted shall be for supply of the articles at U.K.H.W.Division, Kolabnagar, Dist.- Koraput, Odisha-764011, inclusive of cost but exclusive of transportation,GSTIN (18%) & labourcess etc applicable as per the Govt rules. The materials should be according to I.S.I. specification. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules &regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours. The authority reserves the right to accept / reject any or all the quotations without assigning any reason thereof.

**Sd./- Executive Engineer, U.K Head Works Division**
**OIPR-32015/11/0015/2021**



GOVERNMENT OF ODISHA No. A-648

## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER
## UPPER KOLAB HEAD WORKS DIVISION
At/P.O.: Kolabnagar, Dist.: Koraput

### e-Procurement Notice - EE-UKHWD-06/2020-21
### Dated: 25.02.2021 (Online)

1. No. of Work : 07 (Seven) Nos.
2. Type of Work : Civil Works
3. Value of Work : Varies from 3.94 lakh to 22.10 lakh
4. Class of Contractor : Registered & licensed contractors
5. Period of Completion : Two Months
6. Date & time of availability of bid documents online : 09.03.2021 at 10.00 hours to 19.03.2021 upto 17.00 hrs.
7. Date & place of opening of Bid Online : 20.03.2021 (11.30 hrs.) at Office of the Executive Engineer, UKHWD, Kolab Nagar
8. Name of the Officer Inviting Bids : Executive Engineer, UKHWD, Kolab Nagar

Further details can be seen in the Govt. of Odisha e-Procurement Website: **http://www.tendersodisha.gov.in**.

**Sd./- Executive Engineer**
**Upper Kolab Head works Division, Kolabnagar**
**OIPR-32015/11/0016/2021**



## ODISHA PUBLIC SERVICE COMMISSION
## CUTTACK
## NOTICE

**No. 1674/P.S.C., Dt. 04.03.2021**
**1E-04-2020/21 (DR-III)**

**No. D-187:-** On the basis of the candidates bearing the following Roll Nos. for the **Verification of original certificates/documents** to be conducted as per programme indicated below for recruitment to the post of **Assistant Director of Textiles** in Class-II (Group-B) of Odisha Textiles and Sericulture Service (Textile Cadre) under the Handlooms, Textiles and Handicrafts Department, pursuant to Advt. No. 14 of 2019-20.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Sl. No. | Date of verification | Time of verification | Roll numbers of candidates | Team to verify |
|---|---|---|---|---|
| 1. | 18.03.2021 | 10.30 A.M. | 101, 102, 103, 104, 105, 106, 107, 108, 109, 110, 111, 112, 113, 114 & 115 = **15 candidates.** | Team-I |
| | | | 116, 117, 118, 119, 120, 121, 122, 123, 124, 125, 126, 127, 128, 129 & 130 = **15 candidates.** | Team-II |
| | | 2.30 P.M. | 131, 132, 133, 134, 135, 136, 137, 138, 139 & 140 = **10 candidates.** | Team-I |
| | | | 141, 142, 143, 144, 145, 146, 147, 148, 149, & 150 = **10 candidates.** | Team-II |
| 2. | 19.03.2021 | 10.30 A.M. | 151, 152, 153, 154, 155, 156, 157, 158, 159, 160, 161, 162, 163, 164 & 165 = **15 candidates.** | Team-I |
| | | | 166, 167, 168, 169, 170, 171, 172, 173, 174, 175, 176, 177, 178, 179 & 180 = **15 candidates.** | Team-II |
| | | 2.30 A.M. | 181, 182, 183, 184, 185, 186, 187, 188, 189 & 190 = **10 candidates.** | Team-I |
| | | | 191, 192, 193, 194, 195, 196, 197, 198, 199 & 200 = **10 candidates.** | Team-II |
| 3. | 22.03.2021 | 10.30 A.M. | 201, 202, 203, 204, 205, 206, 207, 208, 209, 210, 211, 212, 213, 214 & 215 = **15 candidates.** | Team-I |
| | | | 216, 217, 218, 219, 220, 221, 222, 223, 224, 225, 226, 227, 228, 229 & 230 = **15 candidates.** | Team-II |
| | | 2.30 A.M. | 231, 232, 233, 234, 235, 236, 237, 238, 239 & 240 = **10 candidates.** | Team-I |
| | | | 241, 242, 243, 244, 245, 246, 247, 248, 249 & 250 = **10 candidates.** | Team-II |
| 4. | 23.03.2021 | 10.30 A.M. | 251, 252, 253, 254, 255, 256, 257, 258, 259, 260, 261, 262, 263, 264, 265 & 266 = **16 candidates.** | Team-I |

The Intimation letters of the concerned candidates will be availabe in the Website of the Commission (http://opsconline.gov.in) from **15.03.2021** onwards. Candidates are required to download their **"Intimation Letter"**, **"Attestation Form"** and **"Bio-data Form"** from the website of the Commission.

The candidates are also required to come with hard copies of online application form (indicating their Roll Nos. at the top right corner), three passport size copies of photographs, self-attested copies of all relevant certificates, documents etc. as mentioned under **Para-10** of the Long Advertisement No.14 of 2019-20. It is made clear that candidature of these candidates for this recruitment is purely provisional and subject to fulfilment of terms and conditions as laid down in the advertisement. The candidates is liable for rejection in the event of inadequacy/ deficiency if found at any stage before or after the certificate verification.

OIPR-12002/11/0084/2021 **Sd./- Secretary**



## ODISHA CONSTRUCTION CORPORATION LIMITED
**No.CAD-1461** (A Govt. of Odisha Undertaking)
Unit - VIII, Bhubaneswar
e-mail: theoccltd@odishaconstruction.com, GSTIN: 21AAACO2571K2ZM

### e-Procurement Notice No. 38/OCCL/2020-21 (Online)

Type of Work : Canal Lining with Cementious Composite Geo Mattress
Total No. of Works : 01 (One) No.
Period of Completion : 11 Calendar Months

| Procurement Officer | Bid Identification No. | Amount put to Tender (Approx.) (Rs. in lakhs) | Bid Security (in Rs.) | Availability of Tender (Online) | Submission of Tender (Online) |
|---|---|---|---|---|---|
| Managing Director, OCC Ltd., Bhubaneswar | OCCL- DGP/ 06/2020-21 | 3980.13 lakhs | 39,81,000.00 | 09.03.2021, 10.00 A.M. to 23.03.2021, 5.30 P.M. | 09.03.2021, 10.00 A.M. to 23.03.2021, 5.30 P.M. |

Date of opening of the Technical Bid: 24.03.2021, 12.00 Noon
Further detail can be seen from the Govt. website: **(www.tendersodisha.gov.in).**

**Sd./- Managing Director**
**OIPR-34120/11/0012/2021**



## ODISHA HYDRO POWER CORPORATION LTD
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
### OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-100 (Vol.-IV)/775** **Date: 03.03.2021**

**'e'-Procurement Notice**

CAD-1451 **TENDER CALL NOTICE NO.-CHEP-40/2020-21**

**Unit Head, CHEP, Chiplima invites percentage rate tenders in two parts** for the civil worksmentioned below, from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt / MES / Railway for execution of civil works.

| Name of the Work | Estimated cost / E.M.D. in Rs. | Cost of tender specification | Period of Contract |
|---|---|---|---|
| Annual Up-keeping & Cleaning of Chiplima Power House and connected area under CHEP, Chiplima | Rs.9,13,363/- EMD = Rs.9,150/- | Rs.4,720.00 (Rs.4,000.00 + GST@18%) | 1 Year |

1. Availability of bids **ONLINE**: **from 11:00 AM of dtd.10.03.2021 up to 05:30 PM of dtd.22.03.2021.**
2. The date & time of opening of tender **At 11:30 AM of dtd.23.03.2021.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. **Sd/- Unit Head, CHEP, Chiplima**
OIPR-04006/11/0034/2021



## OFFICE OF THE DIVISIONAL FOREST OFFICER, NAYAGARH DIVISION
At./ P.O/ P.S/Dist.-Nayagarh-752069.Phone-06753-252226,
E-mail id- dfonayagarh2016@gmail.com/dfo_nayagarh@rediffmail.com.
**No. / 2F- 172/2021, Dated. Nayagarh the th Mar., 2021.**

### QUOTATION CALL NOTICE

**No. MM-179:-** In continuation to this office letter No.860 dt.25.01.2021, Quotations are invited from intending Suppliers / Manufactures / Firms to offer their rates for supply of the following Articles for Foresters and Forest Guards during the year 2020-21 within 9th March 2021. The lowest quoted rate with desired quality offered by the firms will be accepted.

The interested firms may contact the undersigned to get any other information relating to the matter during the office hour.

| Sl. No. | Name of the Article | Unit |
|---|---|---|
| 1. | Khaki Teri cotton cloth | Mtr. |
| 2. | Rain Coat | Each |
| 3. | Ground Sheet | Each |
| 4. | Sweeter | Each |
| 5. | Woollen Long Coat | Each |
| 6. | Odisha Forest Arm Batch | Each |
| 7. | Officer Stick | Each |
| 8. | Forester & Forest Guard Shoe (Hunter) | Each |
| 9. | Barrette Cap (Blue & Green) | Each |
| 10. | O.F, F.D Cap Batch | Each |
| 11. | Khaki whistle cord | Each |
| 12. | Water Bottle | Each |
| 13. | Bed Holder | Each |
| 14. | Name Plate | Each |
| 15. | Nylon Shocks | Each |
| 16. | Forest Guard Shoulder Badge | Each |
| 17. | Forester whistle cord with whistle | Each |
| 18. | Forest Guard whistle cord with whistle | Each |
| 19. | Web Belt with F.D and O.F Belt Plate | Each |
| 20. | Web Belt without plate | Each |
| 21. | Helmet | Each |
| 22. | Long Lathi | Each |
| 23. | Pea cap Forester | Each |
| 24. | Kit Bag | Each |

OIPR-08026/11/0008/2021 **Divisional Forest Officer, Nayagarh Division**



## ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀ, ସୋନପୁର (ରାସ୍ତା ଓ ଗୃହ) ବିଭାଜନ
### ଅଧିସୂଚନା

ସଂଖ୍ୟା: ୪୦୫୫ ତାରିଖ: ୦୮।୧୨।୨୦

No. XXXIV-06: ଏତଦ୍ଦ୍ୱାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଡୁଙ୍ଗୁରିପାଲି ବାଇପାସ ରାସ୍ତା (ଏମ୍.ଡି.ଆର୍. – ୩୯ରୁ ଡୁଙ୍ଗୁରିପାଲି କଲେଜ ରାସ୍ତା ପର୍ଯ୍ୟନ୍ତ ଭାୟା ୨୬ ନଂ. ଜାତୀୟ ରାଜପଥ)ରେ ୦/୦ କି.ମି.ରୁ ୧/୩୭୩ କି.ମି. ମଧ୍ୟରେ ରାସ୍ତା ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା କୁଡ଼ାରିକଟା, ଡୁଙ୍ଗୁରିପାଲି ଓ ଖୁଣ୍ଟପାଲି, ଥାନା: ଡୁଙ୍ଗୁରିପାଲି, ତହସିଲ: ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର ତୁରନ୍ତ ଭୂମି ଅଧିଗ୍ରହଣ କରିବା ପାଇଁ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ଏବଂ ସ୍ୱଚ୍ଛତା ଭୂ-ଅର୍ଜନ ଥଇଥାନ ଓ ପୁନର୍ବସତି ଅଧିନିୟମ, ୨୦୧୩ ଅନୁଯାୟୀ ସିଧାସଳଖ ଜମି କ୍ରୟ କରାଯିବ। ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନ ପ୍ରଦତ୍ତ କୌଣସି ଜମି ସମ୍ବନ୍ଧେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଭିଯୋଗ ରହିଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେ ପ୍ରକାରର ଜମି ଉପରେ ରହିଥିବା ଲୋକଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧. ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ) ବିଭାଜନ ସୋନପୁର

ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀ, ସୋନପୁର (ରାସ୍ତା ଓ ଗୃହ) ବିଭାଜନ
ଭୂମି ଅଧିସୂଚନା
ରାଜସ୍ୱ ସର୍କଲ – ଡୁଙ୍ଗୁରିପାଲି, ତହସିଲ – ରାମପୁର, ଥାନା – ଡୁଙ୍ଗୁରିପାଲି, ଜିଲ୍ଲା – ସୁବର୍ଣ୍ଣପୁର

| ରୟତିଙ୍କ ନାମ ଓ ଠିକଣା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଚିହ୍ନିତ ପରିମାଣ | ମନ୍ତବ୍ୟ |
|---|---|---|---|---|---|---|---|
| ବିହାରୀ ରୋହିଦାସ, ରାମଚନ୍ଦ୍ର ରୋହିଦାସ, ଈଶ୍ୱର ରୋହିଦାସ, ପି.– ଚିନ୍ତାମଣି ରୋହିଦାସ, ଜା: ଚମାର, ବା: ଖୁଣ୍ଟପାଲି | କୁଡ଼ାରିକଟା | ୨୦୭/ ୧୩୩ | ୧୬୦/ ୧୦୬୩ | ନୟନଯୋରୀ | ୦.୦୪୫ | ୦.୦୨୦ | |
| ଗଙ୍ଗାଧର କୁଆଡ଼ି, ପି.– ରବିରାମ କୁଆଡ଼ି, ଜା: ଗଉଡ଼, ବା:ନିଜଗାଁ | କୁଡ଼ାରିକଟା | ୪୪ | ୧୬୦ | ନୟନଯୋରୀ | ୦.୦୩୫ | ୦.୦୧୩ | |
| ରମେଶ କୁମାର ଭୋଇ, ଉମେଶ କୁମାର ଭୋଇ, ମହେଶ କୁମାର ଭୋଇ, ପି.– ଶଙ୍କର୍ଷନ ଭୋଇ, ଜା: ଗଉଡ଼, ବା: କୁଡ଼ାରିକଟା | କୁଡ଼ାରିକଟା | ୨୦୭/ ୧୩୪ | ୧୫୯ | ନୟନଯୋରୀ | ୦.୦୩୦ | ୦.୦୧୬ | |
| ରେବତୀରମଣ ମିଶ୍ର, ପି.– ଲଳିତ ମୋହନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | ଡୁଙ୍ଗୁରିପାଲି | ୩୪୬/ ୪୭୧ | ୩୦୮/ ୨୦୬୨ | – | ଏ୦.୦୫୦ଡି | ଏ୦.୦୦୪ଡି | |
| ଦେବାନନ୍ଦ ବିଶ୍ୱାଳ, ପି.– ଅକ୍ରୁର ବିଶ୍ୱାଳ, ଜା: କୁଲତା, ବା: ନିଜଗାଁ | ଡୁଙ୍ଗୁରିପାଲି | ୧୬୧ | ୩୧୮ | କେନାଲଆଡି | ଏ୦.୩୩୦ଡି | ଏ୦.୩୩୦ଡି | |
| ଦେବାନନ୍ଦ ବିଶ୍ୱାଳ, ପି.– ଅକ୍ରୁର ବିଶ୍ୱାଳ, ଜା: କୁଲତା, ବା: ନିଜଗାଁ | ଡୁଙ୍ଗୁରିପାଲି | ୧୬୧ | ୩୨୨ | ନୟନଯୋରୀ | ଏ୦.୧୩ଡି | ଏ୦.୧୩ଡି | |
| ରଜନୀ ପଧାନ, ପିତା: ଧୋବା ପଧାନ, ଜା: କୁଲତା | ଡୁଙ୍ଗୁରିପାଲି | ୩୪୬/ ୬୨ | ୩୦୮/ ୧୭୧୨ | – | ଏ୦.୨୫୫ଡି | ଏ୦.୦୦୮ଡି | ରେଜିଷ୍ଟ୍ରେସନ ନମ୍ବର – ୩୪୭– ୧୯।୦୩।୨୦୦୨, କ୍ରେତା: ଆର୍ତ୍ତତ୍ରାଣ ସାହୁ, ପି.– ବନ୍ତ ସାହୁ, ଜା: ଚଷା, ଥାନା: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର ଚକ ନଂ. ୮୬/୩୭୧ |
| ସାବିତ୍ରୀ ଭୋଇ, ସଂଖାଳି ଭୋଇ, ବିଳାସ ପଧାନ, ମହାରାଜା ନାୟକ, ଶୋଭା ସାହୁ, ପି.– ସଂଖାଳି ଖମାରୀ, ଗୁରୁବାରୀ ଖମାରୀ, ସ୍ୱା.– ସଂଖାଳି, ଭିକ ଖମାରୀ, ଖଡ଼ିଆ ଖମାରୀ, ଜା: କୁଲତା, ବା: ନିଜଗାଁ | ଡୁଙ୍ଗୁରିପାଲି | ୩୧୬ | ୩୦୮ | – | ଏ୦.୨୨୫ଡି | ଏ୦.୦୧୨ଡି | ରେଜିଷ୍ଟ୍ରେସନ ନମ୍ବର – ୪୯୮ – ୧୦।୦୬।୨୦୦୩, କ୍ରେତା: ମାଧବା ନନ୍ଦ ସ୍ୱାଇଁ, ପି.– କରୁଣାକର ସ୍ୱାଇଁ, ଜା: ଖୁଣ୍ଟପାଲି, ଚକ ନଂ. ୮୬ |
| ଯୁଧିଷ୍ଠିର ମହନ୍ତମ୍, ଗୌରୀଶଙ୍କର ମହନ୍ତମ୍, ପି.– ଭୋଳା ମହନ୍ତମ୍, ହେମସାଗର ମହନ୍ତମ୍, ହୃଷୀକେଶ ମହନ୍ତମ୍, ପି.– ଚମାର ମହନ୍ତମ୍, ଜା: ଗଉଡ଼, ସାଧପାଲି | ଖୁଣ୍ଟପାଲି | ୧୦୯ | ୧୫୮୨ | – | ଏ୦.୧୦୦ଡି | ଏ୦.୦୦୮ଡି | ରେଜିଷ୍ଟ୍ରେସନ ନମ୍ବର – ୩୬୨ – ୧୬।୦୪।୧୯୯୬, କ୍ରେତା: ଗୁଣନିଧି ସାହୁ, ଜା: ଗୁଡ଼ିଆ, ବା: ଖୁଣ୍ଟପାଲି, ଚକ ନଂ. ୪୪୦ |
| ଯୁଧିଷ୍ଠିର ମହନ୍ତମ୍, ଗୌରୀଶଙ୍କର ମହନ୍ତମ୍, ପି.– ଭୋଳା ମହନ୍ତମ୍, ହେମସାଗର ମହନ୍ତମ୍, ହୃଷୀକେଶ ମହନ୍ତମ୍, ପି.– ଚମାର ମହନ୍ତମ୍, ଜା: ଗଉଡ଼, ସାଧପାଲି | ଖୁଣ୍ଟପାଲି | ୧୦୯ | ୧୫୯୦ | – | ଏ୦.୮୩୦ଡି | ଏ୦.୦୦୫ଡି | ରେଜିଷ୍ଟ୍ରେସନ ନମ୍ବର – ୩୯୧ – ୨୭।୦୨।୨୦୦୪, କ୍ରେତା: କୁଲ ଫିକର ଅଲ୍ଲୀ ଖାନ, ପି.– ମୁଶେଦ ଅଲ୍ଲୀ ଖାନ, ବା: ଡୁଙ୍ଗୁରିପାଲି ଚକ ନଂ. ୪୪୦ |
| ଯୁଧିଷ୍ଠିର ମହନ୍ତମ୍, ଗୌରୀଶଙ୍କର ମହନ୍ତମ୍, ପି.– ହେମସାଗର ମହନ୍ତମ୍, ହୃଷିକେଶ ମହନ୍ତମ୍, ପି.– ଚମାର ମହନ୍ତମ୍, ଜା: ଗଉଡ଼, ସାଧପାଲି | ଖୁଣ୍ଟପାଲି | ୧୦୯ | ୧୫୬୪ | କେନାଲ ଆଡି | ଏ୦.୦୮୦ଡି | ଏ୦.୦୮୦ଡି | |
| ଯୁଧିଷ୍ଠିର ମହନ୍ତମ୍, ଗୌରୀଶଙ୍କର ମହନ୍ତମ୍, ପି.– ଭୋଳା ମହନ୍ତମ୍, ହେମସାଗର ମହନ୍ତମ୍, ହୃଷୀକେଶ ମହନ୍ତମ୍, ପି.– ଚମାର ମହନ୍ତମ୍, ଜା: ଗଉଡ଼, ସାଧପାଲି | ଖୁଣ୍ଟପାଲି | ୧୦୯ | ୧୫୬୭ | – | ଏ୦.୧୩୦ଡି | ଏ୦.୦୦୭ଡି | ରେଜିଷ୍ଟ୍ରେସନ ନମ୍ବର – ୪୦୧୪ – ୨୪।୦୭।୧୯୭୫, କ୍ରେତା: ଚୁଡିଭି ରାକ୍ସୁ, ପି.– ଭେଙ୍କାମୋ, ଜା: ଚୌଧୁରୀ, ବା: ଖୁଣ୍ଟପାଲି, ଚକ: ୪୪୦ |
| ଜୀତ ପଧାନ, ବୁଢ଼ା ପଧାନ, ରଜନୀ ପଧାନ, ହୃଷୀକେଶ ପଧାନ, ପିତା: ଧୋବା ପଧାନ, ଜା: କୁଲତା | ଖୁଣ୍ଟପାଲି | ୧୦୪ | ୧୬୪୧ | – | ଏ୦.୬୨୦ଡି | ଏ୦.୦୧୫ଡି | |
| ଜୀତ ପଧାନ, ବୁଢ଼ା ପଧାନ, ରଜନୀ ପଧାନ, ହୃଷୀକେଶ ପଧାନ, ପିତା: ଧୋବା ପଧାନ, ଜା: କୁଲତା | ଖୁଣ୍ଟପାଲି | ୧୦୪ | ୧୫୬୫ | କେନାଲ ଆଡି | ଏ୦.୧୧୦ଡି | ଏ୦.୧୧୦ଡି | |
| ରୁକ୍ମଣୀ ଦଣ୍ଡସେନା, ପି.– ଗଣେଶ ଦଣ୍ଡସେନା, ଜା: କଲରା | ଖୁଣ୍ଟପାଲି | ୩୨୪/ ୨୪୭ | ୧୨୭୦ | ଘରବାରି | ଏ୦.୧୭୦ଡି | ଏ୦.୧୭୦ଡି | |

ସ୍ୱା./– ନିର୍ବାହୀ ଯନ୍ତ୍ରୀ, ସୋନପୁର (ରାସ୍ତା ଓ ଗୃହ) ବିଭାଜନ, ସୁବର୍ଣ୍ଣପୁର
OIPR-34081/14/0011/2021



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
(ଭୂ–ଅର୍ଜନ ଉପ ବିଭାଗ)
### ଘୋଷଣା

ବିଜ୍ଞପ୍ତି ସଂଖ୍ୟା: ୧୫୨ ତାରିଖ: ୧୯।୦୨।୨୦୨୧, ଜିଲ୍ଲା: ସୁନ୍ଦରଗଡ଼

No. VII-44: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଘୋଡ଼ାବୁଡ଼ାଣୀ, ଥାନା: କୋଇଡ଼ା, ତହସିଲ: କୋଇଡ଼ା, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ପ୍ରସ୍ତାବିତ ଏସାର ଷ୍ଟିଲ ଇଣ୍ଡିଆ ଲିମିଟେଡ୍ର ଲୁହା ପଥର ଉତ୍ତୋଳନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୨୬ ତା୨୦।୦୨।୨୦୨୦ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଘୋଡ଼ାବୁଡ଼ାଣୀ, ଥାନା: କୋଇଡ଼ା, ତହସିଲ: କୋଇଡ଼ା, ଜିଲ୍ଲା: ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.sundargarh.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ସୁନ୍ଦରଗଡ଼, ତହସିଲ: କୋଇଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଘୋଡ଼ାବୁଡ଼ାଣୀ | ଗ୍ରାମାଞ୍ଚଳ | ୦୨ | ୦୩ | ଗୋଡ଼ା – ୧ | ୨.୩୨ | ୦.୦୪ | କାହ୍ନୁ ମୁଣ୍ଡା, ବାଟୁ ମୁଣ୍ଡା, ଦୁହୁରୁ ମୁଣ୍ଡା, ପିତା: ଦାମ ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ |
| | | ୦୪ | ୧୦୪ | ଗୋଡ଼ା – ୧ | ୩.୯୫ | ୨.୩୧ | ଦଶରା ମୁଣ୍ଡା, ପି.– ମାଛୁ ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| | | | ୭୬ | ମାଳ ସାଧାରଣ | ୧.୪୩ | ୦.୦୪୭ | |
| | | | ୭୨ | ମାଳ ସାଧାରଣ | ୨.୨୮ | ୧.୮୧ | |
| | | | ୭୧ | ମାଳ ସାଧାରଣ | ୦.୯୯ | ୦.୯୯ | |
| | | | ୭୦ | ମାଳ ସାଧାରଣ | ୦.୬୦ | ୦.୬୦ | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ସୁନ୍ଦରଗଡ଼, ତହସିଲ: କୋଇଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୨୦।୦୨।୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ନିଖିଲ୍ ପବନ୍ କଲ୍ୟାଣ
ଜିଲ୍ଲାପାଳ, ସୁନ୍ଦରଗଡ଼

ଜମି ଅନୁସୂଚୀ
ମୌଜା: ଘୋଡ଼ାବୁଡ଼ାଣୀ, ଥାନା: କୋଇଡ଼ା, ଜିଲ୍ଲା: ସୁନ୍ଦରଗଡ଼, ତହସିଲ: କୋଇଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଘୋଡ଼ାବୁଡ଼ାଣୀ | ଗ୍ରାମାଞ୍ଚଳ | ୦୨ | ୦୩ | ଗୋଡ଼ା – ୧ | ୨.୩୨ | ୦.୦୪ | କାହ୍ନୁ ମୁଣ୍ଡା, ବାଟୁ ମୁଣ୍ଡା, ଦୁହୁରୁ ମୁଣ୍ଡା, ପିତା: ଦାମ ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ |
| | | ୦୪ | ୧୦୪ | ଗୋଡ଼ା – ୧ | ୩.୯୫ | ୨.୩୧ | ଦଶରା ମୁଣ୍ଡା, ପି.– ମାଛୁ ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| | | | ୭୬ | ମାଳ ସାଧାରଣ | ୧.୪୩ | ୦.୦୪୭ | |
| | | | ୭୨ | ମାଳ ସାଧାରଣ | ୨.୨୮ | ୧.୮୧ | |
| | | | ୭୧ | ମାଳ ସାଧାରଣ | ୦.୯୯ | ୦.୯୯ | |
| | | | ୭୦ | ମାଳ ସାଧାରଣ | ୦.୬୦ | ୦.୬୦ | |
| | | | | | ମୋଟ ଅର୍ଜନ ରକବା | ୫.୭୯୭ | |

ଭୂ–ଅର୍ଜନ ଅଧିକାରୀ, ସୁନ୍ଦରଗଡ଼
OIPR-24160/14/0047/2021

## ମେହବୁବାଙ୍କୁ ଇଡି ସମନ

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି। ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ଆସନ୍ତା ୧୫ ତାରିଖରେ ଏକ ମନିଲଣ୍ଡରିଂ ମାମଲାରେ ତାଙ୍କୁ ଜେରା କରାଯିବ। ୬୦ ବର୍ଷୀୟା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ବର୍ଷେରୁ ଅଧିକ ସମୟ ଗୃହବନ୍ଦୀ ରହିବା ପରେ ଗତବର୍ଷ ମୁକ୍ତ ହୋଇଥିଲେ। ରାଜନୈତିକ ବିରୋଧୀମାନଙ୍କୁ ଅପଦସ୍ତ ଓ ହଇରାଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏଭଳି କୌଶଳ କାମ କରିବ ନାହିଁ ବୋଲି ମେହବୁବା କହିଛନ୍ତି।



## ଓଏସ୍‌ଆର୍‌ଟିସି ସହ ଫୋନ୍‌ପେର ସହବନ୍ଧିତା

**ଭୁବନେଶ୍ୱର, ୫।୩(ବ୍ୟୁରୋ):** ଯାତ୍ରୀମାନଙ୍କୁ ସ୍ପର୍ଶବିହୀନ, ବାଧାମୁକ୍ତ ନିରାପଦ ପେମେଣ୍ଟ ବିକଳ୍ପ ପ୍ରଦାନ କରିବା ପାଇଁ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ 'ଫୋନ୍‌ପେ' ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ସହିତ ସହବନ୍ଧିତା କରିଛି। ଏଣିକି ରାଜ୍ୟରେ ଇଣ୍ଟରସିଟି ବସ୍ ସେବାର ଉପଯୋଗ କରୁଥିବା ଯାତ୍ରୀମାନେ ସ୍ମାର୍ଟଫୋନ୍ ମାଧମରେ ୟୁପିଆଇ ଆଧାରିତ ଇଣ୍ଟରପୋର୍ଟେବଲ କ୍ୟୁଆର କୋଡ୍ ଜରିଆରେ ସହଜରେ ସେମାନଙ୍କ ଭଡ଼ା ଦେଇପାରିବେ। ଏହାଦ୍ୱାରା ଭଡ଼ା ଆଦାୟ କରିବା ସହଜ ହେବା ସହିତ ସମୟ ମଧ ହ୍ରାସ ପାଇବ। ଏ ସମ୍ପର୍କରେ 'ଫୋନ୍‌ପେ' ଅଫ୍‌ଲାଇନ ବିଜ୍‌ନେସ୍ ଡେଭଲପମେଣ୍ଟ ବିଭାଗର ଉପାଧକ୍ଷ ବିବେକ ଲୋହଚେବ କହିଛନ୍ତି, ଓଡ଼ିଶାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରୁଥିବା ଯାତ୍ରୀଙ୍କ ପାଇଁ କଣ୍ଟାକ୍ଟଲେସ ଭଡ଼ା ପେମେଣ୍ଟକୁ ସକ୍ଷମ କରିବା ଲାଗି ଓଏସ୍‌ଆର୍‌ଟିସି ସହିତ ଯୋଡ଼ି ହୋଇଥିବାରୁ ଆମେ ଆନନ୍ଦିତ। ଏହା ଜନସାଧାରଣଙ୍କ ସୁବିଧା ଓ ନିରାପତ୍ତା ପାଇଁ ସହାୟକ ହେବ। ଓଏସ୍‌ଆର୍‌ଟିସି ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଛନ୍ତି, ଏକ କଣ୍ଟାକ୍ଟଲେସ ଉପାୟରେ ବସ୍ ଟିକେଟ୍‌ର ମୂଲ୍ୟ ଦେବା ପାଇଁ ଏହା ଏକ ସହଜ ଓ ସୁରକ୍ଷିତ ବ୍ୟବସ୍ଥା। ଏହା ଆମର ନାଗରିକଙ୍କୁ ରାଜ୍ୟ ପରିବହନର ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିବ।

# ସିନ୍ ରିକ୍ରିଏଶନ କଲେ ବିବନ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୫।୩ (ଡି.ଏନ୍.ଏ.)



ଘଟଣାସ୍ଥଳରେ ପୋଲିସ ଅଧିକାରୀଙ୍କ ସହ ବିବନ।

### ଅଞ୍ଜନାଙ୍କୁ ନ୍ୟାୟ

- କାଳ ରାତିର କଳା ଘଟଣା ବଖାଣିଲେ
- ସରିଲା ରିମାଣ୍ଡ, ଜେଲ ଫେରିଲେ ଅଭିଯୁକ୍ତ

ପୂର୍ବଠାରୁ ବହୁତ କିଛି ବଦଳି ଯାଇଛି। ଏଠି ଏ ବୁଦା ନ ଥିଲା, ବିଲ ଥିଲା। ରାସ୍ତା ସେପାଖେ କାର୍ ଥିଲା, ତେଣୁ ବେଶି ଭିତରକୁ ନ ନେଇ ଏଇଠି ଆମେ ବଳାତ୍କାର କରିଥିଲୁ। ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ଘଟଣାର ଦୀର୍ଘ ୨୨ବର୍ଷ ପରେ ସିନ୍ ରିକ୍ରିଏଶନ ସମୟରେ ସିବିଆଇ ଉପସ୍ଥିତିରେ ସେହି କାଳ ରାତିର କଳା ଘଟଣାକୁ ଏପରି ଭାବେ ବଖାଣିଛନ୍ତି ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ। ଶୁକ୍ରବାର ରିମାଣ୍ଡର ଦ୍ୱିତୀୟ ତଥା ଶେଷ ଦିନରେ ସିବିଆଇ ବିବନଙ୍କର କ୍ରାଇମ ସିନ୍ ରିକ୍ରିଏଶନ କରିଥିଲା। ଲୋକଙ୍କ ଆକ୍ରୋଶ ଆଶଙ୍କା କରି ସିବିଆଇ ଟିମ୍ ସକାଳ ପ୍ରାୟ ୬ଟାରେ ତାଙ୍କୁ ଧରି ପ୍ରଥମେ ବାରଙ୍ଗ ଥାନାରେ ପହଞ୍ଚିଥିଲା। ପରେ ବିବନଙ୍କୁ ଜୟପୁର-ଗୋଠପାଟଣା ରାସ୍ତାକୁ ନିଆଯାଇଥିଲା। ସେଠାରୁ ଲମ୍ବିଥିବା ଏକ ପାଦଚଲା ରାସ୍ତାରେ ସମସ୍ତେ ଚାଲିଚାଲି କିଛି ଦୂର ଯିବା ପରେ ଘଟଣାସ୍ଥଳ ଚିହ୍ନଟ କରିଥିଲେ ବିବନ। ୧୯୯୯ ଜାନୁୟାରୀ ୯ ଶନିବାର ରାତିରେ କେଉଁ ସ୍ଥାନରେ କ'ଣ କ'ଣ ଘଟିଥିଲା ସିବିଆଇ ଆଗରେ ତାହା ଗୋଟି ଗୋଟି କରି ଦେଖାଇଥିଲେ। କେଉଁ ସ୍ଥାନରେ ପୀଡିତାଙ୍କ କାର୍‌କୁ ଅଟକା ଯାଇଥିଲା, ସେହି ସମୟରେ ଅନ୍ୟ ଦୁଇ ଦୋଷୀ ଧୀରେନ୍ଦ୍ର ଓ ପ୍ରଦୀପ କ'ଣ କରିଥିଲେ, କାର୍ ହାଇଜାକ୍ ପରେ ତିନିଜଣ ଯାକ ଅଞ୍ଜନାଙ୍କୁ କେଉଁ ସ୍ଥାନକୁ ନେଇ ବଳାତ୍କାର କରିଥିଲେ ସେ ସମସ୍ତ ଘଟଣା ବିବନ ବଖାଣିବା ସହ ସିନ୍ ରିକ୍ରିଏଶନ କରିଥିଲେ। ଏଥିସହିତ ବଳାତ୍କାର ପରେ ବିବନ କେଉଁ ବାଟ ଦେଇ ଯାଇଥିଲେ ତାହା ମଧ ସିବିଆଇକୁ କହିଥିଲେ। ବିବନ ହାତ ହଲାଇ ପୂରା ଘଟଣାର ସିନ୍ ଦେଖାଉଥିଲେ। ତାଙ୍କ ମନରେ ଘଟଣାକୁ ନେଇ ସେପରି କିଛି ଅନୁତାପ ନ ଥିବା ଭଳି ଜଣାପଡୁଥିଲା। ତେବେ ଏହାପରେ ବିବନଙ୍କୁ ପୁଣି ବାରଙ୍ଗ ଥାନାକୁ ନେଇ କିଛି ସମୟ ପଚରାଉଚରା କରାଯାଇ ସକାଳ ପ୍ରାୟ ୮ଟାରେ ସିବିଆଇ ଟିମ ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ଆଣିଥିଲା। ରିମାଣ୍ଡ ଅବଧି ଶେଷ ହୋଇଥିବାରୁ ବିବନଙ୍କୁ ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରାଯାଇ ପୁଣି ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୧ ତାରିଖରେ କମିଶନରେଟ୍ ପୋଲିସ ବିବନଙ୍କୁ ମହାରାଷ୍ଟ୍ର ଆମ୍ବି ଭ୍ୟାଲିରୁ ଗିରଫ କରିଥିଲା। ସିବିଆଇ ସ୍ପେଶାଲ କୋର୍ଟ ତାଙ୍କର ଜାମିନ ନାମଞ୍ଜୁର କରିବା ପରେ ବିବନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ବୁଧବାର ଝାରପଡା ଜେଲରେ ଜେଏମ୍‌ଏଫସି ଶୃଜାଲିନ ମହାନ୍ତିଙ୍କ ସମ୍ମୁଖରେ ବିବନଙ୍କ ଟିଆଇ ପରେଡ୍ କରାଯାଇଥିଲା। ୧୦ ମିନିଟ୍‌ର ଏହି ପରେଡ୍‌ରେ ଅଞ୍ଜନା ଓ ପ୍ରତ୍ୟକ୍ଷଦର୍ଶୀ କାର୍ ଡ୍ରାଇଭର ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଚିହ୍ନଟ କରିଥିଲେ। ଏହାପରେ ଗୁରୁବାରଠାରୁ ୨ ଦିନିଆ ରିମାଣ୍ଡରେ ଆଣିଥିଲା ସିବିଆଇ।

### ପୂର୍ବରୁ ଗାଁକୁ ଆସି ଘଟଣାସ୍ଥଳ ବୁଲି ଦେଖିଥିଲେ

ବିବନଙ୍କ ସିନ୍ ରିକ୍ରିଏଶନ ଖବର ସ୍ଥାନୀୟ ଅଞ୍ଚଳରେ ବ୍ୟାପିଯିବା ପରେ ଲୋକଙ୍କ ମଧରେ ଉତ୍କଣ୍ଠା ବଢ଼ିଥିଲା। ଲୋକଙ୍କ ନଜରରୁ ହଟାଇବା ପାଇଁ ସିବିଆଇ ଟିମ୍ ଯଥା ସମ୍ଭବ ଚେଷ୍ଟା କରିଥିଲେ ମଧ କିଛି ସ୍ଥାନରେ ଲୋକେ ଦୂରରୁ ରହି ଦେଖିଥିଲେ। ବିବନଙ୍କ କାର୍‌ନାମାକୁ ନେଇ ମଧ ଲୋକଙ୍କ ମଧରେ ଆଲୋଚନା ହେଉଥିଲା। ତେବେ ବିବନଙ୍କଠାରୁ ସିବିଆଇ ଟିମ୍ ଆଉ କିଛି ନୂଆ ତଥ୍ୟ ହାସଲ କରିଥିବା ଜଣାପଡିଛି। ସିବିଆଇ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲ ମଧ ଏ ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି, ଘଟଣାର ଦୁଇଦିନ ପର୍ଯ୍ୟନ୍ତ ବିବନ ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ଏହାପରେ ରାଜ୍ୟ ବାହାରକୁ ଫେରାର ହେବାରେ ସକ୍ଷମ ହୋଇଥିଲେ। ୪ବର୍ଷ ପରେ ବିବନଙ୍କର ପରିବାର ଲୋକଙ୍କ ସହ ଯୋଗାଯୋଗ ହୋଇଥିଲା। ଏଥିସହ ବେଶ ବଦଳାଇ ଗାଁକୁ ଆସିଥିଲେ। ଏପରି କି ଏହି ସମୟରେ ସେ ଲୁଚିଛପି ଘଟଣାସ୍ଥଳକୁ ମଧ ବୁଲି ଯାଇଥିଲେ ବୋଲି ବିବନ କହିଥିବା ସେ ସୂଚନା ଦେଇଛନ୍ତି।

## ୧୩ ବଖରା ସହ ୯୦ ଛେଳି ଜଳିଗଲେ

ଶେରଗଡ଼,୫।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଲାଉଗୁଡ଼ା ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୧୩ ବଖରା ଜଳିଯାଇଛି। ଏଥିରେ ୧୩ ପରିବାରର ସମସ୍ତ ଆସବାବପତ୍ର ସହ ଗୁହାଳରେ ଥିବା ୯୦ ଛେଳି ପୋଡ଼ିଯାଇଛନ୍ତି। ସ୍ଥାନୀୟ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ସରପଞ୍ଚ ସୁଦର୍ଶନ ନାୟକ, ଅରୁଣ କୁମାର ପ୍ରଧାନ ଓ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା ପହଞ୍ଚି ବିପନ୍ନ ପରିବାର ସହ କ୍ଷତିଗ୍ରସ୍ତ ଛେଳି ମାଲିକ ରାଜୁ ଗୌଡ଼, ଟିଙ୍କିୟା ଗୌଡ଼ ଓ ପାଣ ଗୌଡ଼ଙ୍କୁ ଭେଟିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ସୁରେନ୍ଦ୍ର ସାହୁ ପହଞ୍ଚି କ୍ଷତିଗ୍ରସ୍ତ ୧୩ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି। ଅଗ୍ନି ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଛି। କ୍ଷତିଗ୍ରସ୍ତ ପରିବାରୁ ଘର ଯୋଗାଇ ଦେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ପଞ୍ଚାୟତିରାଜ ଦିବସ ଅବସରରେ ଏରବାଙ୍କ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଦିବ୍ୟରଂଜନ ସାହୁ
ଜିଲ୍ଲା ଯୁବ ବିଜେଡି ସମ୍ପାଦକ



ପଞ୍ଚାୟତିରାଜ ଦିବସ ଅବସରରେ ମୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଗଣେଶ୍ୱର ଦାସ
ସରପଞ୍ଚ, ଶ୍ୟାମଦାସପୁର ଗ୍ରାମପଞ୍ଚାୟତ



ପଞ୍ଚାୟତିରାଜ ଦିବସ ଅବସରରେ ଯାଜପୁର ବ୍ଲକ ଅନ୍ତର୍ଗତ ବରୀ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଗଣେଶ ଚନ୍ଦ୍ର ମହାକୁଡ
ପ୍ରତିନିଧି, ବରୀ ବିଧାୟକ



ପଞ୍ଚାୟତିରାଜ ଦିବସ ଅବସରରେ ମୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଝରଣା ସେଠୀ
ସରପଞ୍ଚ, ଜମଧର ଗ୍ରାମପଞ୍ଚାୟତ



ପଞ୍ଚାୟତିରାଜ ଦିବସ ଅବସରରେ ଯମଧର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ସୁମିତ୍ରା ମଲିକ
ସମିତି ସଭ୍ୟା, ଯମଧର ଗ୍ରାମପଞ୍ଚାୟତ



ପଞ୍ଚାୟତିରାଜ ଦିବସ ଅବସରରେ ମହେଶ୍ୱରପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଶାନ୍ତ କୁମାର ଘଡାଇ
ଯୁବ ବି.ଜେ.ଡି. ସଂଗଠକ

# ଖର୍ଚ୍ଚ ହୋଇପାରୁନି କେନ୍ଦ୍ରୀୟ ଅନୁଦାନ: ସମୀର



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଭୁବନେଶ୍ୱର, ୫।୩(ବ୍ୟୁରୋ)

ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ ହୋଇଥିଲା। କଂଗ୍ରେସ ସରକାର ସମୟରେ ଅର୍ଥାତ୍ ୨୦୧୪ ପୂର୍ବରୁ ତ୍ରୟୋଦଶ ଅର୍ଥ କମିଶନ ସୁପାରିସ ଆଧାରରେ ଗୋଟିଏ ପଞ୍ଚାୟତକୁ ବାର୍ଷିକ ୧ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳୁଥିଲା। ମୋଦି ସରକାର ୨୦୧୫ରୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ପଞ୍ଚାୟତ ପିଛା ପ୍ରତିବର୍ଷ ସର୍ବନିମ୍ନ ୪୦ ଲକ୍ଷରୁ ସର୍ବାଧିକ କୋଟିଏ ଟଙ୍କା ପ୍ରଦାନ କରୁଛନ୍ତି। ଏହାର ବିନିଯୋଗରେ ପଞ୍ଚାୟତର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ। ହେଲେ କେନ୍ଦ୍ର ପଠାଉଥିବା ଅର୍ଥ ଖର୍ଚ୍ଚ ନ ହୋଇ ଫେରିଯାଉଛି। ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସକୁ ଆଡମ୍ବରରେ ପାଳନ କରୁଥିବାବେଳେ ପଞ୍ଚାୟତ ଅବସ୍ଥା ଭୁଶୁଡ଼ି ଗଲାଣି ବୋଲି କହିଛନ୍ତି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ପ୍ରତି ପଞ୍ଚାୟତର ବିକାଶ ପାଇଁ ମୋଦି ସରକାର ପ୍ରଚୁର ଅର୍ଥ ଦେଉଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଏହା ବିନିଯୋଗ ହୋଇ ନ ପାରି ଫେରିଯାଉଛି। ଗତ ୬ ବର୍ଷରେ ରାଜ୍ୟର ଗ୍ରାମାଞ୍ଚଳରେ ଯାହା କିଛି ବିକାଶ ହୋଇଛି, ତାହା କେବଳ କେନ୍ଦ୍ରୀୟ ଅନୁଦାନରେ। ରାଜ୍ୟର ଅର୍ଦ୍ଧାଧିକ ପଞ୍ଚାୟତରେ ନିର୍ବାହୀ ଅଧିକାରୀ, ବ୍ଲକଗୁଡ଼ିକରେ ଜେଇ ଏବଂ ଏପିଓ ପଦବୀ ଖାଲିପଡ଼ିଛି। ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରର ବିଭିନ୍ନ ଗ୍ରାମ ଗସ୍ତକରି ବାସ୍ତବ ଚିତ୍ର ଦେଖିଲା ପରେ ଗ୍ରାମାଞ୍ଚଳ ବିକାଶରେ ରାଜ୍ୟ ସରକାର ବାଧକ ସାଜିଥିବା ସ୍ପଷ୍ଟ ଜଣାପଡ଼ିଛି। ଆଦିବାସୀ ଅଧ୍ୟୁଷିତ ରାଜ୍ୟର ଜନଜାତିଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ 'ପ୍ରଧାନମନ୍ତ୍ରୀ ବନଧନ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ହେଲେ ରାଜ୍ୟ ସରକାର ଏବଂ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତାର ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ, ଯାହା ଜନଜାତି ମହିଳାଙ୍କୁ ରୋଜଗାରକ୍ଷମ କରିବାରେ ବାଧକ ସାଜିଛି। କେନ୍ଦ୍ରୀୟ ଅନୁଦାନର ସୁପରିଚାଳନା ସହ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ଗ୍ରାମାଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ବଳିଷ୍ଠ ପଦକ୍ଷେପ ନେବାକୁ ସମୀର ପରାମର୍ଶ ଦେଇଛନ୍ତି।

# ଶିମିଳିପାଳରେ ପିସିସି ଅନୁଧ୍ୟାନକାରୀ ଦଳ

ବାରିପଦା ଅଫିସ,୫।୩

ଶିମିଳିପାଳରେ ଲାଗିଥିବା ନିଆଁର କାରଣ ଓ ସ୍ଥିତି ପରଖିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଏକ ଅନୁଧ୍ୟାନକାରୀଦଳ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୬ଜଣିଆ କମିଟିର ସୁଦର୍ଶନ ଦାସ, ହେମନ୍ତ ଦାସ, ସୁରେନ୍ଦ୍ର ପରମାଣିକ, ସତ୍ୟଶିବ ଦାସ, ମମତା କୁଣ୍ଡୁ ଓ ମହେନ୍ଦ୍ର ନାଏକ ପ୍ରମୁଖ ସଦସ୍ୟମାନେ ଶିମିଳିପାଳର ପିଠାବଟା ରେଞ୍ଜର ବିଭିନ୍ନ ଗାଁ ଓ ଜଙ୍ଗଲରେ ଘଟିଥିବା କ୍ଷୟକ୍ଷତିକୁ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ବନ ସୁରକ୍ଷା ସମିତି, ଜଙ୍ଗଲ ସୁରକ୍ଷା କମିଟି, ଜଙ୍ଗଲ ସୁରକ୍ଷା ମଞ୍ଚ ଓ ପରିବେଶବିତ୍ ତଥା ବୁଦ୍ଧିଜୀବିଙ୍କୁ ସାକ୍ଷାତ କରି ତଥ୍ୟ ସଂଗ୍ରହ କରିଥିଲେ। ଶିମିଳିପାଳ ସୁରକ୍ଷା କ୍ଷେତ୍ରରେ ଉଚିତ ପଦକ୍ଷେପ ଓ ପରିଚାଳନାର ଅଭାବ ଯୋଗୁ ଏଭଳି ଅଣାୟତ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସମସ୍ତେ ଅନୁଭବ କରିଥିବା ପ୍ରକାଶ କରିଥିଲେ। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଅଧିବାସୀଙ୍କୁ ବିଶ୍ୱାସକୁ ନ ନେବା, ସେମାନଙ୍କୁ ସୁରକ୍ଷା ସହାୟକ ଭାବେ ନିଯୁକ୍ତି ନ ଦେବା ଓ ଜଙ୍ଗଲ ଅଧିକାର ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଏଭଳି ସଙ୍କଟ ସୃଷ୍ଟି ହୋଇଛି ବୋଲି କମିଟିର ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଏହି କମିଟି ଯଶିପୁର ଓ କରଞ୍ଜିଆ ରେଞ୍ଜ ଅଞ୍ଚଳ ଅନୁଧ୍ୟାନରେ ଯିବା ସହିତ ପୂର୍ବାହ୍ନ ୧୦ଟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକଙ୍କୁ ସମ୍ବୋଧିତ କରିବେ ବୋଲି ଜିଲା କଂଗ୍ରେସ ସଭାପତି ସୂଚନା ଦେଇଛନ୍ତି।



ସ୍ଥାନୀୟ ଲୋକଙ୍କ ସହ କଂଗ୍ରେସ ଅନୁଧ୍ୟାନକାରୀ ଦଳ ଆଲୋଚନା କରୁଛନ୍ତି।

# ଏନ୍‌ସିଏଇଆର୍ 'ଆକ୍ସେସିବିଲିଟି ଇଣ୍ଡେକ୍ସ'ରେ ଓଡ଼ିଶା ଶ୍ରେଷ୍ଠ

**ଭୁବନେଶ୍ୱର, ୫।୩(ବ୍ୟୁରୋ):** ନ୍ୟାଶନାଲ କାଉନସିଲ୍ ଅଫ୍ ଆପ୍ଲାଏଡ୍ ଇକୋନୋମିକ ରିସର୍ଚ୍ଚ(ଏନ୍‌ସିଏଇଆର୍) ୨୦୨୦-୨୧ ବର୍ଷର 'ଲ୍ୟାଣ୍ଡ ରେକର୍ଡସ ଆଣ୍ଡ୍ ସର୍ଭିସେସ୍ ଇଣ୍ଡେକ୍ସ' ଏବଂ 'ଆକ୍ସେସିବିଲିଟି ଇଣ୍ଡେକ୍ସ' ପ୍ରକାଶ କରିଛି। ଆକ୍ସେସିବିଲିଟି ଇଣ୍ଡେକ୍ସରେ ଓଡ଼ିଶା ୧୦୦ ମାର୍କରୁ ୮୬.୫୪ ନମ୍ବର ରଖି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସ୍ଥାନ ପାଇଛି। ସେହିପରି 'ଲ୍ୟାଣ୍ଡ୍ ରେକର୍ଡସ ଆଣ୍ଡ୍ ସର୍ଭିସେସ୍ ଇଣ୍ଡେକ୍ସ' ରେ ଓଡ଼ିଶା ୭୭.୨ ସ୍କୋର୍ କରିଥିବାବେଳେ ଏହି ବର୍ଗର ଶ୍ରେଷ୍ଠ ପ୍ରଦର୍ଶନକାରୀ ଅର୍ଥାତ୍ ମଧ୍ୟପ୍ରଦେଶ ଓଡ଼ିଶାଠାରୁ ମାତ୍ର ୩ ପଏଣ୍ଟ ଆଗରେ ରହିଛି। ଏହି ନିର୍ଦ୍ଦିଷ୍ଟ ସୂଚକାଙ୍କରେ ଓଡ଼ିଶା ଗତବର୍ଷଠାରୁ ୧୪.୪% ଉନ୍ନତି କରିଛି। ଏହି ସୂଚକାଙ୍କ ମଧ୍ୟରେ ଡିଜିଟାଇଜ୍‌ଡ ଟେକ୍ସଚୁଆଲ୍ ରେକର୍ଡର ଏକ୍ସଟେଣ୍ଟ ଏବଂ ସ୍ପଶାଲ ରେକର୍ଡର ଡିଜିଟାଇଜେଶନ୍‌ରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ। ଏଠାରେ ଉଲ୍ଲେଖଯୋଗ୍ୟ, ଏନ୍‌ସିଏଇଆର୍ ଦ୍ୱାରା ଏନ୍‌ଏଲ୍‌ଆର୍‌ଏସ୍‌ଆଇ ପାଇଁ କରାଯାଇଥିବା ଚାରୋଟି ସମ୍ବେଦନଶୀଳ ବିଶ୍ଳେଷଣ ମଧ୍ୟରୁ ଓଡ଼ିଶାକୁ ତିନୋଟିରେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ସ୍ଥାନିତ କରାଯାଇଛି।

# ବସ୍ ମାଲିକଙ୍କ ସମସ୍ୟା ପ୍ରତି ସରକାର ସମ୍ବେଦନଶୀଳ

ଯାଜପୁର ଟାଉନ,୫।୩(ଡି.ଏନ.ଏ.)

### ରାଜ୍ୟ ବସ୍ ମାଲିକ ସଂଘର ସାଧାରଣ ଅଧିବେଶନ



ସାଧାରଣ ଅଧିବେଶନରେ ମନ୍ତ୍ରୀ, ବିଧାୟକ ଓ ବସ୍ ମାଲିକ ସଂଘର କର୍ମକର୍ତ୍ତା।

ତୈଳ ଦର ବୃଦ୍ଧିଠାରୁ ଆରମ୍ଭ କରି କୋଭିଡ୍ ଓ ଅନ୍ୟ ସମସ୍ୟା ସତ୍ତ୍ୱେ ବସ୍ ମାଲିକମାନେ ରାଜ୍ୟବାସୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ବସ୍ ମାଲିକଙ୍କ ସମସ୍ତ ଦାବି ବିଭିନ୍ନ ସମୟରେ ସରକାର ପୂରଣ କରୁନାହାନ୍ତି। ତଥାପି ବସ୍ ମାଲିକ ସଂଘ ସର୍ବଦା ରାଜ୍ୟ ସରକାରଙ୍କ ବିଭିନ୍ନ ପରାମର୍ଶ ଓ ପ୍ରସ୍ତାବକୁ ଗ୍ରହଣ କରି ଆଗକୁ ବଢ଼ିଛି। ତେଣୁ ବସ୍ ମାଲିକଙ୍କ ବିଭିନ୍ନ ସମସ୍ୟାକୁ ସରକାର ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଯାଜପୁରଠାରେ ଓଡ଼ିଶା ରାଜ୍ୟ ବସ୍ ମାଲିକ ସଂଘର ସାଧାରଣ ଅଧିବେଶନରେ ମତପ୍ରକାଶ ପାଇଛି। ଯାଜପୁର ବସ୍ ମାଲିକ ସଂଘ ଆୟୋଜନରେ ବିରଜାକ୍ଷେତ୍ରର ଗୌତମବୁଦ୍ଧ ସଂସ୍କୃତିଭବନଠାରେ ଶୁକ୍ରବାର ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଲୋକନାଥ ପାଣି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ରାଜ୍ୟ ସରକାର ବସ୍ ମାଲିକ ସଂଘ ସହିତ ସବୁବେଳେ ରହିଛନ୍ତି ଓ ରହିବେ। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯାତ୍ରୀ ପରିବହନ ସେବାରେ ଏହି ସଂଗଠନ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିଆସୁଥିବାରୁ ବେହେରା ସଂଘକୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ସରକାରଙ୍କୁ ବିଭିନ୍ନ ସମୟରେ ବସ୍ ମାଲିକ ସଂଘ ସହଯୋଗ କରିଆସୁଛି। ତେଣୁ ସେମାନଙ୍କ ସମସ୍ୟା ଓ ଦାବିପ୍ରତି ସରକାର ବେଶ୍ ସମ୍ବେଦନଶୀଳ ବୋଲି କହିଥିଲେ।

ସଂଘ ସଭାପତି ପାଣି ଓ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ବସ୍ ମାଲିକଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଉଭୟ ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିବହନ ନୀତିରେ ରହିଥିବା କେତେକ ତ୍ରୁଟି ସମାଧାନ କରିବା ଏବଂ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୧୫ବର୍ଷ ପରେ କୌଣସି ଯାନବାହନ ରାସ୍ତାରେ ଚାଲିପାରିବ ନାହିଁ ବୋଲି ଆଣିବାକୁ ଯାଉଥିବା ଆଇନ୍‌କୁ ରାଜ୍ୟ ସରକାର ପ୍ରତିବାଦ କରିବାକୁ ନିବେଦନ କରିଥିଲେ। ଯାଜପୁର ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ କର୍ଣ୍ଣାଟ କେଶରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ପାର୍ବତୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସଂଗଠନ ମୁଖପାତ୍ର ଦେବାଶିଷ ନାୟକ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ସହକୋଷାଧ୍ୟକ୍ଷ ଅଜୟ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୭ ବସ୍ ମାଲିକ ସଂଘ କର୍ମକର୍ତ୍ତା ଓ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ଇକ୍‌ବାଲ ଅଲ୍ଲୀ ଖାଁ ଓ ଦ୍ୱିତୀୟ ଅଧିବେଶନରେ କୁଆଖିଆ ବସ୍ ମାଲିକ ସଂଘ ସଭାପତି ଅଶୋକ ନାଥଶର୍ମା ଧନ୍ୟବାଦ ଦେଇଥିଲେ।

# ପନ୍ତ, ସୁନ୍ଦର ସମ୍ମାନ ରଖିଲେ

**ଚତୁର୍ଥ ଟେଷ୍ଟ**
- ରିଷଭ ପନ୍ତ ୧୦୧, ୱାଶିଂଟନ ସୁନ୍ଦର ୬୦*
- ସପ୍ତମ ଉଇକେଟରେ ୧୧୩ ରନର ଭାଗୀଦାରି
- ଭାରତର ସ୍ଥିତି ଦୃଢ଼



ରିଷଭ ପନ୍ତ

**ଅହମଦାବାଦ, ୫।୩**

ରିଷଭ ପନ୍ତଙ୍କ ଶତକ ଓ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ୪ର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ମଜଭୁତ ସ୍ଥିତିରେ ରହିଛି। ସିନିୟର ବ୍ୟାଟ୍ସମ୍ୟାନମାନେ ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଥିବାବେଳେ ଏହି ଦୁଇ ଯୁବ ଖେଳାଳି ସମ୍ମାନ ରଖିଛନ୍ତି। ଉଇକେଟକିପର ପନ୍ତ ୧୦୧ ରନ କରି ଆଉଟ ହୋଇଥିବାବେଳେ ବୋଲିଂ ଅଲ୍‌ରାଉଣ୍ଡର ସୁନ୍ଦର ୬୦ ରନରେ ଅପରାଜିତ ରହିଛନ୍ତି।

ଶୁକ୍ରବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଭାରତ ୭ ଉଇକେଟ ହରାଇ ୨୯୪ ରନ କରିଛି। ହାତରେ ୩ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ୮୯ ରନରେ ଅଗ୍ରଣୀଲାଭ କରିଛି। ଇଂଲଣ୍ଡ ପ୍ରଥମ ଇନିଂସରେ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା।

### ପନ୍ତଙ୍କ ତୃତୀୟ ଶତକ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪/୧ରୁ ଖେଳ ଆରମ୍ଭ କରିଥିବା ଭାରତ ସତର୍କତାର ସହ ଇନିଂସ ଆଗକୁ ବଢ଼ାଇଥିଲା। ସ୍କୋର ୪୦ରେ ପହଞ୍ଚିବା ବେଳକୁ ଭାରତର ଆଉ କୌଣସି କ୍ଷତି ହୋଇ ନ ଥିଲା। ମାତ୍ର ୧ ରନ ବ୍ୟବଧାନରେ ୨ଟି ଉଇକେଟର ପତନ ଯୋଗୁ ଘରୋଇ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଫର୍ମରେ ନ ଥିବା ପୂଜାରା ପୂର୍ବ ଦିନର ସ୍କୋରରେ ଆଉ ମାତ୍ର ୨ ରନ ଯୋଗକରି ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ ବିରାଟ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଉଇକେଟକିପର ବେନ୍ ଫୋକ୍ସଙ୍କୁ କ୍ୟାଚ ଦେବାରୁ ଭାରତର ସ୍କୋର ୪୧/୩ ହୋଇଯାଇଥିଲା। ଓପନର ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେ ସ୍ଥିତି ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ମାତ୍ର ୪ର୍ଥ ଉଇକେଟରେ ୩୯ ରନ ଯୋଗ ହେବା ପରେ ରାହାନେ ବ୍ୟକ୍ତିଗତ ୨୭ (୪୫ ବଲ, ୪ ଚୌକା) ରନ କରି ଜେମ୍ସ ଆଣ୍ଡରସନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପନ୍ତ କ୍ରିଜ୍‌ରେ ଯୋଗଦେବା ପରେ ରୋହିତ ଅର୍ଦ୍ଧଶତକ ଆଡ଼କୁ ମୁହାଁଇଥିଲେ। ମାତ୍ର ସେ ୧୪୪ ବଲ୍‌ରୁ ୭ ଚୌକା ସହ ୪୯ ରନ କରିଥିବାବେଳେ ଷ୍ଟୋକ୍ସଙ୍କ ଅଫ୍‌ଷ୍ଟମ୍ପ ବାହାରର ଏକ ଗୁଡ୍‌ଲେନ୍ଥ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ରୋହିତ ରିଭ୍ୟୁ ନେଇଥିଲେ ହେଁ ବଲ୍ ବ୍ୟାଟ୍‌ରେ ନ ବାଜି ଲେଗ୍ ଓ ମିଡ୍‌ଲ ଷ୍ଟମ୍ପ ସମ୍ମୁଖରେ ଥିବା ପଛ ଗୋଡ଼ରେ ବାଜିଥିବା ସ୍ପଷ୍ଟ ହୋଇଥିଲା। ଫଳରେ ଅର୍ଦ୍ଧଶତକଠାରୁ ୧ ରନ ଦୂରରେ ଥାଇ ସେ ପ୍ୟାଭିଲିୟନ ଫେରିବାକୁ ବାଧ୍ୟ ହୋଇଥିଲେ। ନିକଟ ଅତୀତରେ ଭଲ ଫର୍ମକୁ ଦୃଷ୍ଟିରେ ରଖି ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୭ ନମ୍ବର ସ୍ଥାନରେ ବ୍ୟାଟିଂ ସୁଯୋଗ ମିଳିଥିଲା। ତେବେ ସେ ମାତ୍ର ୧୩ ରନ କରିପାରିଥିଲେ। ଫଳରେ ୧୪୬ ରନରେ ୬ଷ୍ଠ ଉଇକେଟ ହରାଇ ଭାରତ ବିପଦରେ ପଡ଼ିଥିଲା। ପନ୍ତଙ୍କ ସହ ସୁନ୍ଦର କ୍ରିଜ୍‌ରେ ଯୋଗଦେବା ପରେ ସ୍ଥିତିରେ ପରିବର୍ତ୍ତନ ଆସିଥିଲା। ଦୁଇ ଯୁବ ଖେଳାଳି ଚାପର ବଶବର୍ତ୍ତୀ ନ ହୋଇ ନିଜ ଷ୍ଟାଇଲ୍‌ରେ ଖେଳିଥିଲେ। ଦୁହେଁ ୭ମ ଉଇକେଟରେ ୧୫୮ ବଲ୍‌ରୁ ୧୧୩ ରନର ଭାଗୀଦାରି ଗଢ଼ି ଭାରତକୁ ବିପଦରୁ ମୁକୁଳାଇଥିଲେ। ପନ୍ତଙ୍କ ବ୍ୟାଟିଂ ବିଶେଷକରି ଚର୍ଚ୍ଚାରେ ରହିଥିଲା। ୯୪ ରନରେ ଥିବାବେଳେ ପନ୍ତ ସାହସିକ ପ୍ରଦର୍ଶନ କରି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ବଲ୍‌କୁ ସ୍ଲଗ୍ ସୁଇପ୍ ଜରିଆରେ ଛକାରେ ପରିଣତ କରି ଶତକ ପୂରଣ କରିଥିଲେ। ଘରୋଇ ପରିବେଶରେ ଏହା ଥିଲା ତାଙ୍କର ପ୍ରଥମ ଏବଂ ଟେଷ୍ଟରେ ତୃତୀୟ ଶତକ। ନିକଟ ଅତୀତରେ ଅତିକମ୍‌ରେ ୫ ଥର ନର୍ଭସ ନାଇଣ୍ଟିଜ୍‌ର ଶିକାର ହୋଇଥିବା ରିଷଭ ଏଠାରେ ଚାପସ୍ଥିତିରୁ ଭାରତକୁ ଉଦ୍ଧାର କରି ଶତକ ହାସଲ କରିଥିବାରୁ ପ୍ରଶଂସା ସାଉଁଟିଥିଲେ। ତେବେ ସେ ୧୧୮ ବଲ୍‌ରୁ ୧୩ ଚୌକା ଓ ୨ ଛକା ସହାୟତାରେ ୧୦୧ ରନ କରିଥିବାବେଳେ ଆଣ୍ଡରସନଙ୍କ ଏକ ଲେନ୍ଥ ବଲକୁ ବଡ଼ ଶଟ୍ ମାରିବାକୁ ଯାଇ ଶର୍ଟ ମିଡ୍ ଉଇକେଟରେ ରୁଟ୍‌ଙ୍କୁ କ୍ୟାଚ ଦେଇଥିଲେ। ଫଳରେ ଏକ ଚିତ୍ତାକର୍ଷକ ଇନିଂସର ସରିସମାପ୍ତି ଘଟିଥିଲା।

### ସୁନ୍ଦରଙ୍କ ଅର୍ଦ୍ଧଶତକ

ପନ୍ତ ଆଉଟ ହେବା ପରେ ଦଳର ଭାର ସ୍ୱାଭାବିକ ଭାବେ ସୁନ୍ଦରଙ୍କ ଉପରେ ପଡ଼ିଥିଲା। ସେ ଅର୍ଦ୍ଧଶତକ ହାସଲ କରିବା ସହ ଅକ୍ଷର ପଟେଲଙ୍କ ସହ ଅସମାପ୍ତ ୮ମ ଉଇକେଟରେ ୫୯ ବଲ୍‌ରୁ ୩୫ ରନର ପାର୍ଟନରଶିପ୍ ଗଢ଼ି ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଛନ୍ତି। ଟେଷ୍ଟରେ ତୃତୀୟ ଅର୍ଦ୍ଧଶତକ ହାସଲ କରିଥିବା ସୁନ୍ଦର ଷ୍ଟମ୍ପ ପ୍ରତ୍ୟାହୃତ ହେବାବେଳକୁ ୧୧୭ ବଲ୍‌ରୁ ୬୦(୮ ଚୌକା) ଏବଂ ଅକ୍ଷର ୩୪ ବଲ୍‌ରୁ ୧୧ (୨ ଚୌକା) ରନରେ ଅପରାଜିତ ରହିଥିଲେ। ଦ୍ୱିତୀୟ ଦିବସର ପ୍ରଥମ ୨ ସେସନରେ ଇଂଲଣ୍ଡ ପ୍ରଭାବୀ ରହିଥିବାବେଳେ ତୃତୀୟ ସେସନ ଭାରତ ନାମରେ ରହିଥିଲା। ଅନ୍ତିମ ସେସନରେ ଇଂଲଣ୍ଡ ବୋଲରମାନେ କ୍ଲାନ୍ତଥିବା ପରିଲକ୍ଷିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଆଣ୍ଡରସନ ସର୍ବାଧିକ ୩ଟି ଏବଂ ଷ୍ଟୋକ୍ସ ଓ ଲିଚ୍ ୨ଟି ଲେଖାଏ ଉଇକେଟ ନେଇଥିଲେ।





ୱାଶିଂଟନ ସୁନ୍ଦର

**ଭାରତୀୟ ଉଇକେଟ କିପରଙ୍କ ଟେଷ୍ଟ ଶତକ**

୬: ମହେନ୍ଦ୍ର ସିଂ ଧୋନୀ (୧୪୪ ଇନିଂସ)
୩: ଋଦ୍ଧିମାନ ଶାହା (୫୦ ଇନିଂସ)
୩: ରିଷଭ ପନ୍ତ (୩୩ ଇନିଂସ)

**ସ୍କୋର ବୋର୍ଡ**

ଇଂଲଣ୍ଡ ପ୍ରଥମ ଇନିଂସ: ୨୦୫
ଭାରତ ପ୍ରଥମ ଇନିଂସ
ଶୁବମନ-ଏଲବିଡବ୍ଲ୍ୟୁ-ଆଣ୍ଡରସନ-୦
ରୋହିତ-ଏଲବିଡବ୍ଲ୍ୟୁ-ଷ୍ଟୋକ୍ସ-୪୯
ପୂଜାରା-ଏଲବିଡବ୍ଲ୍ୟୁ-ଲିଚ୍-୧୭
କୋହଲି-କ-ଫୋକ୍ସ-ବୋ-ଷ୍ଟୋକ୍ସ-୦
ରାହାନେ-କ-ଷ୍ଟୋକ୍ସ-ବୋ-ଆଣ୍ଡରସନ-୨୭
ପନ୍ତ-କ-ରୁଟ୍-ବୋ-ଆଣ୍ଡରସନ-୧୦୧
ଅଶ୍ୱିନ-କ-ପୋପ୍-ବୋ-ଲିଚ୍-୧୩
ସୁନ୍ଦର-ନଟଆଉଟ-୬୦
ଅକ୍ଷର-ନଟଆଉଟ-୧୧
ଅତିରିକ୍ତ-୧୬
ମୋଟ(୯୪ ଓଭର, ୭ ଉଇକେଟ) ୨୯୪
ଉଇକେଟ ପତନ: ୧/୦, ୨/୪୦, ୩/୪୧, ୪/୮୦, ୫/୧୨୧, ୬/୧୪୬, ୭/୨୫୯।
ବୋଲିଂ(ଇଂଲଣ୍ଡ)
ଜେମ୍ସ ଆଣ୍ଡରସନ ୨୦-୧୧-୪୦-୩
ବେନ୍ ଷ୍ଟୋକ୍ସ ୨୨-୬-୭୩-୨
ଜ୍ୟାକ୍ ଲିଚ୍ ୨୩-୫-୬୬-୨
ଡୋମିନିକ୍ ବେସ୍ ୧୫-୧-୫୬-୦
ଜୋ ରୁଟ୍ ୧୪-୧-୪୬-୦।

## ହଷ୍ଟେଲରୁ ଆଥ୍‌ଲେଟିକ୍ସ କୋଚ୍‌ଙ୍କ ମରଶରୀର ଜବତ

**ପଟିଆଲା,୫।୩ (ପି.ଟି.):** ଭାରତର ମିଡ୍‌ଲ ଓ ଲଙ୍ଗ୍ ଡିଷ୍ଟାନ୍ସ କୋଚ୍ ବେଲାରୁଷର ନିକୋଲାଇ ସ୍ନେସାରେଭଙ୍କୁ ମୃତ ଅବସ୍ଥାରେ ସ୍ଥାନୀୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ସ୍ଥିତ ତାଙ୍କ ହଷ୍ଟେଲ ରୁମ୍‌ରୁ ଉଦ୍ଧାର କରାଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୭୨ ବର୍ଷୀୟ ସ୍ନେସାରେଭ ଦୁଇ ବର୍ଷ ପରେ ଭାରତକୁ ଫେରିଥିଲେ। ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ସେ ରହିଥାନ୍ତେ। ସ୍ନେସାରେଭ ବେଙ୍ଗାଲୁରୁରେ ଅବସ୍ଥାନ କରୁଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି ୩ ପାଇଁ ସେ ଏନ୍‌ଆଇଏସ୍ ଆସିଥିଲେ। ମାତ୍ର ଶୁକ୍ରବାର ସେ ପ୍ରତିଯୋଗିତା ସ୍ଥଳକୁ ନ ଆସିବାରୁ ସନ୍ଧ୍ୟାରେ ଅନ୍ୟ କୋଚ୍‌ମାନେ ତାଙ୍କୁ ଭେଟିବାକୁ ଯାଇଥିଲେ। ରୁମ୍ ଭିତରପଟୁ ବନ୍ଦ ଥିବା ସେମାନେ ଦେଖିବାକୁ ପାଇଥିଲେ ବୋଲି ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲା କହିଛନ୍ତି। କବାଟ ଭଙ୍ଗାଯିବା ପରେ ସ୍ନେସାରେଭ ତାଙ୍କ ଶେଯରେ ନିସ୍ତେଜ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଏନ୍‌ଆଇଏସ୍‌ରେ ନିଯୁକ୍ତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡାକ୍ତର କୋଚ୍‌ଙ୍କୁ ମୃତ ଘୋଷଣା କରିଥିଲେ। ପୋଷ୍ଟମର୍ଟମ ପାଇଁ ସ୍ନେସାରେଭଙ୍କ ମରଶରୀରକୁ ସ୍ଥାନୀୟ ସରକାରୀ ହସ୍ପିଟାଲକୁ ପଠାଇଯାଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବେଲାରୁଷିଆନ କୋଚ୍ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେଙ୍କୁ କୋଚିଂ ଦେଉଥିଲେ, ଯିଏକି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି। ଅନ୍ୟ କେତେଜଣ ମିଡ୍‌ଲ ଓ ଲଙ୍ଗ ଡିଷ୍ଟାନ୍ସ ରନର ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛନ୍ତି। ସ୍ନେସାରେଭ ୨୦୧୯ ଫେବୃୟାରୀରେ ଭାରତୀୟ ଆଥ୍‌ଲେଟିକ୍ସ ଲଙ୍ଗ ଓ ମିଡ୍‌ଲ ଡିଷ୍ଟାନ୍ସ କୋଚ୍ ପଦବୀ ତ୍ୟାଗ କରିଥିଲେ। ସାବ୍‌ଲେ ଆର୍ମି କୋଚ୍ ଅମରୀଶ କୁମାରଙ୍କ ଅଧୀନରେ ଟ୍ରେନିଂ ନେବା ଲାଗି ସ୍ଥିର କରିବାରୁ ସେ ଏହି ପଦକ୍ଷେପ ନେଇଥିଲେ। ମାତ୍ର ପରବର୍ତ୍ତୀ କାଳରେ ସ୍ନେସାରେଭଙ୍କ ଚୁକ୍ତି ଅଲିମ୍ପିକ୍ସ ଶେଷ ପର୍ଯ୍ୟନ୍ତ କରାଯାଇଥିଲା।

## ନିଜ ଜାତୀୟ ରେକର୍ଡ ଭାଙ୍ଗିଲେ ନୀରଜ

**ପଟିଆଲା, ୫।୩ (ପି.ଟି.):** ତୃତୀୟ ଇଣ୍ଡିଆନ ଗ୍ରାଁ ପ୍ରିରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ୮୮.୦୭ ମିଟର ଥ୍ରୋ କରି ନିଜ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। କୋଭିଡ୍ ପାଇଁ ଏକ ବର୍ଷ ପ୍ରତିଯୋଗିତାରୁ ଦୂରେଇ ରହିବା ପରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ନୀରଜ ପୂର୍ବରୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପୂର୍ବରୁ ୨୦୧୮ ଏସିଆନ ଗେମ୍ସରେ ୮୮.୦୬ ମିଟର ଥ୍ରୋ କରି ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ହରିୟାଣାରୁ ପ୍ରତିନିଧିତ୍ୱ କରୁଥିବା ନୀରଜ କହିଛନ୍ତି, ସେ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ।

## ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ୱେଲିଂଟନ,୫।୩(ଏପି):** ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୫୦ ରନରେ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୨-୨ ସମାନ ସ୍ତରରେ ପହଞ୍ଚିଛି। ସ୍ଥାନୀୟ ୱେଷ୍ଟପ୍ୟାକ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୮.୫ ଓଭରରେ ୧୦୬ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ୫୫ ବଲରୁ ୫ ଚୌକା ଓ ୪ ଛକା ସହ ୭୯ ରନର ଅପରାଜିତ ଇନିଂସ ଖେଳିଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୂର୍ବରୁ ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ତୃତୀୟ ଟି୨୦ରେ ନ୍ୟୁଜିଲାଣ୍ଡକୁ ୬୪ ରନରେ ପରାସ୍ତ କରିଥିଲା। ଫିଞ୍ଚ୍‌ଙ୍କୁ ବାଦ୍ ଦେଲେ ଅଷ୍ଟ୍ରେଲିଆ ତରଫରୁ ଅନ୍ୟମାନେ ଅବଶ୍ୟ ବଡ଼ ସ୍କୋର ହାସଲ କରି ନ ଥିଲେ। ଏହି କ୍ରମରେ ଓପନର ମାଥ୍ୟୁ ୱେଡ୍ ୧୪, ଜୋଶ ଫିଲିପ୍ ୧୩, ଗ୍ଲେନ ମ୍ୟାକ୍ସୱେଲ ୧୮, ମାର୍କସ ଷ୍ଟୋଇନିସ ୧୯ ରନ ସଂଗ୍ରହ କରିଥିଲେ। ଆଷ୍ଟନ ଅଗର ଖାତା ଖୋଲିପାରି ନ ଥିବା ବେଳେ ମିଚେଲ ମାର୍ଶ ୬ ରନକରି ଆଉଟ ହୋଇଥିଲେ। ଝେ ରିଚାର୍ଡସନ ୪ ରନକରି ଅପରାଜିତ ହୋଇଥିଲେ। ବୋଲିଂରେ ସ୍ପିନର ଇଶ୍ ସୋଧି ସର୍ବାଧିକ ୩, ଟ୍ରେଣ୍ଟ ବୋଲ୍ଟ ୨ ଓ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୩୧୯୨/IND-II-PH-839 ତାରିଖ ୩।୦୩।୨୦୨୧
CAD-1444

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଓଡ଼ିଶା ସ୍ପଞ୍ଜ ଆଇରନ୍ ଏବଂ ଷ୍ଟିଲ୍ ଲିମିଟେଡ୍ ଓଡ଼ିଶା**ର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ **ପଳାଶପଙ୍ଗାଠାରେ ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ ପ୍ରୋଜେକ୍ଟ ୩.୮୫ ଏମ୍.ଟି.ପି.ଏ. ଥ୍ରୋପୁଟ୍ ଆଇରନ୍ ଓର୍ ବେନିଫିସିଏସନ୍ ଏବଂ ଉତ୍ପାଦନ ଗ୍ୟାସ୍ ପ୍ଲାଣ୍ଟ ସହିତ ୨.୦ ଏମ୍.ଟି.ପି.ଏ. ପେଲେଟ୍ ପ୍ଲାଣ୍ଟ (୫x୧୫୦୦୦ Nm³/ଘଣ୍ଟା)** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୫।୦୪।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ମୂରୁସୁଆଁ ଗ୍ରାମ (ଖାତା ନଂ ୧୪୩ (ରକ୍ଷିତ) ଅନ୍ତର୍ଗତ ପ୍ଲଟ୍ ନଂ. ୯୮୬)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **କେନ୍ଦୁଝର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0020/2021

**OFFICE OF THE ROURKELA MUNICIPAL CORPORATION**
UDIT NAGAR, ROURKELA, ODISHA-769012
E-mail ID: rourkelamunicipality@gmail.com

No. 2397 Date: 3.3.21

**Expression of Interest for Empanelment of Consultants for Architectural / Engineering / Structural & other related Services of Rourkela Municipal Corporation**

No. C-591:- Rourkela Municipal Corporation (RMC) invites Expression of Interest (EOI) from qualified, experienced and financially sound Consultancy Firms/ Consultants for "**Empanelment of Consultants for Architectural / Engineering / Structural & other related Services of Rourkela Municipal Corporation.**"
The EOI is to be submitted in sealed covers addressed to The Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN-769012 on or before **1.00 PM on 24.03.21** as per the instructions mentioned in EOI document.
The complete EOI documents can be downloaded from RMC website i.e. **www.rmc.nic.in**. Modificiations/ amendments/ corrigendum if any shall not be advertised in newspapers but shall be published in the website only.
RMC reserves the right to reject or accept any or all the EOI without assigning any reason thereof.

Sd./- Commissioner
Rourkela Municipal Corporation
OIPR-13131/11/0004/2021

Ref-787/MKTG/Misc/162 (part)/2012 Date- 03.03.2021

**MARKFED-ODISHA**
(The Odisha State Co-operative Marketing Federation Ltd.)
(Old Station Road, Bhubaneswar-751006)

**REQUEST FOR PROPOSAL (RFP)**

**No. CAD-1455:-** The Odisha State Co-operative Marketing Federation Ltd. (MARKFED-Odisha), Old Station Road, Bhubaneswar-6 intends to let out its Multi Commodity Cold Storage (as is where is basis) located at Rayagada having capacity of 5000 MT on lease rent basis. Interested Professionals/Societies/Govt. Agencies having experience in the Management / operation of Cold Storage may apply in sealed cover super-scribing the name of the Cold Storage along with the RFP number and date addressing to "Managing Director, MARKFED-Odisha" so as to reach the same by Speed Post/Registered Post on or before 2.00 PM dt.18.03.2021.
For details please visit Government of Odisha tender web-site (www.odisha.Gov.in) and MARKFED-Odisha website (www.markfedodisha.nic.in).
Interested parties are advised to visit the aforementioned website for details and other conditions.
Interested bidders are requested to visit tender portal for update information of tender (Corrigendum/addendum etc.).

OIPR-39017/11/0013/2021 Sd./- Managing Director

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୦ ତା: ୨୬।୨।୨୧

**ବିଜ୍ଞାପନ**

No. CAD-1439: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଏଲ୍.ଆଇ.ଜି.-୨-୧୯୭ (LIG-II-197)କୁ ନୀଳାମ୍ବର ମହାନ୍ତ, ପି.- ୰ପୁରନ୍ଦର ମହାନ୍ତ, ଗ୍ରା: ଭଞ୍ଜବେଢ଼ା, ପୋ: ଖୁଣ୍ଟପଡ଼ା, ଥା: ଭାଗୁଆଁ, ଜି: ମୟୂରଭଞ୍ଜଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ନୀଳାମ୍ବର ମହାନ୍ତ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ପ୍ରଭାତ ରଞ୍ଜନ ବେହେରା, ପି.- ପବିତ୍ର ମୋହନ ବେହେରା, ଗ୍ରା: ବଢ଼ଲିଆ, ପୋ: ଡାଙ୍ଗମାଳ, ଥା: ରାଜନଗର, ଜି: କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0057/2021

**DIRECTORATE OF FISHERIES, ODISHA, CUTTACK**
Ph-0671-2414061, Fax-0671-2410521, E-mail: director.odifish@gmail.com
Departmental website: www.odishafisheries.com
DTCN No. 3047/RD-XVII-DDIF-01/21
Dated, Cuttack, 02nd March, 2021

**Tender Notice for award of contract for providing of services of 8 nos of Data Entry operator, 43 nos of Peon, 32 nos. Of Choukidar and 1 no of Sweeper for a period of one year from the date of agreement.**

**No. M-54:-** Sealed tenders are invited from reputed manpower agencies/service provider to provide the services of Data Entry Operators, Peons, Choukidars and Sweeper for a period of one year through a suitable placement agency on contract basis for day to day official work.
The detailed information for outsourcing the services of aforesaid posts has been given in the Tender document which shall be downloaded from the Odisha Government portal Tender section link (http://www.odisha.gov.in/tender) from 08.03.2021 to 22.03.2021 till 5 P.M. The last date for submission of tender document in complete shape through registered / speed post / courier only to Director of Fisheries, Odisha, Cuttack in his official postal address is 22.03.2021 by 5 P.M.

Sd./- Director
OIPR-06015/11/0027/2021

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Orissa
Letter No. XV-07/2021:874/OSACS Dated: 04.03.2021

**Notice inviting tender for supply & installation of Walk-in-Cooler with DG set.**

No. CAD-1459:- Orissa State AIDS Control Society (OSACS), Bhubaneswar invites sealed tenders from authorized manufacturers/ distributors/ approved dealers for supply & install seven (7) nos. of Walk-In-Coolers with D.G set in different health units. The details, specifications and other terms & conditions are available in the website of OSACS i.e, **www.osacs.nic.in**, which can be downloaded for use. Interested parties may submit their tender super-scribing as **"Tender for supply & installation of Walk-In-Cooler with D.G set"** to the undersigned trough speed post / Registered Post / Courier only which should reach on or before **12.00 Noon of 19.03.2021** positively and the same will be opened at **12.30 P.M.** of the same date by the committee in presence of the participants.

Sd./- Project Director
Orissa State AIDS Control Society,
(Department of Health & Family Welfare), Govt. of Odisha
2nd Floor, Oil Orissa Building,
F-Nayapalli, Bhubaneswar-12
OIPR-10009/11/0003/2021

ଧରିତ୍ରୀ
DHARITRI
ଶନିବାର, ୬ ମାର୍ଚ୍ଚ, ୨୦୨୧





କ୍ରିକେଟର ଯୁବରାଜ ସିଂଙ୍କ ସ୍ତ୍ରୀ ତଥା ବଲିଉଡ ଅଭିନେତ୍ରୀ ହେଜେଲ କେଚ କିଛିଦିନ ପାଇଁ ସୋସିଆଲ ମିଡିଆରୁ ଦୂରେଇ ରହୁଛନ୍ତି । ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ତାଙ୍କୁ ବାସ୍ତବିକ ଦୁନିଆରେ ରହିବାକୁ ଆଶୀର୍ବାଦ କରନ୍ତୁ । ତାଙ୍କର କହିବା କଥା ହେଲା ସେ ଏକ ସାଧାରଣ ମଣିଷ ଭଳି ଜୀବନ କାଟିବାକୁ ଚାହୁଁଛନ୍ତି । ବର୍ତ୍ତମାନ ସମୟରେ ଏହା ଜରୁରୀ ଯେ ଦୂରେଇ ରହି ମଧ ଜଣଙ୍କୁ କେମିତି ମନେ ପକାଯାଇପାରେ । ତେବେ ସେ ଏତେଶୀଘ୍ର ବି ସୋସିଆଲ ମିଡିଆକୁ ଫେରିବେ ନାହିଁ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ନିକଟରେ ହେଜେଲ ତାଙ୍କ ଜନ୍ମଦିନ ପାଳନ କରିଥିବା ବେଳେ ଯୁବରାଜ ନିଜ ଘରେ ଏକ ପାର୍ଟିର ଆୟୋଜନ କରିଥିଲେ ।

# ଜେଲ ଖୋଜୁଛି କଏଦୀ

**ବଦଳୁଛି ମାନସିକତା। ମଣିଷ ଭିତରେ ବଢ଼ୁଛି ଆପରାଧିକ ମନୋବୃତ୍ତି। ଅପରାଧ ରୋକିବାକୁ ବଦଳୁଛି ଆଇନକାନୁନ। ଏଥିପାଇଁ ଜନମଙ୍ଗଳକାରୀ ରାଷ୍ଟ୍ର ନେଉଛନ୍ତି ବିଭିନ୍ନ ପଦକ୍ଷେପ। ତଥାପି ଅପରାଧ ଏବଂ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା କାଠିକର ପାଠ ହେଉଛି। ହେଲେ ୟୁରୋପୀୟ କ୍ଷୁଦ୍ର ଦେଶ ନେଦରଲାଣ୍ଡ ଏହାର ବ୍ୟତିକ୍ରମ। ଏଠାରେ ଅପରାଧ ସଂଖ୍ୟା ଏତେ କମ୍ ଯେ, ଖୋଜିଲେ ବି ମିଳୁନାହାନ୍ତି କଏଦୀ। ତେଣୁ ଧୀରେ ଧୀରେ ଏଠାକାର ଜେଲଗୁଡ଼ିକ ବନ୍ଦ ହେବାରେ ଲାଗିଛି।**



**ଆମ୍‌ଷ୍ଟରଡାମ:** ଅପରାଧବିହୀନ ଦେଶ ଭାବେ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି ନେଦରଲାଣ୍ଡସ୍। ଏଠାରେ ଅପରାଧ ଘଟିବା ତ ଦୂରର କଥା, ଏ ବିଷୟରେ ଚିନ୍ତା କରିବା ଲାଗି ମଧ କାହାରି ପାଖରେ ସମୟ ନାହିଁ। ତେଣୁ ପୋଲିସ ଏବଂ ଜେଲ ବିଭାଗର କର୍ମଚାରୀଙ୍କ ପାଖରେ କାମ ନାହିଁ। ଅପରାଧୀ ସଂଖ୍ୟା ଶୂନ ହୋଇଯିବା ପରେ ଜେଲ୍‌ଗୁଡ଼ିକ ଖାଲିପଡ଼ିଛି। ଖର୍ଚ୍ଚ କମାଇବାକୁ ଏବେ ଅନେକ ଜେଲକୁ ବନ୍ଦ କରି ଦିଆଗଲାଣି।

ୟୁରୋପୀୟ ଦେଶଗୁଡ଼ିକ ଆପରାଧିକ ମାମଲା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସନ୍ତି। ଏଠାକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ ଗୋଷ୍ଠୀକନ୍ଦଳ, ହତ୍ୟା, ଆକ୍ରମଣ ଭଳି ଘଟଣା ବଢ଼ିବାରେ ଲାଗିଛି। ନିଶା କବଳରେ ପଡ଼ି ଯୁବପିଢ଼ି ବିଭିନ୍ନ ଅପରାଧ ଘଟାଉଛନ୍ତି। ହେଲେ ନେଦରଲାଣ୍ଡସ୍‌ରେ ଦେଖିବାକୁ ମିଳିଛି ଏହାର ବିପରୀତ ଦୃଶ୍ୟ। ସ୍ଥାନୀୟ ସରକାରଙ୍କ ଉଦ୍ୟମରେ ଦେଶରେ ଅପରାଧ ମାତ୍ରା ଶୂନ୍ୟସ୍ତରକୁ ଖସିଆସିଛି। ନେଦରଲାଣ୍ଡସ୍‌ର ମୋଟ ଜନସଂଖ୍ୟା ୧କୋଟି ୭୧ ଲକ୍ଷ ୩୨ ହଜାରରୁ ଊର୍ଦ୍ଧ୍ୱ। ଆୟତନ ଦୃଷ୍ଟିରୁ ଦେଶର ଜନସଂଖ୍ୟା ଅଧିକ। କର୍ମପ୍ରବଣ ନେଦରଲାଣ୍ଡବାସୀ ଅପରାଧକୁ ଘୃଣା କରନ୍ତି। ୨୦୧୩ରେ ଏଠାରେ ମାତ୍ର ୧୩ଜଣ କଏଦୀ ଥିଲେ। ୨୦୧୮ ସୁଦ୍ଧା ଦେଶ ଅପରାଧୀ ଶୂନ୍ୟ ହୋଇଯାଇଛି। ଏହାପରେ ଅଭିଯୁକ୍ତଙ୍କୁ କାରାଗାରରେ ବନ୍ଦ କରିବା ଭଳି ଏମିତି କୌଣସି ଘଟଣା ଘଟିନାହିଁ। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୧୬ରେ ସେଠାକାର ନ୍ୟାୟ ମନ୍ତ୍ରଣାଳୟ ସରକାରଙ୍କୁ ଆଶ୍ୱାସନା ଦେଇଥିଲା। ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଆସନ୍ତା ୫ବର୍ଷ ମଧ୍ୟରେ ପ୍ରତିବର୍ଷ ୦.୯ ପ୍ରତିଶତ ହିସାବରେ ଅପରାଧ ହ୍ରାସ ପାଇବ। ଏହି ଆକଳନ ସତ ହୋଇଛି। ସବୁଠାରୁ ରୋଚକ କଥା ହେଉଛି, ପରିଚାଳନା ଅଭାବରୁ ଜେଲଗୁଡ଼ିକର ଭିତ୍ତିଭୂମି ଯେପରି ନଷ୍ଟ ହୋଇ ନ ଯାଏ, ତାହାକୁ ଦୃଷ୍ଟିରେ ରଖି ଏବେ ନରୱେରୁ କଏଦୀ ଆଣୁଛନ୍ତି ନେଦରଲାଣ୍ଡ ସରକାର। ତେବେ ଜେଲଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଦୁଇଟି ଦିଗ ସାମ୍ନାକୁ ଆସିଛି। ପ୍ରଥମତଃ ଏହି ଦେଶ ପୃଥିବୀରେ ନୂତନ ଉଦାହରଣ ସୃଷ୍ଟି କରିଛି। ଅପରାଧ କମିବା ଦ୍ୱାରା ପ୍ରଶାସନର ମୁଣ୍ଡବ୍ୟଥା କମିଛି। ଲୋକମାନେ ସାମାଜିକ, ସାଂସ୍କୃତିକ ଜୀବନକୁ ଭରପୂର ଉପଭୋଗ କରିପାରୁଛନ୍ତି। ଦ୍ୱିତୀୟତଃ ଜେଲଗୁଡ଼ିକ ବନ୍ଦ ହୋଇଯିବା ପରେ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ନିଯୁକ୍ତି ହରାଇବେ। କେବଳ ଏତିକି ନୁହେଁ, ଜେଲର ସଂସ୍କାରଧର୍ମୀ କାର୍ଯ୍ୟକଳାପ ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ମଧ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ। ପୋଲିସର କାମ କମିଯିବା ପରେ ନୂଆ ପଦବୀ ସୃଷ୍ଟି କରିବାର ଆବଶ୍ୟକତା ରହିବ ନାହିଁ। ତେଣୁ ଚାକିରି ହରାଇବାକୁ ଥିବା ୨୦୦୦ ଜେଲ ଏବଂ ପୋଲିସ କର୍ମଚାରୀ ଏବେ କ'ଣ କରିବେ, ତାହାକୁ ନେଇ ଚିନ୍ତା ବଢ଼ିଛି। ବିକଳ୍ପ ସ୍ୱରୂପ ନେଦରଲାଣ୍ଡସ୍ ସରକାର ୭୦୦ କର୍ମଚାରୀଙ୍କୁ ସରକାରୀସ୍ତରରେ ନିଯୁକ୍ତି ଦେବାକୁ ଯୋଜନା କରୁଛନ୍ତି। ଅନ୍ୟମାନଙ୍କୁ ବଦଳି କରାଯାଇ ଥଇଥାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ନେଦରଲାଣ୍ଡସ୍‌ରେ ଅପରାଧୀ ନାହାନ୍ତି

## ଏଙ୍କଲ ମନିଟରିଂ ସିଷ୍ଟମ ସଫଳ

ନେଦରଲାଣ୍ଡସ୍ ଅପରାଧୀମୁକ୍ତ ହେବା ପଛରେ ରହିଛି ଏଙ୍କଲ ମନିଟରିଂ ସିଷ୍ଟମର ସଫଳତା। ଏଙ୍କଲ ମନିଟରିଂ ସିଷ୍ଟମ୍ ହେଉଛି ଏପରି ଏକ ବ୍ୟବସ୍ଥା, ଯେଉଁଥିରେ କଏଦୀଙ୍କ ବଳାଗଣ୍ଠିରେ ରେଡିଓ ଫ୍ରିକ୍ୱେନ୍ସି ଡିଭାଇସ୍ ଲଗାଇ ଦିଆଯାଇଥାଏ। ସେମାନଙ୍କୁ ଜେଲର ଆବଦ୍ଧ କୋଠରିରେ ରଖିବା ବଦଳରେ ମୁକ୍ତ ଭାବେ ଛାଡ଼ି ଦିଆଯାଏ। ଏହି ସମୟ ମଧ୍ୟରେ ସେମାନଙ୍କୁ ସେମାନଙ୍କ ପସନ୍ଦର କାମ ଯୋଗାଇ ଦିଆଯାଏ। ତେବେ ଡିଭାଇସ ମାଧ୍ୟମରେ ଅପରାଧୀଙ୍କ ଲୋକେଶନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥାଏ। ଏକ ନିର୍ଦ୍ଦିଷ୍ଟ ସୀମାରେଖାରୁ ବାହାରକୁ ଯିବାକୁ ଉଦ୍ୟମ କଲେ ପୋଲିସକୁ ତ୍ୱରିତ ସୂଚନା ମିଳିଯାଏ। ପୋଲିସ ତୁରନ୍ତ ଡିଭାଇସ୍ ଟ୍ରାକିଂ କରି ଘଟଣାସ୍ଥଳରେ ପହଞ୍ଚିଯାଏ। ଭାରତରେ ଏକଦୀଙ୍କୁ ଜେଲର ଚାରିକାନ୍ଥ ଭିତରେ ବନ୍ଦୀ କରି ରଖାଯାଉଥିବାରୁ ସେମାନଙ୍କ ମାନସିକ ଅବସ୍ଥା ବିଗିଡ଼ିବା ଆଶଙ୍କା ଥାଏ। ଏପରି କି ମାନସିକତା ବଦଳାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସନ୍ତୋଷଜନକ ହେଉ ନ ଥିବାରୁ ଜେଲରୁ ଗୋଡ଼ କାଢ଼ିବା ପରେ ଅନେକେ ପୁଣି ଅପରାଧ ଜଗତରେ ପାଦ ଦେବା ନଜିର ମଧ ରହିଛି। ହେଲେ ଏଙ୍କଲ ମନିଟରିଂ ସିଷ୍ଟମ ସଫଳ ପ୍ରୟୋଗ ଯୋଗୁ ନେଦରଲାଣ୍ଡସ୍‌ରେ ଅପରାଧ ହାରର ଏଭଳି ହ୍ରାସ ଦେଖିବାକୁ ମିଳିଛି।

## ପ୍ରଥମ ଥର ଡବଲ ରୋଲରେ ଐଶ୍ୱର୍ଯ୍ୟା



**ମୁମ୍ବାଇ:** ନିର୍ଦ୍ଦେଶକ ମଣି ରତ୍ନମ ଏବେ ତାଙ୍କର ଡ୍ରିମ ପ୍ରୋଜେକ୍ଟ 'ପୋନ୍ନିୟିନ ସେଲଭନ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଫିଲ୍ମର ଟିମ୍ ୫୦ ଦିନର ମାରାଥନ ଶୁଟିଂ ଶେଷ କରିଛନ୍ତି। ଏହାର କିଛି ଫଟୋ ଏବେ ସାମ୍ନାକୁ ଆସିଛି। ମଣି କହିଛନ୍ତି, ସେ ତାଙ୍କର ଏହି ଫିଲ୍ମକୁ ୨ଟି ଭାଗରେ ରିଲିଜ କରିବେ। ଫିଲ୍ମର କାହାଣୀ ଦେଶର ମହାନ ଲେଖକ ତଥା କବି ଆର୍. କୃଷ୍ଣମୂର୍ତ୍ତି କଳ୍କିଙ୍କ ଐତିହାସିକ ଉପନ୍ୟାସ ଉପରେ ଆଧାରିତ। ତେବେ ଖୁବ୍ କମ ଲୋକେ ଜାଣିଥିଲେ ଯେ, ଐଶ୍ୱର୍ଯ୍ୟା ରାୟ ଏହି ଫିଲ୍ମରେ ପ୍ରମୁଖ ଚରିତ୍ରରେ ଅଭିନୟ କରୁଛନ୍ତି। ଖାଲି ସେତିକି ନୁହେଁ ଏଥିରେ ତାଙ୍କର ଡବଲ ରୋଲ ରହିଛି। କୌଣସି ଫିଲ୍ମରେ ଐଶ୍ୱର୍ଯ୍ୟା ଡବଲ ଚରିତ୍ରରେ ଅଭିନୟ କରିବା ଏହା ହେଉଛି ପ୍ରଥମ। ୫ଶହ କୋଟି ବଜେଟର ଏହି ଫିଲ୍ମରେ ସାଉଥ୍ ଇଣ୍ଡଷ୍ଟ୍ରିର କେତେଜଣ ସୁପରଷ୍ଟାରଙ୍କୁ ଦେଖିବାକୁ ମିଳିବ।

## ଓଟ ଚଢ଼ିଲେ ବର

ମହାରାଷ୍ଟ୍ରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏପରି ସ୍ଥିତିରେ ବିଡ୍ ଜିଲାରେ ଜଣେ ବର ନିଜର ବିବାହ ପାଇଁ ଭିନ୍ନ ଏକ ନିଷ୍ପତ୍ତି ନେଇଥିଲେ। କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପାଇଁ ସେ ଓଟ ଚଢ଼ି କନ୍ୟାଘରକୁ ବରଯାତ୍ରୀ ସହ ଯାଇଥିଲେ। ବିଡ ଜିଲା ସାଲେଗାଓଁର ମହାଦେବ ସଖାରାମଙ୍କ ପୁଅ ଅକ୍ଷୟଙ୍କ ବିବାହ ଐଶ୍ୱର୍ଯ୍ୟା ରଣଦିବେଙ୍କ ସହ ସମ୍ପନ୍ନ ହୋଇଛି। ୨୨ ବର୍ଷୀୟ ଅକ୍ଷୟ ପେସାରେ ଜଣେ ଖବରଦାତା। ବିଏଡ୍ କରିଥିବା ଐଶ୍ୱର୍ଯ୍ୟା ଶିକ୍ଷକତାରେ କ୍ୟାରିୟର କରିବାକୁ ଚାହାନ୍ତି। କରୋନା ପାଇଁ ଅକ୍ଷୟ ଏବଂ ତାଙ୍କ ପିତା ବିଶେଷ ସତର୍କତା ଅବଲମ୍ବନ କରିଥିଲେ। ଅକ୍ଷୟଙ୍କ ପିତା ମହାରାଷ୍ଟ୍ର ସରକାରଙ୍କ ନିୟମ ଅନୁଯାୟୀ, ୫୦ ଭିତରେ ଅତିଥିଙ୍କୁ ସାଙ୍ଗରେ ନେଇଥିଲେ। ଓଟ ସବାର ପାଇଁ ତାଙ୍କୁ ୧୨୦୦୦ ଟଙ୍କା ଦେବାକୁ ପଡ଼ିଛି।



ଜୀବନଜୟ ରାଉତରାୟ
ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଜୀବନର ଚଲାପଥ କୁଶୁମିତ ହେଉ ।
ଧ-୨୦୧୫୧

## ରହସ୍ୟରେ ଜନ୍ମ ବୃତ୍ତାନ୍ତ

# ପଞ୍ଚମର ୬ ମାସ ଭିତରେ ଷଷ୍ଠ

➥ହିଲାରିଆ ଏବଂ ଆଲେକ୍ ବଲ୍ଡୱିନ ସ୍ୱାଗତ କରିଛନ୍ତି ସେମାନଙ୍କ ମିଳିତ ଷଷ୍ଠ ଶିଶୁକୁ। ହିଲାରିଆ ନିଜ ପୁଅ ଏଡୁଆର୍ଡୋ 'ଏଡୁ' ପାଓ ଲୁକାସ୍‌କୁ ଜନ୍ମ ଦେବାର ୬ ମାସ ଭିତରେ ଭୂମିଷ୍ଠ ହୋଇଛି ଏହି ଶିଶୁ।

➥ନବଜାତକର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ମଙ୍ଗଳବାର ପ୍ରଘଟ କରିଛନ୍ତି ଯେ ତାଙ୍କ ଷଷ୍ଠ ଶିଶୁର ନାଁ ଲୁସିଆ।

➥ଫଟୋରେ ହାର୍ଟ ଇମୋଜି ସହ କ୍ୟାପ୍ସନ ଲେଖିଛନ୍ତି '୭'। ଫଟୋ କ୍ରେଡିଟ୍ ଦେଇଛନ୍ତି ସ୍ୱାମୀ ଆଲେକ୍ ବଲ୍ଡୱିନଙ୍କୁ। ଏଥିରେ ହିଲାରିଆଙ୍କ ସହ ତାଙ୍କ ୬ ଜଣ କୁନି କୁନି ଝିଅ ଓ ପୁଅଙ୍କୁ ଦେଖିବାକୁ ମିଳିଛି।

➥ଯୋଗ ଇନ୍‌ଷ୍ଟ୍ରକ୍ଟର ଲେଖିଛନ୍ତି, 'ଆମ ଝିଅ ଲୁସିଆ ପ୍ରେମରେ ଆମେ।' 'ତୋ ଭଉଣୀ ଓ ଭାଇମାନଙ୍କ ଭଳି ତୁ ଗୋଟିଏ ସ୍ୱପ୍ନ ସତ ହୋଇଛୁ।'

➥୨୦୨୦ ସେପ୍ଟେମ୍ବର ୮ରେ ଜନ୍ମିତ ପଞ୍ଚମ ଶିଶୁ ଏଡୁଆର୍ଡୋ 'ଏଡୁ' ପାଓ ଲୁକାସ୍‌ର ସାନ ଭଉଣୀ ଲୁସିଆକୁ ହିଲାରିଆ ଗର୍ଭରେ ଧାରଣ କରିଥିଲେ ନା ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ଅଥବା ସରୋଗେସି ବଳରେ ପାଇଛନ୍ତି, ସେକଥା ସ୍ପଷ୍ଟ ନୁହେଁ। ତେଣୁ ତାହା ଜାଣିବା ପାଇଁ ପ୍ରଶଂସକଙ୍କ ଉତ୍ସୁକତା ବଢ଼ିବାରେ ଲାଗିଛି।

➥ନ୍ୟୁୟର୍କ ଟାଇମ୍ସ ରିପୋର୍ଟର କେଟି ରୋସ୍‌ମାନ ଟୁଇଟରରେ ଲେଖିଛନ୍ତି, ଶିଶୁର ଜନ୍ମ ସମ୍ପର୍କରେ ଜାଣିବା ପାଇଁ ହିଲାରିଆଙ୍କ ପବ୍ଲିସିଷ୍ଟଙ୍କୁ ପ୍ରଶ୍ନ କରିବାରୁ 'ଆମେ ଏକଥା ଶେୟାର କରୁନାହୁଁ' ବୋଲି ଉତ୍ତର ଦେଇଥିଲେ।



➥ପ୍ରତିକ୍ରିୟା ପାଇଁ ବାରମ୍ବାର ଅନୁରୋଧକୁ ୨୦୧୨ରେ ପରସ୍ପରର ହାତ ଧରିଥିବା ଏହି ଯୋଡ଼ି ବିଲକୁଲ ଶୁଣି ନ ଥିଲେ।

➥୨୦୧୯ ନଭେମ୍ବରରେ ହିଲାରିଆ ତାଙ୍କ ମିସ୍‌କ୍ୟାରେଜ୍ ସମ୍ପର୍କରେ ଖୋଲି କହିଥିଲେ। ସେତେବେଳେ ଗର୍ଭସ୍ଥ ଶିଶୁ ମାତ୍ର ୪ ମାସରେ ଆଖି ବୁଜି ଦେଇଥିଲା।

➥ନବଜାତକ ଓ ଏଡୁଙ୍କ ସହ ହିଲାରିଆଙ୍କ ଅନ୍ୟ ୪ ପିଲା ଅଛନ୍ତି– ରୋମିଓ(୨), ଲିଓନାର୍ଡୋ(୪), ରାଫାଏଲ୍(୫) ଏବଂ କାର୍ମେନ୍ (୭)।

➥ଆଲେକ୍‌ଙ୍କ ମଧ ଜଣେ ୨୫ ବର୍ଷୀୟା ଝିଅ ଅଛନ୍ତି, ଯାହାଙ୍କ ନାମ ଆୟର୍ଲାଣ୍ଡ। ଇଏ ଆଲେକ୍‌ଙ୍କ ପୂର୍ବ ସ୍ତ୍ରୀ କିମ୍ ବାସିନଗେରଙ୍କଠାରୁ ଜନ୍ମିତ।

➥ସୋସିଆଲ ମିଡିଆରେ '୭' ଶୀର୍ଷକ ଫଟୋ ଦେଖି ବିସ୍ମିତ ୟୁଜର୍ସ କମେଣ୍ଟ ଦେବାରେ ଲାଗିଲେ, 'ପଞ୍ଚମର ୬ ମାସ ନ ବିତୁଣୁ ଷଷ୍ଠ କିପରି ଜନ୍ମ ହେଲା ?' ଏହା ସହ ଆହୁରି ଅନେକ ନକାରାତ୍ମକ କମେଣ୍ଟକୁ ପଢ଼ି ହିଲାରିଆ ଉକ୍ତ ପୋଷ୍ଟର 'କମେଣ୍ଟସ୍' ସେକ୍ସନକୁ ବ୍ଲକ୍ କରି ଦେଇଛନ୍ତି। ଆଲେକ୍ ବଲ୍ଡୱିନ୍ ମଧ ବିରକ୍ତ ହୋଇ ଗାଳି କରିବା ସହ 'ନିଜ କଥାରେ ମୁଣ୍ଡ ଖେଳାଅ' ବୋଲି ୟୁଜର୍ସଙ୍କୁ କହିଛନ୍ତି।

➥ଆମେରିକୀୟ ପୋଡ୍‌କାଷ୍ଟର ହିଲାରିଆଙ୍କ ଜନ୍ମ ୧୯୮୪ ଜାନୁୟାରୀ ୬ରେ ହୋଇଥିଲା। ଏହି ୩୭ ବର୍ଷୀୟା ଲେଖିକା ଯୋଗ ମଧ ଶିଖାନ୍ତି। ନ୍ୟୁୟର୍କରେ ତାଙ୍କର 'ୟୋଗା ବିଦା' ନାମରେ ଯୋଗ ଷ୍ଟୁଡିଓ ଶୃଙ୍ଖଳା ରହିଛି।

➥୧୯୫୮ ଏପ୍ରିଲ ୩ରେ ଜନ୍ମିତ ଆଲେକ୍‌ଜାଣ୍ଡାର ରାଏ ବଲ୍ଡୱିନ (ଆଲେକ୍) ତୃତୀୟ ଜଣେ ଆମେରିକୀୟ ହାସ୍ୟାଭିନେତା। ଏହି ୬୨ ବର୍ଷୀୟ ଆକ୍ଟର ଏକାଧାରରେ ଜଣେ ଫିଲ୍ମ ପ୍ରଡ୍ୟୁସର ଓ ଆକ୍ଟିଭିଷ୍ଟ ମଧ। ସେ ୧୯୯୩ରେ ଅଭିନେତ୍ରୀ ତଥା ସିଙ୍ଗର କିମ୍ ବାସିନଗେରଙ୍କୁ ବିବାହ କରିଥିବାବେଳେ ୨୦୦୨ରେ ଛାଡ଼ପତ୍ର ଦେଇଥିଲେ।

➥ଅତୀତର ଫ୍ୟାଶନ ମଡେଲ କିମ୍‌ଙ୍କୁ ଏବେ ୬୭ ବର୍ଷ। ୧୯୮୦ ଦଶକରେ ସେ 'ସେକ୍ସ ସିମ୍ବଲ' ରୂପେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଝିଅ ଆୟର୍ଲାଣ୍ଡ ବାସିନଗେର ବଲ୍ଡୱିନ ମଧ ଜଣେ ମଡେଲ ତଥା ଅଭିନେତ୍ରୀ।

➥ଫ୍ୟାନ୍‌ମାନେ ଏବେ ବି ନୂଆ ଶିଶୁର ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ଅଜ୍ଞ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ କରୁଛନ୍ତି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

SMS JOB BUSINESS
Send SMS, Earn Money



ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଶ୍ୱନାଥ ସାହୁ (ବାବେନା)
ବାଲିଅନ୍ତା, ଭୁବନେଶ୍ୱର
ତିରୋଧାନ: ୨୪।୦୨।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ଭାଇ: କାଶୀ, ରଘୁ, ରବି, ଝିଅ: ରୋଜି, ପୂଜା, ଲିସା, ଜ୍ୱାଇଁ: ରାକେଶ, ପ୍ରତୀକ, ପୁତୁରା: ଗୋପାଳ, ଆଶୁ, ସିମୁନ ଓ ବନ୍ଧୁ ପରିବାରବର୍ଗ ।
ଧ-୪୬୨୯୬

୨୧ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା
ଲକ୍ଷ୍ମୀବଜାର, ଢେଙ୍କାନାଳ
ଭୂତପୂର୍ବ ଶାଖା ପରିଚାଳକ, ଏସ୍‌ବିଆଇ ବଇଣ୍ଡା ଶାଖା
ଆବିର୍ଭାବ: ୧୬।୦୪।୧୯୪୫
ତିରୋଧାନ: ୦୬।୦୩।୨୦୦୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
ପତ୍ନୀ: ଇଲା, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୭୦୩୧୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ ବାବାଜୀ ଚରଣ ଗଜେନ୍ଦ୍ର
ବଡଗଡ, ନୂଆସାହୀ, ଭୁବନେଶ୍ୱର
ଆପଣଙ୍କ ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛୁ ।
–: ଶୋକ ସନ୍ତପ୍ତ :–
ଗଜେନ୍ଦ୍ର ପରିବାର ଓ ବନ୍ଧୁବର୍ଗ ।
ଧ-୨୦୧୪୨

## ଫଟୋକୁ ନେଇ ଜେଲ୍‌ର ୬୦୦ ତାଲା ବଦଳିଲା



ଯେତେବେଳେ କୌଣସି ବ୍ୟକ୍ତି ଜୀବନର ପ୍ରଥମ ଚାକିରି ଆରମ୍ଭ କରନ୍ତି ସେତେବେଳେ ଚେଷ୍ଟା କରିଥାନ୍ତି ତାଙ୍କ ନିଯୁକ୍ତି ସମୟର ଫଟୋ ସବୁଠୁ ଭଲ ହେଉ। ମାତ୍ର ଜର୍ମାନୀର ଜଣେ ଯୁବକ ପ୍ରଥମ ଚାକିରିରେ ଯାହା କରିଛନ୍ତି ତାହା ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ତାଙ୍କର ସାମାନ୍ୟ ଭୁଲ ପାଇଁ ତାଙ୍କୁ ଘରେ ରହିବାକୁ ପଡ଼ିଲା। ଏଥିଯୋଗୁ ତାଙ୍କ ଇଣ୍ଟର୍ନଶିପ ମଧ ଶେଷ ହେଲା। ଜର୍ମାନୀର ବର୍ଲିନ-ବ୍ରେଡେନବର୍ଗ ମହାନଗର ଅଞ୍ଚଳରେ ରହୁଥିବା ଜେବିଏ ହିଡରିଙ୍ଗ ଜେଲରେ ଇଣ୍ଟର୍ନଶିପ ପାଇଥିଲେ। ଯୁବକଙ୍କ ବନ୍ଧୁ ତାଙ୍କ ନୂଆ ଚାକିରି ସମ୍ପର୍କରେ ଜାଣିବା ପାଇଁ ଚାହିଁଥିଲେ। ଏଥିପାଇଁ ଜେବିଏ ଜେଲ ଭିତରର ଫଟୋ ଉଠାଇ ବନ୍ଧୁଙ୍କ ନିକଟକୁ ପଠାଇଥିଲେ। ଏହି ଫଟୋରେ ଜେଲ ସମସ୍ତ ଚାବିପେନ୍ଥା ମଧ ଥିଲା। ଚାବିର ଫଟୋ ସାର୍ବଜନିକ ହେବା ପରେ ଜେଲ କର୍ତ୍ତୃପକ୍ଷ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଜେଲରେ ମୋଟ ୬୫୭ କଏଦୀ ରହୁଥିଲେ। ଫଟୋ ଦେଖି କଏଦୀମାନେ ନକଲି ଚାବି ତିଆରି କରି ସହଜରେ ଖସି ପଳାଇବେ। ଯୁବକଙ୍କ ଫଟୋ ଉଠାଇବା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା। ମାତ୍ର ଏଥିରେ ଜେଲ ସୁରକ୍ଷା ବିପଦପୂର୍ଣ୍ଣ ହୋଇଥିଲା। ତେଣୁ ଜେଲ କର୍ତ୍ତୃପକ୍ଷ ୬୦୦ ତାଲାକୁ ବଦଳାଇବା ପାଇଁ ନିଷ୍ପତ୍ତି ନେଇଥିଲେ।

OFFICE OF THE PANCHAYAT SAMITI, KALIMELA
Post- Kalimela, Dist. Malkangiri, PIN No.764047,
Phone No.-06850-272217, E-Mail: ori-kalimela@nic.in
Advertisement No.: DTCN No.02/2020-21 Date 04.03.2021

Sealed tenders are invited from the intending bidders (Manufacturer/Dealer) to quote their rate for 11 (Eleven) Nos. of up gradation of Anganwadi Centres under Scheme: SCA 2019-20, 13 (Thirteen) No. of Model AWC under the Scheme: SCA 2018-19 & 02 Nos. of Const. of open Gym under the Scheme, 2019-20. The interested bidders (Manufacturer/Dealer) may submit the tender documents complete in all respect along with paper cost (Non-refundable) and other requisite documents on or before 16.03.2021 by 5.30 P.M. addressing to the Block Development Officer, Kalimela, P.O./Dist.: Malkangiri, Pin- 764047 by Registered Post/Speed Post only.

The other details like Project List, terms & conditions, general instructions for the bidders etc. are available in the Notice Board of Block Office, Kalimela & District Website: www.malkangiri.nic.in.

Sd./- Block Development Officer, Kalimela

Government of Odisha
Office of the Superintending Engineer
Nothern Circle, Rural Works, Angul
E-Mail: sencrwangul@yahoo.co.in, Ph.- 06764-236404
e-Procurement Notice for Bridge work in Odisha
Bid Identification No. Bridge Online AGL-17/2020-21

No.636 Dt.1.3.2021

No.O-1207:- 1. Name of the work: Bridge works. 2. Total No. of work: 1 No. 3. Estimated cost : Rs.494.10 lakhs. 4. Class of contractor : 'A' & Special Class. 5. Period of completion: 18 (Eighteen) calendar months. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works, Angul | Bridge Online AGL-17/2020-21 | 08.03.21 at 10.00 A.M. | 22.03.21 upto 5.00 P.M. | 17.03.2021 upto 1.00 P.M. | 23.03.21 at 11.00 A.M. | 31.03.21 at 11.00 A.M. |

(1) For detailed Notice inviting tenders, please visit to the website www.tendersorissa.gov.in
OIPR-25049/11/0016/2021 Sd./- Superintending Engineer, N.C., Rural Works, Angul

## ଖିଲିଖିଲି ହସ

ସାଣ୍ଟା–ଆରେ, ତୋ ନୂଆ ସାଙ୍ଗର ନା କ'ଣ ?
ବାଣ୍ଟା– ଗୁଗୁଲ ପଣ୍ଡା ।
ସାଣ୍ଟା– ଗୁଗୁଲ ! ଆରେ ରେ ଇଏ କି ନାଁ ?
ବାଣ୍ଟା–ତାଙ୍କ ନାଁ ଏମିତି ଦିଆଯାଇଛି କାହିଁକି ନା, ତାଙ୍କୁ ଗୋଟେ କଥା ପଚାରିଲେ ସେ ଆଦୌ ବିଳମ୍ବ ନ କରି ୧୦ ପ୍ରକାରର ଉତ୍ତର ଦିଅନ୍ତି ।

ମୁନୁ– ଆରେ ଟୁକୁନା, ତୋ ବାପା ଜଣେ ଟେଲର, ଆଉ ତୋ ଶାର୍ଟ ଚିରିଯାଇଛି ! ବହୁତ ଲାଜ କଥା ।
ଟୁକୁନା– ଯା'ଠାରୁ ବି ଲାଜର କଥା ହେଉଛି ତୋ ବାପା ଜଣେ ଡେଣ୍ଟିଷ୍ଟ କିନ୍ତୁ ତୋ ସାନ ଭାଇ ବିନା ଦାନ୍ତରେ ଜନ୍ମ ହେଲା କେମିତି !

ବଲ୍ଟୁ– ନା, ନା ମୁଁ ଏଠି ଆଦୌ ରହିପାରିବିନି... ଏତେ ଛୋଟ ରୁମ୍, ନା ଝରକା ନା ବାଥରୁମ୍ କିଛି ନାହିଁ । ତୁରନ୍ତ ମୋ ଟଙ୍କା ଫେରସ୍ତ କର ।
ଘର ମାଲିକ– ହେଲେ ଏଇଟା ତ...
ବଲ୍ଟୁ– ନା, ନା ମୋର ଟଙ୍କା ଫେରସ୍ତ ଦରକାର । ଏତେ ଛୋଟ ଘରେ ମୁଁ ରହି ପାରିବିନି ।
ଘର ମାଲିକ– ଆରେ ମୂର୍ଖ, ଏଇଟା ହେଉଛି ଲିଫ୍ଟ, ଘର ଉପରେ ଅଛି ।

## ଆଇନା




## କବିତା



### ବାସୁଆ ବୃଷଭର ଆନନ୍ଦ

ବୃଷଭ ଆନନ୍ଦ କହିଲେ ନ ସରେ
ତା' ପ୍ରଭୁ ଆସିବେ ମର୍ତ୍ତେ,
ଭକତଙ୍କୁ ଡାକି କହେ ଦେଖ ଦେଖ
ଦେଖ ଆହେ ଭକ୍ତି ଚିତ୍ତେ ।
ବେଲପତ୍ର ଘିଅ ଧୂପ ବାସନାରେ
ମହକଇ ଶିବାଳୟ,
ମନ ନୟନରେ ଦେଖ ପ୍ରେମ ଭରେ
ଚତୁଃପାର୍ଶ୍ୱ ଶିବମୟ ।
ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ଆଜି
ମହା ଶିବରାତ୍ରି ଅଟେ,
ନିର୍ଜଳା ରହି ପଞ୍ଚାକ୍ଷର ଜପି
ଭକତରେ ଯେ ରାତି କାଟେ ।
ରାତିରେ ମନ୍ଦିରେ ଶିବରାତ୍ରି ଦିନ
ମହାଦୀପ ଯେବେ ଉଠେ,
ଶଙ୍ଖ ହୁଳହୁଳି ଜୟ ଶିବ ଶମ୍ଭୁ
ଧ୍ୱନି କମ୍ପେ ଶୈବ ପୀଠେ ।
ମୋ (ବାସୁଆ)ରେ ତୁମ କାମନା କହିଲେ
ଜାଣିବେ ଚନ୍ଦ୍ରମଉଳି,
ଆଶୁତୋଷ ପ୍ରଭୁ କ୍ଷଣକେ ପ୍ରସନ୍ନ
ଦେବେଟି ଆଶିଷ ଢାଳି ।

*–ସବିତା ମଞ୍ଜରୀ ଦାଶ,*
*ଫ୍ଲଟ ନଂ–୭/ଡି, ୧୩୧୦, ସେକ୍ଟର–୯, ସିଡିଏ, କଟକ*

### ଓଁ ନମଃ ଶିବାୟ

ଜ୍ଞାନ ପ୍ରଜ୍ଞା ଦାତା, ତ୍ରିଭୁବନ କର୍ତ୍ତା
ଗଙ୍ଗାଧର ଶିବ ଶଙ୍କର,
ମଙ୍ଗଳକର୍ତ୍ତା ଅଭୟଦାତା
ଭସ୍ମ ବିଭୂଷିତ ଜଟାଧର ।
ଡମ୍ବରୁଧର, ବ୍ରହ୍ମପ୍ରତୀକ
ଜ୍ଞାନ ଚକ୍ଷୁ ଉନ୍ମେଷ ହେଉ,
ଜଗତ ମିଥ୍ୟା–ବ୍ରହ୍ମ ହିଁ ସତ୍ୟ
ବିବେକ ଓଁ ମନ୍ତ୍ର ଉଚ୍ଚାରଉ ।
ସର୍ପ ବିଭୂଷଣ, ହେ ଦୁଃଖ ହରଣ
ପଶୁପତିନାଥ, ଭୋଳାନାଥ,
ନଟରାଜ, ହର, ଜଗଦୀଶ ପ୍ରଭୁ
ପ୍ରଳୟଙ୍କର ଆଦିନାଥ ।
ଅରଖ, କେତକି, ଦୁଦୁରା, ଗୟସ
ବିଲ୍ୱଦଳ ଦେଇ ତୁମ ମାଥେ,
ପ୍ରଣତି ଜଣାଏ ପ୍ରଭୁ ଲୋକନାଥ
ସାରା ଜଗତ କଲ୍ୟାଣ ଅର୍ଥେ ।
ହେ ସୃଷ୍ଟିକର୍ତ୍ତା ତୁମେ ରକ୍ଷାକର୍ତ୍ତା
ତୁମେ ହିଁ ସଂହାର କରିପାର,
ଅଜ୍ଞାନ ଜନେ କୃପା କରିବାରେ
ଜ୍ଞାନ ନେତ୍ରେ ଅମୃତ ଭର ।
ପ୍ରକୃତି ବିକାଶ, ଧରିତ୍ରୀ ଉଶ୍ୱାସ
ହେବାକୁ ମାନବେ ଆଜ୍ଞା ହେଉ,
'ମହା ଶିବରାତ୍ରି' ପାଳନେ ସଙ୍କଳ୍ପ
ଆମ ମନେ ସଦା ରହିଥାଉ ।

*–ଡ. ଗଙ୍ଗୋତ୍ରୀ ଦେବୀ,*
*ଏଗ୍ରିକଲଚର କଲୋନୀ, ୟୁନିଟ୍–୮, ଭୁବନେଶ୍ୱର*



### ହେ ଶିବ ଶଙ୍କର

ହୃଦୟର ବ୍ୟଥାକୁ ହୃଦୟେ ରଖି ମୁଁ
ନିଏ ତୁମ ପାଦେ ଶରଣ
ତୁମ କୃପାବାରି ଝରୁ ହେ ଶଙ୍କର
ବନ୍ଦାଏ ତୁମ୍ଭର ଚରଣ ।
ନିରିମାଖୀ ଆଖି ଭରିଛି ଲୁହରେ
ତୁମରି କରୁଣା ପାଇଁ କି
ମୋର ଇଚ୍ଛା ଆଜି ଶିବମୟ ହେଉ
ତ୍ରିନୟନେ ଦିଅ ଚାହିଁକି ।
ଶିବ ଶମ୍ଭୁ ନାମେ ମନ୍ଦିର କମ୍ପୁଛି
ବନ୍ଦନା କରେ ମୁଁ ଭକ୍ତିରେ
ରକ୍ଷାକର ଆହେ ପାରବତୀ ପତି
ତୁମ ସେ ତ୍ରିଶୂଳ ଶକ୍ତିରେ ।
ଦୁଦୁରା ଚମ୍ପା ଓ ଅରଖର ଫୁଲ
ପାଦେ ତୁମ ଦିଏ ଅଜାଡ଼ି
ମୁଖେ ଉଚ୍ଚାରି ମୁଁ ଓଁକାର ଶବଦ
ଭୋଗ ରାଗ ଦିଏ ସଜାଡ଼ି ।
ଅଗତିର ଗତି ହେ ଦାତା ମୁକତି
ଦେବଙ୍କର ଦେବ ଈଶ୍ୱର
ଅଳ୍ପେ ତୋଷ ହୋଇ ହେ ଚନ୍ଦ୍ରଶେଖର
ହିତ କର ଏହି ବିଶ୍ୱର ।

*–ଝରଣା ବାରିକ,*
*ସମଲ, ତାଳଚେର, ଅନୁଗୋଳ*



## କହିଲ ଦେଖି

ବସନ୍ତ ଋତୁରେ
ଗଛ ଡାଳରେ
ମଧୁର ସ୍ୱରରେ
କୁହୁ କୁହୁ ଶବ୍ଦରେ
ଗୀତ ଗାଏରେ
ତା' ନାମ କୁହରେ ।

**ଉତ୍ତର : କୋଇଲି**



କା କା କରି ସିଏ ରାବଇ
ଶୁଭ ଅଶୁଭର ସଙ୍କେତ ଦେଇ
ପ୍ରଭାତ ସମୟେ ଉଠାଇ ଦେଇ
ପଚାଶଢ଼ା ଖାଦ୍ୟ ଖାଇ
ପରିବେଶକୁ ରଖେ ସଫେଇ
ତା' ନାମ କିଏ କହିବ ଭାଇ ।

**ଉତ୍ତର : କାଉ**




ନାଲି ଥଣ୍ଟକୁ ସବୁଜ ଦେହ
ପୋଷା ମାନିଲେ କଥା ସେ କୁହେ
ମକା ଖାଇବାକୁ ପାଏ ସେ ଭଲ
ବଣଜଙ୍ଗଲରେ ଉଡ଼ି ବୁଲେ
ତା' ନାମ କିଏ କହିବ ପିଲେ ।

**ଉତ୍ତର:ଶୁଆ।**



**–ରୋହିତ କୁମାର ମଳିକ,**
ଅଣ୍ତରାଇ, ବୋଡ଼କ, ଭଦ୍ରକ

## ଟଗଲା ଭୀମୁ




## ଅନୁତାପ

ଗପ



ପ୍ରାର୍ଥନା ସରିବା ପରେ ସମସ୍ତ ପିଲା ନିଜ ନିଜ କ୍ଲାସ ରୁମରେ ପହଞ୍ଚି ଗଲେ । ଫାଷ୍ଟ ପିରିୟଡ଼ ଆରମ୍ଭ ହେବାକୁ କିଛି ସମୟ ବାକି ଥାଏ । ୭ମ କ୍ଲାସରେ ପଢୁଥିବା ଶାନ୍ତନୁ ହଠାତ୍ ଶିକ୍ଷକଙ୍କ ଚେୟାରରେ ବସିପଡ଼ିଲା । ତା'ର ଏଭଳି ଭେଳିକି ଦେଖି କ୍ଲାସର ଅନ୍ୟ ପିଲାମାନେ ହସି ଉଠିଲେ । କିଛି ସେକେଣ୍ଡ ପରେ ସେ ଛିଡ଼ା ହେଲା ଓ ରୁମାଲରେ କପାଳ ପୋଛିବାର ଅଭିନୟ କରି କହିଲା, ଯେତେପର୍ଯ୍ୟନ୍ତ ମୁଁ ଆଟେଣ୍ଡାନ୍ସ ନେଉଛି ତୁମେମାନେ ସାଇନ୍ସ ବୁକ୍ ବାହାର କର ଯେଉଁ ବିଷୟ ମୁଁ ଗତକାଲି ପଢ଼ାଇଥିଲି... ଏତକ କହିବା ପରେ ଦୁଇଥର ଖଣ୍ଟି କାଶର ଶବ୍ଦ କଲା । ତା' ଅଭିନୟକୁ ଦେଖି ଅନ୍ୟ ବିଦ୍ୟାର୍ଥୀମାନେ ଖିଲି ଖିଲି ହସୁଥାନ୍ତି । ସେତିକିବେଳେ ପ୍ରଥମ ଲାଇନରେ ବସିଥିବା ଅଭିଜିତ କହିଲା, 'ଶାନ୍ତନୁ ଶୀଘ୍ର ନିଜ ସିଟକୁ ପଳେଇଆ, ତ୍ରିପାଠୀ ସାର୍ ଆସୁଥିବେ ।'

ସେଦିନ ତ୍ରିପାଠୀ ସାର୍‌ଙ୍କ ଦେହ ଖରାପ ଥିବାରୁ ସ୍କୁଲ ଆସିପାରିଲେ ନାହିଁ । ପ୍ରିନ୍ସିପାଲ ସାର୍ ତାଙ୍କ ବଦଳରେ ଅଭୟ ସାର୍‌ଙ୍କୁ ୭ମ କ୍ଲାସରେ ଆଟେଣ୍ଡାନ୍ସ ନେବାକୁ ପଠାଇଲେ । ଅଭୟ ସାର୍ କ୍ଲାସ ରୁମ୍‌ର ଦ୍ୱାର ନିକଟରେ ପହଞ୍ଚି ଥାଆନ୍ତି ଶାନ୍ତନୁ ତ୍ରିପାଠୀ ସାର୍‌ଙ୍କ ସ୍ୱରକୁ ନକଲ କରି ପାଠ ପଢ଼ାଉଥିବାର ଅଭିନୟ ଶୁଣି ପାରିଲେ । ସେ କବାଟ ସାଇଡ୍‌ରେ ଛପି ରହି ଧ୍ୟାନର ସହ ତା' ଅଭିନୟକୁ କିଛି ସମୟ ଦେଖିସାରି କ୍ଲାସ ରୁମ ଭିତରକୁ ଆସିଲେ ।

ହଠାତ୍ ତାଙ୍କୁ ଦେଖିବା କ୍ଷଣି ସମସ୍ତ ବିଦ୍ୟାର୍ଥୀ ସଜାଗ ହୋଇ ଚୁପଚାପ ନିଜ ନିଜ ସିଟରେ ବସିଗଲେ । ଶାନ୍ତନୁ ଶଙ୍କିତ ଅବସ୍ଥାରେ ତା' ସିଟ ପାଖକୁ ଦଉଡି ଯାଇ ବସି ପଡ଼ିଲା । ଅଭୟ ସାର ତା' ପାଖକୁ ଯାଇ ଗାଲ ଥାପୁଡ଼ାଇ କହିଲେ, 'ବହୁତ ବଢ଼ିଆ ଅଭିନୟ କରୁଛୁ ତ ?'

ଅଭୟ ସାର୍‌ଙ୍କ କଥା ସରି ନ ଥାଏ ଶାନ୍ତନୁ କାକୁସ୍ଥ ହୋଇ କହି ଉଠିଲା, 'ସରି ସାର, ଆଉ କେବେ ଏମିତି କରିବିନି ।'

ଅଭୟ ସାର୍ କହିଲେ, 'ଏଥିରେ ଭୟ କରିବାର କ'ଣ ଅଛି । ଏଇଟା ତ ତୋର ଟ୍ୟାଲେଣ୍ଟ । ଏମିତି ସମସ୍ତେ କରିପାରନ୍ତି ନାହିଁ ।' 'ତା'ହେଲେ ଆପଣ କ'ଣ ମୋ ଅଭିଯୋଗ ତ୍ରିପାଠୀ ସାର କି ପ୍ରିନ୍ସିପାଲ ସାର୍‌ଙ୍କ ପାଖେ କରିବେନି ? ଶାନ୍ତନୁ ଭୟାତୁର ହୋଇ ପଚାରିଲା ।'

ସାର୍ କହିଲେ, 'ନା କରିବିନି ହେଲେ ତୋତେ ମୋର ଦୁଇଟି କଥା ମାନିବାକୁ ହେବ ।' କ'ଣ ସାର ? ଶାନ୍ତନୁ ଉତ୍ସାହିତ ହେଉଥାଏ । ପ୍ରଥମ କଥା ଭବିଷ୍ୟତରେ କେବେ କୌଣସି ଶିକ୍ଷକଙ୍କ ନକଲ କରି ଅଭିନୟ କରିବୁ ନାହିଁ । କାରଣ ଏହାଦ୍ୱାରା ଶିକ୍ଷକ ନିଜ ଛାତ୍ରଙ୍କଠାରୁ ଅସମ୍ମାନିତ ହୋଇଥାନ୍ତି । ଦ୍ୱିତୀୟ କଥା ନିଜ ଟ୍ୟାଲେଣ୍ଟକୁ ଉପଯୁକ୍ତ ସ୍ଥାନରେ ପରିବେଷଣ କରିବୁ । ଅଭୟ ସାରଙ୍କ କଥା ଶୁଣି ଶାନ୍ତନୁ ପଶ୍ଚାତ୍ତାପ ଭରା ସ୍ୱରରେ କହିଲା, ସାର୍ ମୁଁ ଆପଣଙ୍କ ନିକଟରେ ପ୍ରମିଶ୍ କରୁଛି ଆଉ କେବେ କୌଣସି ସାର୍‌ଙ୍କ ନକଲ କରିବି ନାହିଁ । ଶାନ୍ତନୁର ସ୍ପଷ୍ଟବାଦିତାରେ ଖୁସି ହୋଇ ଅଭୟ ସାର୍ କହିଲେ– ଭେରିଗୁଡ଼୍, ଏବର୍ଷ ସ୍କୁଲର ଆନୁଆଲ ଫଙ୍କ୍‌ସନରେ ଆକବର ବୀରବଲ ହାସ୍ୟ ନାଟିକା ହେବ । ସେଥିରେ ବୀରବଲର ଭୂମିକା ତୁ କରିବୁ । ଶାନ୍ତନୁକୁ ବିଶ୍ୱାସ ହେଉ ନ ଥାଏ ସାର୍ ତାକୁ ସତରେ ଡ୍ରାମାରେ ଅଭିନୟ କରିବାକୁ କହୁଛନ୍ତି । ତା'ପରଠାରୁ ଶାନ୍ତନୁ କୌଣସି ସାର୍‌ଙ୍କ ନକଲ କରିବା ଛାଡ଼ି ଦେଲା । ଅଭୟ ସାର୍‌ଙ୍କ କହିବା ଅନୁସାରେ ଡ୍ରାମାରେ ବୀରବଲ ଭୂମିକା ପାଇଁ ପ୍ରାକ୍ଟିସ କଲା ।

କିଛିଦିନ ପରେ ସ୍କୁଲର ଆନୁଆଲ ଫଙ୍କ୍‌ସନରେ ଆକବର ବୀରବଲ ହାସ୍ୟ ନାଟିକାକୁ ସମସ୍ତେ ପସନ୍ଦ କଲେ । ବିଶେଷ ରୂପେ ବୀରବଲ ଅଭିନୟ କରୁଥିବା ଶାନ୍ତନୁକୁ ସମସ୍ତେ ପ୍ରଶଂସାରେ ପୋତି ପକାଉ ଥାନ୍ତି । ନାଟକ ଶେଷ ହେବା ପରେ ପ୍ରିନ୍ସିପାଲ ସାର୍ ଶାନ୍ତନୁକୁ ବେଷ୍ଟ ଆକ୍ଟର ପ୍ରାଇଜ ପ୍ରଦାନ କଲେ । ପ୍ରାଇଜ ପାଇବା ପରେ ଖୁସିରେ ବିଭୋର ଶାନ୍ତନୁ ତା'ର ଅତି ପ୍ରିୟ ଅଭୟ ସାର୍‌ଙ୍କୁ ଖୋଜୁଥାଏ । ଅଭୟ ସାର୍ ଷ୍ଟେଜର ଗୋଟେ ସାଇଡ଼ରେ ଛିଡା ହୋଇ ଉତ୍ସାହିତ ମନରେ ତାଳି ମାରୁଥାନ୍ତି । ତାଙ୍କ ଆଖିରେ ଆଖି ମିଶିବା କ୍ଷଣି ଶାନ୍ତନୁ ଆଖିରେ ଖୁସିର ଲୁହ ଜକେଇ ଆସିଲା ।

**–ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି–୭୪,ସେକ୍ଟର–୧, ସଲ୍‌ଟଲେକ, କଲିକତା
ମୋ:୯୮୩୧୩୭୩୫୧୨

## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଉଥିବା 'କହିଲ ଦେଖି' ସ୍ତମ୍ଭରେ ବିଭିନ୍ନ ବିଷୟରେ ସୁନ୍ଦରଭାବେ ବର୍ଣ୍ଣନା କରାଯାଉଛି ।
*–କୁନମୁନ୍ ମହାନ୍ତି, ଜଗତ୍‌ସିଂହପୁର*

➤ଗତ ସପ୍ତାହରେ 'କବିତା' ସ୍ତମ୍ଭରେ ପ୍ରକାଶିତ କବିତାରେ ପରିବେଶ ସଚେତନତା ନେଇ ବାର୍ତ୍ତା ରହିଥିଲା । ତେଣୁ ପଢିବାକୁ ଭଲ ଲାଗିଲା ।
*–ମାନସ ସାହୁ, କେନ୍ଦ୍ରାପଡା*


➤'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ 'ଏକ ସଙ୍ଗରେ ୩୦ ହୁପ୍ସ' ବିଷୟରେ ବ୍ୟକ୍ତି ଜଣକ ଏତେଗୁଡ଼ିଏ ରିଙ୍ଗ୍‌କୁ କିପରି ବୁଲାଇଛନ୍ତି ଭାବିଲେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି । *–ଟିମ୍‌ଟିମ୍ ଜେନା, ଭଦ୍ରକ*

'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥିବା ଚିତ୍ରଗୁଡିକ ସୁନ୍ଦର ଲାଗୁଛି ।
*–ରାମଚନ୍ଦ୍ର ତିଆଡି, ଜଗତ୍‌ସିଂହପୁର*

## ତୁମ ତୂଳୀରୁ




**କ୍ରୀଶଙ୍ଗ ପ୍ରଧାନ**
କ୍ଲାସ–୧, ଡିଏଭି ସ୍କୁଲ, କଳିଙ୍ଗ ନଗର




**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ– ୧, ଏସ.ଆର୍ ଡିଗି ସ୍କୁଲ, ହାଇଦ୍ରାବାଦ




**ଓମ୍‌ପ୍ରକାଶ ବାରିକ**
କ୍ଲାସ– ୬, ବସନ୍ତପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, ପଶ୍ଚିମବଙ୍ଗ

## ତୁମ ପଢ଼ିବା ପାଇଁ

### ମୋ ଆଶା

ତ୍ରୟମାସିକ ଶିଶୁ–କିଶୋର ପତ୍ରିକା 'ମୋ ଆଶା'ର ଚଳିତ ବର୍ଷର ଜାନୁୟାରୀ–ମାର୍ଚ୍ଚ ସଂଖ୍ୟାରେ ସ୍ଥାନିତ ହୋଇଛି ଅନେକ ଶିକ୍ଷଣୀୟ ବିଷୟବସ୍ତୁ । ନିୟମିତ ସ୍ତମ୍ଭ ସହ ସେଗୁଡିକ ମଧ୍ୟରେ ରହିଛି 'କୁବେରଙ୍କ ଅହଂକାର, ସର୍ବଜଣା ଗଛ, ଟିନା ପାଇଁ ନାନାବାୟା, ଗଣିତ ମନ୍ତ୍ର, ପାଟିର କାମ, ସୀମା ସୈନିକ, ନୂଆ ବରଷ, ନିଜର ଭାଗ୍ୟ ଆଦି ବିଷୟବସ୍ତୁ । ସୁମନ୍ତ ମହାରଣାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଏହି ସଚିତ୍ର ପତ୍ରିକାର ମୂଲ୍ୟ ରହିଛି ୨୦ଟଙ୍କା । ଯୋଗାଯୋଗ : 'ମୋ ଆଶା', ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ, ପିନ୍–୭୫୨୧୦୬ ।



## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ରୋଷେଇରେ ରେକର୍ଡ

ପିଲାମାନେ ତୁମେ ତ ଜାଣିଛ ସମସ୍ତେ ଭିନ୍ନ ଭିନ୍ନ ଶୈଳୀରେ ରୋଷେଇ କରନ୍ତି । ଠିକ୍ ଏମିତି କିଛି ରୋଷେଇ କରି ଗିନିଜ୍ ରେକର୍ଡ କରିଛନ୍ତି ମେକ୍ସିକୋର ଜଣେ ବିକ୍ରେତା ଆଡଜୁଡିକେଟର କାର୍ଲୋସ ଟପିଆ ରୋଜାସ୍ । ୨,୯୮୦ କିଲୋଗ୍ରାମର ଗୁଆକାମୋଲ (ମେକ୍ସିକୋର ଏକ ପ୍ରକାରର ଖାଦ୍ୟ) ପ୍ରସ୍ତୁତ କରି ପରଷିଛନ୍ତି । ୮୧୫ ଜଣ ମିଶି ଏତେ ପରିମାଣର ଖାଦ୍ୟ ରାନ୍ଧିଥିଲେ । ଆଉ ଏଥିପାଇଁ ବ୍ୟବହାର ହୋଇଥିଲା ୨୫,୦୦୦ଟି ଆଭୋକାଡୋ, ୩,୫୦୦ଟି ଟମାଟୋ, ୩୦୦୦ଟା ଲେମ୍ବୁ, ୭୫୦ଟି ପିଆଜ ଏବଂ ୯୦ ବିଡା ଧନିଆପତ୍ର । ତେବେ ଏହି ଖାଦ୍ୟକୁ ପରଷିବା ପୂର୍ବରୁ ନିଜ ହାତରେ ସଜାଇଥିଲେ ଆର୍ଟିଷ୍ଟ ଆରମ୍ କୋର୍ଟେସ୍ । ଏତେ ପରିମାଣର ଖାଦ୍ୟ ଗିନିଜ୍ ବୁକରେ ସ୍ଥାନ ପାଇଥିବା ନେଇ ପ୍ରମାଣ ଦେଖାଇଥିଲେ କାର୍ଲୋସ ଟପିଆ । ଏହା ପୂର୍ବରୁ ମେକ୍ସିକୋରେ ୨,୬୬୯ କିଲୋଗ୍ରାମ ଓଜନ ଖାଦ୍ୟ ରନ୍ଧା ହୋଇ ରେକର୍ଡ କରିଥିଲା ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ୬ ମାର୍ଚ୍ଚ, ୨୦୨୧ Bhubaneswar, Saturday, March 6/2021



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନ୍‌ଶିପ୍‌କୁ ଉଦ୍‌ଘାଟନ କରୁଛନ୍ତି।




ଅଂଶଗ୍ରହଣକାରୀ ବିଭିନ୍ନ ଦଳ।

# ଆଇଏସ୍ଏଲ୍: ଗୋଆ-ମୁମ୍ବାଇ ମ୍ୟାଚ୍ ଡ୍ର

**ମାର୍ଗାଓ, ୫।୩:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶୁକ୍ରବାର ଏଫ୍‌ସି ଗୋଆ ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଖେଳାଯାଇଥିବ ସେମିଫାଇନାଲ ଫାଷ୍ଟ ଲେଗ୍ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଇଗର ଅଙ୍ଗୁଲୋ ୨୦ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ପ୍ରଥମ ଗୋଲ ଦେଇ ଗୋଆକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମୁମ୍ବାଇର ହୁଗୋ ବୌମୋସ ୩୮ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍ ୧-୧ ସମାନସ୍ତରକୁ ଆଣିଥିଲେ। ୫୯ ତମ ମିନିଟ୍‌ରେ ସେଭିଅର ଗାମା ଗୋଲ ଦେଇ ପୁଣି ଥରେ ଗୋଆକୁ ଅଗ୍ରଣୀ କରାଇଥିଲେ। ଶେଷରେ ୬୧ତମ ମିନିଟ୍‌ରେ ମୌର୍ଟୋଡ଼ା ଫଲ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ୨-୨ଗୋଲ ସମାନସ୍ତରକୁ ଆଣିଥିଲେ। ଏହାପରେ ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ସେମିଫାଇନାଲ ଦ୍ୱିତୀୟ ଲେଗ୍ ମ୍ୟାଚ୍‌ରେ ଗୋଆ ଓ ମୁମ୍ବାଇ ୮ ତାରିଖ ସୋମବାର ପରସ୍ପରକୁ ଭେଟିବେ।

# ଜାତୀୟ ସିନିୟର ଭଲିବଲ ଉଦ୍‌ଘାଟିତ

ଭୁବନେଶ୍ୱର,୫।୩ (ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସାଧାରଣ ସମ୍ପାଦକ ଅନିଲ ଚୌଧୁରୀ, ଭିଏଫ୍‌ଆଇ ବରିଷ୍ଠ ଉପସଭାପତି ତଥା କଣ୍ଟ୍ରୋଲ କମିଟି ଅଧ୍ୟକ୍ଷ ରଥିନ ରାୟ, ଏମ୍‌ପି ତଥା ଭିଏଫ୍‌ଆଇ ଅଧ୍ୟକ୍ଷ ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଆୟୋଜନ କମିଟି ଅଧ୍ୟକ୍ଷା ତଥା କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଆୟୋଜନ କମିଟି ସମ୍ପାଦକ ତଥା ଭିଏଫ୍‌ଆଇ ଯୁଗ୍ମ ସମ୍ପାଦକ ଓ ଓଡ଼ିଶା ଭଲିବଲ୍ ଆସୋସିଏଶନ ସାଧାରଣ ସମ୍ପାଦକ ତଥା କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ଅବସରରେ ଏହି ଚାମ୍ପିୟନଶିପ୍‌ରେ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳରୁ ୧୨ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଛନ୍ତି। ଖେଳାଳି ଓ ଅଫିସିଆଲଙ୍କ ଉପସ୍ଥିତିରେ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଉଦ୍‌ଘାଟନୀ କାର୍ଯ୍ୟ ଆରମ୍ଭ ହୋଇଥିଲା।



ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭାରତୀୟ ଭଲିବଲ୍ ଇତିହାସରେ ଓଡ଼ିଶା ପ୍ରଥମଥର ପାଇଁ ଲଗାତର ଦୁଇଥର ଏହି ଚାମ୍ପିୟନଶିପ୍ ଆୟୋଜନ କରୁଛି। ଏହାପୂର୍ବରୁ ଗତବର୍ଷ ଚାମ୍ପିୟନଶିପ୍‌ର ୬୮ତମ ସଂସ୍କରଣ ସଫଳତାର ସହ କିଟ୍‌ରେ ଆୟୋଜିତ ହୋଇଥିଲା। ପ୍ରଥମଥର ଲାଗି ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ କୋର୍ଟରେ ମ୍ୟାଚ୍‌ଗୁଡିକ ଆୟୋଜିତ ହେବ। ଏହି ଚାମ୍ପିୟନଶିପ୍ ମାଧ୍ୟମରେ ନିକଟରେ ଆୟୋଜନ ହେବାକୁ ଥିବା ଏସିଆନ ଚାମ୍ପିୟନଶିପ୍ ଓ ଅନ୍ୟ ଅନ୍ତର୍ଜାତୀୟ ମିଟ୍‌ରେ ଯୋଗଦେବା ପାଇଁ ଖେଳାଳି ଚୟନ କରାଯିବ। ରାଜ୍ୟ ସରକାରଙ୍କ କୋଭିଡ୍-୧୯ ନିୟମାବଳୀକୁ ଦୃଷ୍ଟିରେ ରଖି ଏହି ଇଭେଣ୍ଟ ଆୟୋଜନ କରାଯାଉଛି। ପ୍ରଥମ ଦିବସରେ ପୁରୁଷ ବିଭାଗରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଓ ମହିଳା ବିଭାଗରେ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ପୂର୍ବରୁ ଏକାଧିକ ଜାତୀୟ ଭଲିବଲ୍ ଚାମ୍ପିୟନଶିପ୍ ସଫଳତା ସହ ଆୟୋଜିତ ହୋଇଛି। ପୂର୍ବରୁ ଓଡ଼ିଶାରେ ୨୦୦୯ରେ ୩୬ତମ ଜୁନିୟର ଭଲିବଲ ଚାମ୍ପିୟନଶିପ୍, ୨୦୧୯ରେ ୪୧ତମ ଜାତୀୟ ସବ୍‌ଜୁନିୟର ଭଲିବଲ୍ ଚାମ୍ପିୟନଶିପ୍ ଆୟୋଜନ ହୋଇଛି।

## ପୁରୁଷ ବର୍ଗରେ ଓଡ଼ିଶାର ବିଜୟ ଅଭିଯାନ

## ଲଢ଼େଇ କରି ହାରିଲା ମହିଳା ଦଳ

ପୁରୁଷ ବର୍ଗରେ ଓଡ଼ିଶା ଉଦ୍‌ଘାଟନୀ ମ୍ୟାଚ୍‌ରେ ୩-୦ରେ ମଧ୍ୟପ୍ରଦେଶକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ୨୫-୨୦, ୨୫-୨୦, ୨୮- ୨୬ରେ ମଧ୍ୟପ୍ରଦେଶକୁ ହରାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ପଶ୍ଚିମବଙ୍ଗ ୩-୦ରେ ଦିଲ୍ଲୀକୁ ହରାଇଛି। ତୃତୀୟ ମ୍ୟାଚ୍‌ରେ ଛତିଶଗଡ଼ ପୁରୁଷ ଦଳ ୩-୦ରେ ଲଦାଖକୁ ହରାଇ ଅଭିଯାନ ଆରମ୍ଭ କରିଛି। ମହିଳା ବିଭାଗରେ କିନ୍ତୁ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ହାରି ଯାଇଛି। କଡ଼ା ସଂଘର୍ଷ ପରେ ଓଡ଼ିଶା ଦଳ ରାଜସ୍ଥାନଠାରୁ ୧୯-୨୫, ୨୫-୯, ୧୭-୨୫, ୨୫-୧୮ ଓ ୧୪-୧୬ ପଏଣ୍ଟରେ ପରାସ୍ତ ହୋଇଛି।




# ରାଜେଶ ସିଏସ୍‌କେର ନେଟ୍ ବୋଲର

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)



ରାଜେଶ ମହାନ୍ତି

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଓଡ଼ିଶା ଖେଳାଳିମାନେ ନିକଟ ଅତୀତରେ ଖେଳିବାରେ ସକ୍ଷମ ହୋଇନାହାନ୍ତି। ନିଲାମ ପ୍ରକ୍ରିୟାରେ ମଧ ସେମାନେ ସାମିଲ ହୋଇପାରି ନାହାନ୍ତି। ମାତ୍ର ଆଗାମୀ ସଂସ୍କରଣ ପାଇଁ ଦ୍ରୁତ ବୋଲର ରାଜେଶ ମହାନ୍ତି ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ)ର ନେଟ୍ ବୋଲର ହେବାର ସୌଭାଗ୍ୟ ପାଇଛନ୍ତି। ରାଜେଶ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଜଣେ ପଞ୍ଜୀକୃତ ଖେଳାଳି ଏବଂ ଏମ୍‌ଆରଏଫ୍ ପେସ୍ ଫାଉଣ୍ଡେଶନରେ ଫୁଲ୍ ଟାଇମ୍ ଟ୍ରେନିଂ ନେଇଛନ୍ତି। ଏମ୍‌ଆରଏଫ୍ ଫାଉଣ୍ଡେଶନ ପକ୍ଷରୁ ରାଜେଶଙ୍କ ନାମ ସୁପାରିସ କରାଯାଇଛି। ଜୁନିୟର କ୍ରିକେଟରେ ନିଜ ପ୍ରତିଭା ଦେଖାଇଥିବା ଏହି ୨୦ ବର୍ଷୀୟ ଦ୍ରୁତ ବୋଲର ଏବେ ଓଡ଼ିଶା ସିନିୟର କ୍ରିକେଟ ଦଳର ସଦସ୍ୟ। ଆଗାମୀ ଆଇପିଏଲ୍‌ରେ ସିଏସ୍‌କେର ନାମୀ ଖେଳାଳିଙ୍କୁ ନେଟ୍ସରେ ବୋଲିଂ କରି ଅନେକ ଅଭିଜ୍ଞତା ହାସଲ କରିବେ ରାଜେଶ। ନିଜ ଦକ୍ଷତା ବଢ଼ାଇବାରେ ଏହା ନିଶ୍ଚିତ ସହାୟକ ହେବ। ଏପରି ଏକ ସୁଯୋଗ ପାଇଥିବାରୁ ରାଜେଶଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସ୍ୱିତୋଲିନା, ପ୍ଲିସ୍‌କୋଭାଙ୍କ ବିପର୍ଯ୍ୟୟ

**ଦୋହା, ୫।୩ (ଏପି):** କାତାର ଓପନ ଟେନିସ୍ ପ୍ରତିଯୋଗିତାରେ ଦୁଇ ଟପ୍ ସିଡ୍ ଖେଳାଳି ଏଲିନା ସ୍ୱିତୋଲିନା ଓ କାରୋଲିନା ପ୍ଲିସ୍‌କୋଭାଙ୍କ ବିପର୍ଯ୍ୟୟ ଘଟିଛି। କ୍ୱାର୍ଟରଫାଇନାଲରେ ଭିକ୍ଟୋରିଆ ଆଜାରେଙ୍କା ୬-୨, ୬-୪ ସେଟ୍‌ରେ ଟପ୍ ସିଡ୍ ସ୍ୱିତୋଲିନାଙ୍କୁ ପରାସ୍ତ କରିଥିବାବେଳେ ଜେସିକା ପେଗୁଲା ୬-୩, ୬-୧ ସେଟ୍‌ରେ ପ୍ଲିସକୋଭାଙ୍କୁ ହରାଇ ଦେଇଛନ୍ତି। ବେଲାରୁଷର ଆଜାରେଙ୍କା ବର୍ତ୍ତମାନ ଗାର୍ବିନ ମୁଗୁରୁଜାଙ୍କୁ ଭେଟିବେ। ମୁଗୁରୁଜା କ୍ୱାର୍ଟରଫାଇନାଲରେ ମାରିଆ ସାକାରିଙ୍କୁ ୬-୩, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି।

# ହର୍ଷିତ ଚାମ୍ପିୟନ, ପ୍ରତୀକ ରନର୍ସଅପ୍

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)

## ବନବିହାରୀ ସ୍ମାରକୀ ସ୍କୁଲ ଓପନ ଚେସ୍

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲ୍‌ରେ ଅନୁଷ୍ଠିତ ତୃତୀୟ ବନବିହାରୀ ପଟ୍ଟନାୟକ ସ୍ମାରକୀ ସ୍କୁଲ ଓପନ ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଓ ପ୍ରତୀକ କୁଶାଳ ରାଉତ ରନର୍ସଅପ୍ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ୬ ପଏଣ୍ଟ ସହିତ ପ୍ରଥମସ୍ଥାନରେ ଥିବାବେଳେ ପ୍ରତୀକ ଓ ବିକାଶ କୁମାର ଲେଙ୍କା ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନମସ୍ୟ ନଳିନୀ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ବୈଭବ ଘୋଷ, ଲଳିତ ରଞ୍ଜନ ସାହୁ, ମନସିଜ ସାମଲ, ଅଂଶୁମାନ ପତି (ସମସ୍ତେ ୪ ପଏଣ୍ଟ) ଓ ତମନ୍ନା ତ୍ରିପାଠୀ (୩.୫) ଟପ୍-୧୦ରେ ରହିଛନ୍ତି। ଏହା ବ୍ୟତୀତ ତନିରିକା ସାହୁ, ଅଦିତି ମହାରଣା, ଈଶାନି ଦାସ, ରିଶିତ ଦେବନାଥ, ସାଇ ଅମୃତ ପରିଜା, ଅରୋସ୍ୱର୍ଣ୍ଣ ଚୌଧୁରୀ, ଅବିନାଶ ଆଚାର୍ଯ୍ୟ, ଦିୟା ଦାସଙ୍କୁ ସ୍ୱତନ୍ତ୍ର ପୁରସ୍କାର ଏବଂ କଳ୍ପତରୁ ସାହୁ, ବାସ୍ତମ ମିଶ୍ର, ସ୍ମୃତି ରଞ୍ଜନ ସାହୁ, ସ୍ୱପ୍ନିଲ କୁମାର ପଣ୍ଡା, ଅନନ୍ୟ ଗୁପ୍ତା ଏବଂ କ୍ରିଷ୍ଣା କୌସ୍ତୁଭଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପ୍ରିନ୍ସିପାଲ ଲିପ୍ସିତା ମହାନ୍ତି, ନିର୍ଦ୍ଦେଶକ ସିକତା ଦାସ, ଭାଇସ ପ୍ରିନ୍ସିପାଲ ପୁଷ୍ପିତା ଉପାଧ୍ୟାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ବନବିହାରୀ ପଟ୍ଟନାୟକଙ୍କ କନ୍ୟା ଶୁଭଲକ୍ଷ୍ମୀ ପଟ୍ଟନାୟକ ଉପସ୍ଥିତ ଥିଲେ।




ସ୍କୁଲ୍ ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ